


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୨ ଜୁଲାଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 12 JULY 2021
Vol.No. 32 ■ No. 176 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# କୋଭିଡ କଟକଣା ଭିତରେ ଆଜି ବିଶ୍ୱପ୍ରସିଦ୍ଧ ରଥଯାତ୍ରା

## ଆଜ୍ଞାମାଳ ବିଜେ ପରେ ସିଂହଦ୍ୱାର ସମ୍ମୁଖରେ ଲାଗିଲା ତିନି ରଥ



ପୁରୀ,୧୧/୦୭ (ନି.ପ୍ର): ରଥ ପ୍ରସ୍ତୁତ, ପଥ ପ୍ରସ୍ତୁତ । ସିଂହଦ୍ୱାର ସାମ୍ନାରେ ମହାପ୍ରଭୁଙ୍କୁ ଚାହିଁ ରହିଛନ୍ତି ତିନି ରଥ । ରାତି ପାହିଲେ ବିନା ଭକ୍ତରେ ଘୋଷ ଯାତ୍ରାରେ ବାହାରିବେ ଚତୁର୍ଦ୍ଧାମୁରତୀ । ରତ୍ନବେଦୀ ଛାଡ଼ି ନବଦିନାତ୍ମକ ଯାତ୍ରାରେ, ଜନ୍ମବେଦୀକୁ ଯାତ୍ରା କରିବେ ବିଶ୍ୱନିୟନ୍ତା । ଯେଉଁଥିପାଇଁ ସକାଳେ ଆଜ୍ଞାମାଳ ବିଜେ ହେବା ପରେ ରଥଖଳାରୁ ତିନି ରଥଙ୍କୁ ସିଂହଦ୍ୱାର ଆଗକୁ ଟାଣି ଆଣିଛନ୍ତି ସେବାୟତ । ସୋମବାର ରଥ ଉପରେ କନକମୁଣ୍ଡି ସ୍ଥାପନ ଓ ରଥ ପ୍ରତିଷ୍ଠା ପରେ ଧାଡ଼ି ପହଣ୍ଡିରେ ରଥାରୂଢ଼ ହେବେ ଚତୁର୍ଦ୍ଧା ବିଗ୍ରହ । ସକାଳେ ମଙ୍ଗଳଆଳତି, ମଇଲମ ଆଦି ନୀତି ପରେ ୬.୩୦ରୁ ୭.୩୦ ମଧ୍ୟରେ ଅନୁଷ୍ଠିତ ହେବ ଗୋପଳ ବଲ୍ଲଭ ଓ ସକାଳଧୂପ । ୮ଟାରେ ରଥ ପ୍ରତିଷ୍ଠା, ମଙ୍ଗଳାର୍ପଣ ପରେ ୮ଟା.୩୦ରୁ ୧୧ଟା ୩୦ ମଧ୍ୟରେ ଧାଡ଼ି ପହଣ୍ଡି ଶେଷ ହେବ । ପୁରୀ ସହରରେ ଆଜି ରାତି ୮ଟାରୁ ୧୩ ତାରିଖ ୮ ତାରିଖ ଯାଏଁ କର୍ଫ୍ୟୁ ଜାରି ରହିବ । ରଥଯାତ୍ରାକୁ ଦୃଷ୍ଟିରେ ରଖି ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଓ ସିସିଟିଭି ନଜରରେ ରହିବ ପୁରୀ ସହର । ପ୍ରାୟ ୬୫ ପ୍ଲାଟୁନ୍ ଫୋର୍ସ ସହ ସାଧା ପୋଷାକଧାରୀ ପୁଲିସ୍ ନିୟୋଜିତ ରହିବେ । ସୁରକ୍ଷା ଦୃଷ୍ଟିରୁ ବଡ଼ଦାଣ୍ଡକୁ ୪ଟି ଜୋନ୍ ଏବଂ ସହରକୁ ୧୨ଟି ଜୋନ୍ରେ ବିଭକ୍ତ କରାଯାଇଛି । ବିନାଭକ୍ତରେ ରଥଯାତ୍ରା ହେଉଥିବାରୁ ଭକ୍ତମାନେ ଯେଭଳି ବଡ଼ଦାଣ୍ଡ ଆସିବେ ନାହିଁ ସେଥିପାଇଁ ଗଳିକନ୍ଦିରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି । ସେହିଭଳି, ଶ୍ରଦ୍ଧାଳୁମାନେ ଯେଭଳି ନିଜ ଛାତ ଓ ବାଲକୋନୀକୁ ଯିବେ ନାହିଁ, ତା ଉପରେ ମଧ୍ୟ ପୁଲିସ୍ ପ୍ରଶାସନର ନଜର ରହିବ । କରୋନା କାଳରେ ହେଉଥିବା ମହାପ୍ରଭୁଙ୍କ ଘୋଷଯାତ୍ରାରେ ଗତବର୍ଷ ଭଳି ଏବର୍ଷ ମଧ୍ୟ କଟକଣା ଲାଗିଛି । ତେଣୁ ଘରେ ରହି ଟିଭି କିମ୍ବା ଡିଜିଟାଲ ମାଧ୍ୟମରେ ରଥଯାତ୍ରା ଦେଖିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

ଲକ୍ଷ୍ନୌରୁ ୨ ଆତଙ୍କବାଦୀ ଗିରଫ ହେବା ଘଟଣା

# ଆତ୍ମଘାତୀ ବିସ୍ଫୋରଣ ପାଇଁ କରିଥିଲେ ଯୋଜନା : ପୋଲିସ ଅଧିକାରୀ

ନୂଆଦିଲ୍ଲୀ,୧୧/୦୭: ଆଜି ଏଟିଏସ ପକ୍ଷରୁ ଚଢାଉ କରାଯାଇ ଉତ୍ତରପ୍ରଦେଶର ଲକ୍ଷ୍ନୌ ସହର ନିକଟରେ ଥିବା ଏକ ବିଲ୍ଡିଂରୁ ଦୁଇଜଣ ଆତଙ୍କବାଦୀଙ୍କୁ ଗିରଫ୍ କରିବା ସହ ବିପୁଳ ପରିମାଣର ଆତ୍ମଘାତୀ ସାମଗ୍ରୀ ଜବତ କରିଛି । ଏହାପରେ ସନ୍ଦିଗ୍ଧ ୨ଜଣଙ୍କୁ ପଚରା ଉଚରା କରିବା ପରେ ପୋଲିସ କହିଛି କି ଏହି ସନ୍ଦିଗ୍ଧ ୨ ଜଣଙ୍କର ଆତଙ୍କବାଦୀ ସଂଗଠନ ଅଲ କାଏଦା ସହ ସଂପର୍କ ରହିଛି । ଏମାନେ ଦେଶର ବିଭିନ୍ନ ସହରରେ ଆତ୍ମଘାତୀ ବିସ୍ଫୋରଣ କରିବାକୁ ଯୋଜନା କରିଥିଲେ । ଗିରଫ ହୋଇଥିବା ୨ ଜଣ ହେଉଛନ୍ତି ଲକ୍ଷ୍ନୌ ସହରରେ ରହୁଥିବା ମୀନାଜ ଅହମ୍ମଦ ଓ ▶▶ପୃଷ୍ଠା ୭











# ହୀରାକୁଦରୁ ଛଡାଗଲା ବର୍ଷର ପ୍ରଥମ ବନ୍ୟାଜଳ

## ଦୁଇଟି ଗେଟ ଦେଇ ସେକେଣ୍ଡ ପିଛା ୧୫ହଜାର କ୍ୟୁସେକ ଜଳ ନିଷ୍କାସିତ



ଭୁବନେଶ୍ୱର,୧୧/୦୭(ନି.ପ୍ର): ହୀରାକୁଦରେ ୨ଟି ଗେଟ୍ ଖୋଲିଲା ଏବଂ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ଛଡ଼ାଗଲା । ଆଜି ସକାଳ ୧୦ଟା ୭ମିନିଟ୍ ସମୟରେ ପ୍ରଥମେ ପୂଜାର୍ଚ୍ଚନା ପରେ ୭ ନମ୍ବର ଗେଟ ଖୋଲିଛି । ଏବେ ହୀରାକୁଦ ରେ ୬୦୯.୩୯ଫୁଟ ଜଳ ଅଛି । ଉପର ମୁଣ୍ଡରେ ଲଗାତାର ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଲଗାତାର ଭାବେ ବୃଦ୍ଧି ପାଉଥିବାରୁ ହୀରାକୁଦ ଗେଟ୍ ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିବା ହୀରାକୁଦ ହେଡ୍ ୱାର୍କସ ଓ ଅତିରିକ୍ତ ସ୍ପିଲ୍ ୱେ'ର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ନିରାକାର ବିଶି ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଶନିବାର ସନ୍ଧ୍ୟା ୬ଟାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୮.୬୯ ରହିଥିଲା । ଜଳଭଣ୍ଡାରକୁ ୭୪,୫୨୧ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ୨୩,୪୮୩ କ୍ୟୁସେକ ଜଳ ନିଷ୍କାସିତ ହେଉଥିଲା । ଏଥିରୁ ପାୱାର ଚାନେଲ ଦେଇ ୧୯,୦୨୦ କ୍ୟୁସେକ ଓ କେନାଲଗୁଡ଼ିକରେ ୪,୧୯୧ କ୍ୟୁସେକ ପାଣି ଛଡ଼ାଯାଇଥିବା ବେଳେ ▶▶ପୃଷ୍ଠା ୭

## ଦିଲ୍ଲୀରେ କାଲିଠୁ ଖୋଲିବ ସ୍କୁଲ ଅଡିଟୋରିୟମ, ଟ୍ରେନିଂ ଇନଷ୍ଟିଚ୍ୟୁଟ୍

ନୂଆଦିଲ୍ଲୀ,୧୧/୦୭: ଦିଲ୍ଲୀରେ କରୋନା ସଂକ୍ରମଣ ହାର କମିଛି । ଦୈନିକ ସଂକ୍ରମଣ ସଂଖ୍ୟା ୧୦୦ ତଳକୁ ଆସିଛି । ଏହାରି ମଧ୍ୟରେ ରବିବାର ଦିନ ଦିଲ୍ଲୀ ସରକାର ଅନଲାକ୍-୭ ର ଗାଇଡ ଲାଇନ ଜାରି କରିଛନ୍ତି । ନୂଆ ନିର୍ଦ୍ଦେଶନାମା ମୁତାବକ ସୋମବାର ଅର୍ଥାତ ଜୁଲାଇ ୧୨ ତାରିଖରୁ ଦିଲ୍ଲୀରେ ଏଜୁକେଶନ ଟ୍ରେନିଂ ଓ ମିଟିଂ ପାଇଁ ସ୍କୁଲ, ଅଡିଟୋରିୟମ ଆଦି ୫୦ ପ୍ରତିଶତ କ୍ଷମତା ସହ ଖୋଲିବ । ହେଲେ ▶▶ପୃଷ୍ଠା ୭

## ଜଳଜୀବନ ମିଶନ ଅନ୍ତର୍ଗତ ଓଡ଼ିଶାକୁ ୩,୩୨୩ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ

ନୂଆଦିଲ୍ଲୀ,୧୧/୦୭ (ନି.ପ୍ର): ଦେଶର ପ୍ରତ୍ୟେକ ପରିବାରକୁ ଟ୍ୟାପ ଜରିଆରେ ସ୍ୱଚ୍ଛ ଜଳ ଯୋଗାଣ ଜରିଆରେ, ବିଶେଷ କରି ମହିଳା ଓ ଶିଶୁଙ୍କ ଜୀବନରେ ସୁଧାର ଆଣିବା ଲାଗି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସଂକଳ୍ପ ଅନୁରୂପ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜଳ ଜୀବନ ମିଶନ ଅନ୍ତର୍ଗତ ଓଡ଼ିଶାକୁ ୨୦୨୧-୨୨ ଆର୍ଥିକ ବର୍ଷ ଲାଗି ୩୩୨୩.୪୨ କୋଟି ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଛି । ୨୦୨୦-୨୧ ଆର୍ଥିକ ବର୍ଷରେ ଏହି ପରିମାଣ ୮୧୨.୧୫ କୋଟି ଟଙ୍କା ଥିଲା । କେନ୍ଦ୍ର ▶▶ପୃଷ୍ଠା ୭

## ଟେରର୍ ଫଣ୍ଡିଂ ମାମଲାରେ ଏନଆଇଏ ପକ୍ଷରୁ କଶ୍ମୀର ଘାଟିରେ ଚଢ଼ଉ : ୫ ଜଣଙ୍କୁ ହେପାଜତକୁ ନେଲା

ଶ୍ରୀନଗର,୧୧/୦୭ (ନି.ପ୍ର): ଟେରର୍ ଫଣ୍ଡିଂ ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) କଶ୍ମୀର ଘାଟିର ଅନନ୍ତନାଗ, ବାରାମୁଲା, ଅବନ୍ତିପୁର, ଶ୍ରୀନଗରର କେତେକ ସ୍ଥାନରେ ଚଢ଼ଉ କରିଛି । ଅଦ୍ୟାବଧି ୫ ଜଣଙ୍କୁ ହେପାଜତକୁ ନେଇଛି । ସେମାନଙ୍କ ମଧ୍ୟରୁ ଅନନ୍ତନାଗରୁ ୪ ଜଣ ଓ ଶ୍ରୀନଗରରୁ ଜଣେ ରହିଛନ୍ତି । ଶନିବାର ଦିନ କାଶ୍ମିର ଘାଟିରେ ମୋଷ୍ଟୱାଂଟେଡ ଆତଙ୍କବାଦୀ ସଲାହୁଦ୍ଦିନର ଦୁଇ ପୁଅଙ୍କ ସମେତ ୧୧ ଜଣ ସରକାରୀ କର୍ମଚାରୀଙ୍କୁ ଚାକିରୀରୁ ବରଖାସ୍ତ କରାଯିବା ପରେ ଏନଆଇଏ ପକ୍ଷରୁ ଏହି ଚଢ଼ଉ ଆଜି ଆରମ୍ଭ ହୋଇଛି । ଦେଶ ବିରୋଧି ଗତିବିଧିରେ ସାମିଲ୍ ରହିବା ତଥା ଆତଙ୍କୀ ସଂଗଠନ ଗୁଡିକୁ ସହାୟତା ଯୋଗାଇବା ଅଭିଯୋଗରେ ଏମାନଙ୍କ ଉପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ବରଖାସ୍ତ ହୋଇଥିବା ଏହି ସରକାରୀ କର୍ମଚାରୀ ମାନଙ୍କ ମଧ୍ୟରେ ଜମ୍ମୁ-କଶ୍ମୀରର ଦୁଇ ଜଣ କନଷ୍ଟେବଳ ରହିଛନ୍ତି । ବରଖାସ୍ତ ହୋଇଥିବା ୧୧ ଜଣ କର୍ମଚାରୀଙ୍କ ମଧ୍ୟରେ ଅନନ୍ତନାଗର ▶▶ପୃଷ୍ଠା ୭

# ଆଜି ରାଜ୍ୟରେ ସବୁଠାରୁ କମ୍ ଟିକାକେନ୍ଦ୍ରରେ ଦିଆଯିବ ଟିକା

## ଚାଲୁ ରହିବ ମାତ୍ର ୧୨ ସେସନ ସାଇଟ୍



ଭୁବନେଶ୍ୱର,୧୧/୦୭(ନି.ପ୍ର): ଆଜି ରାଜ୍ୟରେ ସବୁଠାରୁ କମ୍ ଟିକାକେନ୍ଦ୍ରରେ ଦିଆଯିବ ଟିକା । ସାରା ରାଜ୍ୟରେ ମାତ୍ର ୧୨ଟି ସେସନ ସାଇଟରେ କରାଯିବ ଟିକାକରଣ । ଗଞ୍ଜାମରେ ୪ଟି, ନବରଙ୍ଗପୁରରେ ୪ଟି, ପୁରୀରେ ୩ ଓ ସୁନ୍ଦରଗଡରେ ଗୋଟିଏ କେନ୍ଦ୍ର ଚାଲିବ । ଟିକାକରଣ ଆରମ୍ଭ ହେବା ଦିନଠାରୁ କୌଣସି ଦିନରେ ଏହା ସର୍ବନିମ୍ନ । ଓଡିଶାରେ ଏବେ ମାତ୍ର ୪୧ ହଜାର ୨୯୦କୋଭିସିଲ୍ଡ ଟିକା ରହିଛି । ସେହିପରି ୩ଲକ୍ଷ ୫୪ ହଜାର ୧୩୦ କୋଭାକ୍ସିନ ଟିକା ରହିଛି । ଟିକା ଅଭାବ ଯୋଗୁଁ ଗତକାଲି ସାରା ରାଜ୍ୟର ୩୨୨ ଟି କେନ୍ଦ୍ରରେ ୬୦ ହଜାର ୫୭ ଲୋକଙ୍କୁ ଟିକାକରଣ କରାଯାଇଥିଲା । ଟିକା ଯୋଗାଇ ଦେବାକୁ କିଛି ଦିନ ତଳେ କେନ୍ଦ୍ରକୁ ଚିଠି ଲେଖିଥିଲେ ରାଜ୍ୟ ସରକାର । କିନ୍ତୁ ଟିକା ପହଁଚି ନଥିବାରୁ ଟିକାକରଣ ପ୍ରଭାବିତ ହୋଇଛି ବୋଲି କୁହାଯାଉଛି । ଟିକାର ଅଭାବ କାରଣରୁ ରାଜ୍ୟରେ ଟିକାକରଣ ଆଗେଇ ପାରୁନି । ଯାହାକୁ ନେଇ ବିବାଦ ତେଜିବାରେ ଲାଗିଛି । ଗତକାଲି ଭୁବନେଶ୍ୱରର ଏକ ଟିକା କେନ୍ଦ୍ରରେ ଟିକାକରଣକୁ ନେଇ ଅସନ୍ତୋଷ ଦେଖିବାକୁ ମିଳିଥିଲା । ଟିକାଦାନ କେନ୍ଦ୍ରରେ ଅବ୍ୟବସ୍ଥା ନେଇ ଧାରଣାରେ ବସିଥିଲେ ଲୋକେ ।






# କାନ୍ଦାହାର ବାଣିଜ୍ୟ ଦୂତାବାସରୁ ଭାରତୀୟ କୂଟନୀତିଜ୍ଞ ଓ ଅଧିକାରୀଙ୍କୁ ସୁରକ୍ଷିତ ଭାବେ ବାହାରକୁ ଅଣାଯାଇଛି : ବୈଦେଶିକ ମନ୍ତ୍ରଣାଳୟ



କନକ ବ୍ୟୁରୋ : କାନ୍ଦାହାରରେ ଅଶାନ୍ତି ଦେଖାଦେଇଛି, ତାଲିବାନ ପକ୍ଷରୁ ଆଫଗାନିସ୍ଥାନର ଦକ୍ଷୀଣ ସହର ଆଖ ପାଖ ଅଞ୍ଚଳକୁ ଦଖଲ କରିନିଆଯାଇଥିବା ଦାବି କରାଯିବା ପରେ ଭାରତ ପକ୍ଷରୁ ଆକ୍ସନ ନିଆଯାଇଛି । କାନ୍ଦାହାର ବାଣିଜ୍ୟ ଦୂତାବାସରେ ରହୁଥିବା ଭାରତୀୟ କୂଟନୀତିଜ୍ଞ ଓ ଅଧିକାରୀ ମାନଙ୍କୁ ବୈଦେଶିକ ମନ୍ତ୍ରଣାଳୟର ସହାୟତାରେ ଭାରତୀୟ ବାୟୁସେନା ଦ୍ୱାରା ସେଠାରୁ ବାହାରକୁ ଅଣାଯାଇଛି । ସୂଚନା ମିଳିଛି କି କାନ୍ଦାହାର ସ୍ଥିତ ବାଣିଜ୍ୟ ଦୂତାବାସ ରୁ ଭାରତୀୟ କୂଟନୀତିଜ୍ଞ ଓ ଅନ୍ୟମାନଙ୍କୁ ବାହାର କରିବା ପାଇଁ ଭାରତୀୟ ବାୟୁସେନାର ସ୍ୱତନ୍ତ୍ର ବିମାନ ବ୍ୟବହାର କରାଯାଇଛି । କାଲି ରାତିରେ ଦୂତାବସରେ ଥିବା ସମସ୍ତ ଭାରତୀୟଙ୍କୁ ସ୍ୱଦେଶ ପ୍ରତ୍ୟାବର୍ତନ କରାଯାଇଛି । ଏକ ବୟାନ ଜାରୀକରି ବିଦେଶ ମନ୍ତ୍ରଣାଳୟ ଏହି ସୂଚନା ଦେଇଛି । ଏହାସହ ମନ୍ତ୍ରଣାଳୟ କହିଛି କି ଆଫଗାନିସ୍ଥାନର ଭାରତର ଏକ ପଡୋଶୀ ଦେଶ ହୋଇଥିବାରୁ ସେଠାରେ କିଭଳି ଶାନ୍ତି, ସଦଭାବ ଓ ସଂପ୍ରଭୂତା ବଜାୟ ରହିବ ତା ଉପରେ ଭାରତ ନିଶ୍ଚିନ୍ତ ଧ୍ୟାନ ରଖିବ । ଅନ୍ୟପଟେ ଭାରତ ଅଫାଗାନିସ୍ଥାନର ସ୍ଥିତି ଉପରେ ନଜର ରଖିଥିବା କୁହାଯାଇଛି । ଏହାସହ ଆବଶ୍ୟକ ପଡିଲେ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି । ଅନ୍ତର୍ଜାତୀୟ ଗଣମାଧ୍ୟମର ▶▶ପୃଷ୍ଠା ୭

# ଗଞ୍ଜାମ ଜିଲ୍ଲାର ଶ୍ରମିକ ପାଇଁ ୬୫.୮୩ କୋଟିର ସ୍ୱତନ୍ତ୍ର କୋଭିଡ୍ ସହାୟତା

ଗଞ୍ଜାମ,୧୧/୭ (ନି.ପ୍ର): ଗଞ୍ଜାମ ଜିଲ୍ଲାର ମନରେଗା ଶ୍ରମିକ ମାନଙ୍କ ପାଇଁ ୬୫.୮୩ କୋଟିର ସ୍ୱତନ୍ତ୍ର କୋଭିଡ୍ ସହାୟତା ପ୍ରଦାନ କରାଯାଇଛି । ମହାତ୍ମାଗାନ୍ଧି ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) ରେ କାର୍ଯ୍ୟ କରିଥିବା ଶ୍ରମିକ ମାନଙ୍କୁ ଦୈନିକ ମଜୁରୀ ସହ ଅତିରିକ୍ତ ୫୦ ଟଙ୍କା କୋଭିଡ୍ ସହାୟତା ଦେବା ପାଇଁ ସ୍ଥିର ହୋଇଛି । ଅପ୍ରେଲ ୧ ଠାରୁ ଜୁନ୍ ୩୦ ତାରିଖ ମଧ୍ୟରେ ମନରେଗା ଯୋଜନାରେ କାମ କରୁଥିବା ଗଞ୍ଜାମ ଜିଲ୍ଲାର ୩ ଲକ୍ଷ ୪୯ ହଜାର ୪୪୬ ଜଣ ଶ୍ରମିକ ଏହାର ଲାଭ ପାଇବେ । ଏହି ଅବସରରେ ଛତ୍ରପୁର ବ୍ଲକ କଣମଣା ପଚାଂୟତର ମହିଳା ଶ୍ରମିକ ଏସ. ନିକିଆମ୍ମା ଏବଂ ଚିକଲଖଣ୍ଡି ପଚାଂୟତର ପୁରୁଷ ଶ୍ରମିକ କୈଳାସ ଗୌଡଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଆଲୋଚନା କରିଥିଲେ । ଶ୍ରମିକ ମାନଙ୍କୁ ସ୍ୱତନ୍ତ୍ର କୋଭିଡ୍ ସହାୟତା ପ୍ରଦାନ କରିଥିବାରୁ ଶ୍ରମିକ ମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ । ଆୟୋଜିତ ଏକ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଡିଆରଡିଏ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିଶଙ୍କର ରାୟ ଏବଂ ଶ୍ରମିକ ମନେ ଉପସ୍ଥିତ ଥିଲେ ।

# ନକଲି ପାଣିର ବହୁଳ ବ୍ୟବହାର : ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଶୂନ

ଧର୍ମଶାଳା,୧୧/୭ (ନି.ପ୍ର): ଜିଲା ପ୍ରଶାସନ ପକ୍ଷରୁ ବାରମ୍ବାର ପାଣି ପାଉଚର ବ୍ୟବହାରକୁ ନିସିଦ୍ଧ କରାଯାଉଥିଲେ ସୁଦ୍ଧା ଯାଜପୁର ଜିଲା ଧର୍ମଶାଳା, ରସୁଲପୁର,ବଡଚଣା ଓ ବରୀ ବ୍ଲକରେ ଏହାର ବହୁଳ ଭାବେ ବିକ୍ରୀ ଚାଲିଛି । ପ୍ରତିଦିନ ବିଭିନ୍ନ ଭୋଜି,ଛୋଟ ମୋଟ କାର୍ଯ୍ୟକ୍ରମ,ସରକାରୀ କାର୍ଯ୍ୟକ୍ରମ ଏବଂ ଭୋଜିମାନଙ୍କରେ ମଧ୍ୟ ବହୁଳ ବ୍ୟବହାର ଦେଖିବାକୁ ମିଳିଛି । ବହୁଦିନ ପୂର୍ବରୁ କିଛି ଆଖି ଦୃଶିଆ ଭାବେ କାଁ ଭାଁ ସ୍ଥାନରେ ଛୋଟଛୋଟ ଦୋକାନମାନଙ୍କରେ ଚଢାଉ ହୋଇଥିଲା । କିନ୍ତୁ ପରବର୍ତ୍ତି ପର୍ଯ୍ୟାୟରେ ତାହା ଯେତେ ମାଠୁଛୁ ମାଠ ନୀତିରେ ଏହି ବ୍ୟବସାୟ କ୍ରମଶଃ ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଏବେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ଏବେ ଏହାର ବ୍ୟବହାର ଆଶାଠୁ ଅଧିକ ଖୁଲମ ଖୁଲା ବିକ୍ରୀ ବୃଦ୍ଧି ପାଇଛି । ଫଳରେ ଏହି କାର୍ଯ୍ୟାନୁଷ୍ଠାନ ପାଣିରଗାର ସଦୃଶ ହୋଇଛି । ଜିଲା ବାହାରୁ କିଛି ବେଆଇନ ଏବଂ ବିନା ଲାଇସେନସ୍‌ରେ ପାଣି ପାଉଚ କାରଖାନା ଖୋଲୁଛି । ପାଉଚ ପାଣି ପ୍ୟାକେଟରେ କୌଣସି ଅବଧି ନ ଥିବା ବେଳେ ଆଇଏସ୍ଆଇ ମାର୍କ ମଧ୍ୟ ରହୁନାହିଁ । କିନ୍ତୁ ଏହାର ମାନ୍ୟତା ଯାଞ୍ଚ କରାଯାଉ ନାହିଁ । ଏଣେ ଲୋକମାନେ ମଧ୍ୟ ବାରମ୍ବାର ସଚେତନ କରାଗଲେ ମଧ୍ୟ ସଚେତନ ଅଭାବରୁ ଦିନକୁ ଦିନ ପାଣି କାରଖାନା ବୃଦ୍ଧି ପାଉଛି । କମ୍ପାନୀମାନେ ଏହି ପାଣିକୁ ବିଭିନ୍ନ ଧର୍ମଶାଳା ବ୍ଲକର ଜାରକା, କାଏମା, ବାରବାଟୀ,ନେଉଳପୁର ଓ ଜେନାପୁର, ରସୁଲପୁର ବ୍ଲକର କୁଆଖିଆ, ହରିପୁର,ବରୁଆଁ ଓ ବ୍ରହ୍ମବରଦା , ବଡଚଣା ବ୍ଲକର ଚଣ୍ଡିଖୋଲ, କଂଟିଗଡିଆ, ବାଲିଚନ୍ଦ୍ରପୁର, ଛତିଆ ଓ ବରୀ ବ୍ଲକ ବରୀ, ସୁଜନପୁର, ବାଲିଆପାଳ, ବରୀ ମାଉଁଣ୍ଡ, ବାଲିଆ ଆଦି ଗୁରୁତ୍ୱପୂର୍ଣ୍ଣ ଅଂଚଳରେ ବଡବଡ ଦୋକାନୀମାନଙ୍କୁ ବେଧଡକଭାବେ ଯୋଗାଇ ଦେଇଥାଆନ୍ତି । କିଛି ମାସ ତଳେ ପାଉଚ ପାଣିରେ ଇବୋଲା ଭାଇରସକୁ ନେଇ ଆତଙ୍କ ସୃଷ୍ଟି ହୋଇଥିଲା । କିଛିଦିନ ସଚେତନ ଲୋକେ ଏହାର ବ୍ୟବହାର କରିନଥିଲେ କିନ୍ତୁ ପରବର୍ତ୍ତି ପର୍ଯ୍ୟାୟରେ ପାଉଚର ବ୍ୟବହାର ଦିନକୁ ଦିନ ବଢୁଛି । ଏହା ଏକ ଲଜ୍ଜାଜନକ ବ୍ୟବସାୟ ହୋଇଥିବାରୁ କିଛଇ ଅସାଧୁ ଅଧିକାରୀଙ୍କୁ ବ୍ୟସାୟୀମାନେ ହାତ ବାରିସି କରି ବ୍ୟବସାୟ ବଢାଇବାରେ ଲାଗିଛନ୍ତି । ପ୍ରଶାସନ ତରଫରୁ ବେଆଇନ କାରଖାନା ପ୍ରତି କୌଣସି ପଦକ୍ଷେପ ନେବା ତ ଦୂର କଥା ପାଣିର ମାନ୍ୟତାକୁ ମଧ୍ୟ ଯାଞ୍ଚ କରାଯାଉନାହିଁ । ଏହି ବ୍ୟବସାୟୀମାନେ ଖୋଲାପାଣିକୁ ପ୍ୟାକେଟ କରି ବିଭିନ୍ନ କମ୍ପାନୀର ନାମ ଦେଇ ବଜାରରେ ଅବାଧରେ ବିକ୍ରୀ ଚାଲାଇଥିବାର ସାଧାରଣରେ ଅଭିଯୋଗ ହୋଇଛି । ବଜାରରେ ଦୋକାନୀମାନଙ୍କୁ କମ ଦରରେ ଏହି ପାଣିକୁ ବିକି ଚାଲିଯାଇଥାଆନ୍ତି । ଲୋଭଖୋର ଦୋକାନୀମାନେ ଅଧିକ ଲୋଭ ଆଶାରେ ସାଧାରଣ ଜନମାନସକୁ ଠକିବାରେ ଦିନ ରାତି ଲାଗି ପଡିଛନ୍ତି । ପ୍ରଶାସନ ଏଥିପ୍ରତି ସଚେତନ ନ ଥିବା ବେଳେ ଜନସାଧାରଣ କିଭଳି ସଚେତନ ହେବେ ? ସେହିଭଳି ସ୍ୱଚ୍ଛ ଭାରତ ଅଭିଯାନରେ ଭାରତକୁ ସ୍ୱଚ୍ଛ ଏବଂ ସୁନ୍ଦର କରିବା ପାଇଁ ପ୍ରୟାସ କରାଯାଉଥିବା ବେଳେ ବିଭିନ୍ନ ସ୍ଥାନରେ ପାଣିପାଉଚ କୁଢକୁଢ ଜମା ହୋଇଥିବା ଦେଖିବାକୁ ମିଳୁଛି । ଏଥିପ୍ରତି ଜିଲାପ୍ରଶାସନ ଏହାକୁ ନରୋକିବାରେ ତତ୍ପରତା ନହୁଅନ୍ତି ତେବେ ଏହି ନିମ୍ନମାନର ପାଣି ପାଉଚ ପିଇ ବିଭିନ୍ନ ରୋଗ ବ୍ୟାପିବାକୁ ଏଡାଇ ଦିଆଯାଇନପାରେ ବୋଲି ବୁଦ୍ଧିଜୀବିମାନେ କହିଛନ୍ତି ।

# ଯୁବକଙ୍କୁ ମାରିବା ସହ ଡକାୟତି ମାମଲାରେ ୧୨ ଜଣଙ୍କୁ କୋର୍ଟ ଚାଲାଣ କଲା ପୋଲିସ

ମାଲକାନଗିରି ,୧୧/୭ (ନି.ପ୍ର): ମାଲକାନଗିରି ଜିଲ୍ଲା ପଡିଆ ଥାନା ଅର୍ନ୍ତଗତ ଏମଭି ୫୯ ଗ୍ରାମର ଜଣେ ଯୁବକଙ୍କୁ ମାଡ଼ମାରିବା ସହ ଡକାୟତି କରିବା ଅଭିଯୋଗରେ ପୋଲିସ ୧୨ ଜଣ ଆସାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି । ସୂଚନା ମୁତାବକ ଗତ ୩ ତାରିଖ ସନ୍ଧ୍ୟା ପ୍ରାୟ ୪ଟା ବେଳେ ଏମଭି ୫୯ ଗ୍ରାମର ୧୨ ଜଣ ଲୋକ ସେହି ଗ୍ରାମର ପରମାନନ୍ଦ ବିଶ୍ୱାସ ଙ୍କୁ ଛତିଶଗଡ଼ ରାଜ୍ୟ ସୁକମା ଜିଲ୍ଲାର ଫେଂଟା ଗ୍ରାମରେ ଅଚାନକ ଆକ୍ରମଣ କରି ମାରପିଟ କରିଥିଲେ । ଏତିକି ବେଳେ ପ୍ରେମାନନ୍ଦ ନିଜକୁ ରକ୍ଷା କରିବାକୁ ଚେଷ୍ଟା କରିବା ବେଳେ ଆତତାୟୀ ମାନେ କୌଣଷି ଏକ ଓଜନିଆ ଅସ୍ତ୍ର ସାହାଯ୍ୟରେ ପ୍ରେମାନନ୍ଦ ର ବାମ ହାତକୁ ପ୍ରହାର କରିଥିଲେ । ଏଥିରେ ପ୍ରେମାନନ୍ଦ ର ବାମ ହାତ ଭାଙ୍ଗି ଯାଇଥିଲା ବେଳେ ସେ କୌଣସି ମୋତେ ସେଠାରୁ ଖସି ପଳାଇଥିଲା । ଏହାପରେ ଦୃବୃର୍ତ ମାନେ ସେଠାରେ ଥିବା ପ୍ରେମାନନ୍ଦ ଙ୍କ ମୋବାଇଲ, ୨୫ ହଜାର ଟଙ୍କା ଓ ରୁପେଲି ରଙ୍ଗର ଏକ ବୁଲେଟ୍ ମୋଟର ସାଇକଲ କୁ ଧରି ଚାଲିଯାଇଥିଲେ । ଏ ବାବଦରେ ଗତ ୬ ତାରିଖ ଦିନ ପଡିଆ ଥାନାରେ ଏକ ମାମଲା ରୁଜୁ କରାଯିବା ପରେ ପଡିଆ ଥାନା ଅଧିକାରୀ ପ୍ରଶାନ୍ତ କୁମାର ନିଶିକା ଙ୍କ ନେତୃତ୍ୱରେ ଏଏସଆଇ ବିଜୟ କୁମାର ବେନିଆ ଓ ଅନ୍ୟାନ୍ୟ କର୍ମଚାରୀ ଏହି ଘଟଣାରେ ସମ୍ପୃକ୍ତ ୧୨ ଜଣ ଅପରାଧୀଙ୍କୁ ଗିରଫ କରି ଗତକାଲି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି । ଏ ବାବଦରେ ପଡିଆ ଥାନାରେ ମାମଲା ସଂଖ୍ୟା ୩୮/୨୧ ଭାରତୀୟ ପିଙ୍ଗଳ କୋର୍ଟ ଦଫା ୧୪୭/୧୪୮/୩୯୫/୩୯୭/୩୯୮/୧୪୯ ରେ ଏକ ମାମଲା ରୁଜୁ କରାଯାଇଥିବା ପଡିଆ ଥାନା ଅଧିକାରୀ ଶ୍ରୀ ନିଶିକା କହିଛନ୍ତି । ଏଥିସହ ଏହି ଘଟଣାରେ ସମ୍ପୃକ୍ତ ଏମଭି ୫୯ ଗ୍ରାମର ୧୨ ଜଣ ନନୀ ଗୋପାଲ ପାଣ୍ଡେ, ବିଶ୍ୱଜିତ୍ ମଣ୍ଡଳ , ପ୍ରକାଶ ସାନା, ଶିବାଜୀ ବୋଷ, ରଞ୍ଜିତ ବିଶ୍ୱାସ, ସୁଜିତ୍ ମଣ୍ଡଳ , ସୁଜୟ ମଣ୍ଡଳ , ବିଧାନ ପାଣ୍ଡେ, ଅଖିଳ ପାଣ୍ଡେ, ରାମ ଚନ୍ଦ୍ର ପାଣ୍ଡେ, ବିଦ୍ୟୁତ୍ ପାଣ୍ଡେ ସମେତ ଲକ୍ଷ୍ମଣ ପାଣ୍ଡେଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି ।

# କୃଷି ବୀମା ପ୍ରତି ଆଗ୍ରହୀ ନାହାନ୍ତି ନୂଆପଡା ଜିଲ୍ଲାର ଚାଷୀକୂଳ

ନୂଆପଡା,୧୧/୭ (ନି.ପ୍ର): କୃଷକ ମାନଙ୍କର କଲ୍ୟାଣ ପାଇଁ କେନ୍ଦ୍ର ସରକାର କୃଷୀବୀମା ନୀତି ପ୍ରଣୟନ କରିଛନ୍ତି । ଲକ୍ଷ୍ୟ ରହିଛି ଅନାବୃଷ୍ଟି, ବନ୍ୟା ପରି ପ୍ରାକୃତିକ ଦୁର୍ବିପାକରେ ଫସଲ କ୍ଷତି ହେଲେ ଚାଷୀ ମାନେ ଉପଯୁକ୍ତ କ୍ଷୟକ୍ଷତି ପାଇପାରିବେ । ସେଥିପାଇଁ ବିଭିନ୍ନ କମ୍ପାନୀଙ୍କୁ ଦାୟୀତ୍ୱ ଦିଆଯାଇଛି । ଚାଷୀ ମାନେ ଭରୁଥିବା ପ୍ରିମିୟମର ସିଂହଭାଗ ସରକାର ଭରଣା କରିଥାନ୍ତି । ପ୍ରତ୍ୟେକ ବର୍ଷ ଜୁଲାଇ ୧ ତାରିଖରୁ କୃଷି ବୀମା ପାଇଁ ଅବେଦନ କରାଯାଉଛି । ଏହି ଆବେଦନ ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ଆାବେଦନ କରାଯିବ ବୋଲି ସୂଚନା ଦିଆଯାଇଛି । କିନ୍ତୁ ଚଳିତ ବର୍ଷ ବୀମା ଆବେଦନ ପାଇଁ ଚାଷୀ ମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉନାହିଁ । ପ୍ରତ୍ୟେକ ବର୍ଷ ମରୁଡି ଯୋଗୁଁ ଚାଷୀ ମାନେ କ୍ଷତି ସହୁଥିଲେ ସୁଦ୍ଧା ପ୍ରଶାସନ ଏବଂ କମ୍ପାନୀ ଭିତିରି ବୁଝାମଣା ଯୋଗୁଁ ଚାଷୀ ମାନେ ବୀମା ରାଶି ପାଇପାରୁନାହାନ୍ତି । ଗତ ୨୦୧୭ ମସିହାରେ ନୂଆପଡା ଜିଲ୍ଲାର ଚାଷୀ ମାନେ କୃଷିବୀମା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ସୁଦ୍ଧା ଅଧିକାଂଶ ଚାଷୀ ଏପର୍ଯ୍ୟନ୍ତ ବୀମା ରାଶି ପାଇପାରିନାହାନ୍ତି । ୨୦୧୮ ମସିହାରେ ମରୁଡି ପଡି ଚାଷୀ ମାନେ ସର୍ବସ୍ୱାନ୍ତ ହୋଇଯାଇଥିଲେ । ରାଜ୍ୟ ସରକାର ମରୁଡି ଘୋଷଣା କରି ଇନପୁଟ ସବସିଡି ପ୍ରଦାନ କରିଥିଲେ । କିନ୍ତୁ ସେହି ସମୟରେ ବୀମା ଦାୟୀତ୍ୱରେ ଥିବା ରିଲାଏନ୍ସ କମ୍ପାନୀ ବିଭିନ୍ନ ବାହାନା କରି ବୀମା ରାଶି ପ୍ରଦାନ କରିନଥିଲା । ଏନେଇ ଚାଷୀ ମାନେ ଅନେକ ଜାଗାରେ ରାସ୍ତାରୋକ ସହିତ ଜିଲ୍ଲାପାଳଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ । ତଥାପି ସୁଫଳ ମିଳିନଥିଲା । ସେହିପରି ୨୦୧୯ ରେ ମଧ୍ୟ ପ୍ରବଳ ବର୍ଷା ଏବଂ ରୋଗପୋକ ଯୋଗୁଁ ଫସଲ ନଷ୍ଟ ହୋଇଯାଇଥିଲା । ଏନେଇ ଚାଷୀ ମାନେ ଜିଲ୍ଲାପାଳଙ୍କ ଠାରେ ଫେରାଦ ହୋଇଥିଲେ । ତଥାପି ଆଜି ପର୍ଯ୍ୟନ୍ତ ଏହାର ସମାଧାନ କରାଯାଇନାହିଁ । ଯାହାଫଳରେ ବୀମା କମ୍ପାନୀ ପ୍ରତି ଚାଷୀଙ୍କ ଭରଷା ଦିନକୁ ଦିନ ତୁଟିବାରେ ଲାଗିଛି । ଚାଷୀ ହଜାର ହଜାର ଟଙ୍କା ଯୋଗାଡ କରି କୃଷିବୀମା କରୁଥିବା ବେଳେ ବୀମା କମ୍ପାନୀ ସରକାର ମରୁଡି ଘୋଷଣା କଲେ ମଧ୍ୟ ବୀମା ରାଶି ନଦେବା ପରିତାପର ବିଷୟ ବୋଲି ଚାଷୀ ମାନେ ଅଭିଯୋଗ କରିଛନ୍ତି । ଏନେଇ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ଏହାର ତୁରନ୍ତ ସମାଧାନ କରିବାକୁ ନୂଆପଡା ଜିଲ୍ଲାର ଚାଷୀକୂଳ ନିବେଦନ କରିଛନ୍ତି ।

## ସହକାରୀ ଯନ୍ତ୍ରୀଙ୍କଠାରୁ ଝାମ୍ପିନେଲେ ମୋବାଇଲ

କେନ୍ଦ୍ରାପଡ଼ା,୧୧/୭ (ନି.ପ୍ର): କେନ୍ଦ୍ରାପଡା ଗ୍ରାମ ଜଳ ଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ସନ୍ଧିବିଗ୍ରହଙ୍କ ଠାରୁ ଦୁଇ ଯୁବକ ମୋବାଇଲ ଝାମ୍ପି ନେଇଯିବା ଟାଉନ ଥାନାରେ ଅଭିଯୋଗ ହୋଇଛି । ଶୁକ୍ରବାର ରାତି ପ୍ରାୟ ୯ଟା ସମୟରେ ଶ୍ରୀ ସନ୍ଧିବିଗ୍ରହ ସାନମଙ୍ଗଳା ମନ୍ଦିର ନିକଟରେ ଯାଉଥିବାବେଳେ ତାଙ୍କ ମୋବାଇଲକୁ ଏକ କଲ୍ ଆସିଥିଲା । କିଏ ଫୋନ କରିଛି ମୋବାଇଲ ବାହାର କରି ଦେଖୁଥିବା ବେଳେ ଇଚ୍ଛାପୁର ଆଡୁ ବାଇକରେ ଆସୁଥିବା ଦୁଇ ଯୁବକ ତାଙ୍କଠାରୁ ମୋବାଇଲ ଛଡାଇ ନେଇ ଦୃତ ଗତିରେ ପଳାଇ ଥିଲେ । ଏନେଇ ସେ ଟାଉନ ଥାନାରେ ଅଭିଯୋଗ କରିବା ପରେ ଏସଆଇ ଶରତ ଚନ୍ଦ୍ର ବାରିକ ଘଟଣାର ତଦନ୍ତ କରୁଥିବା ଜଣାପଡିଛି ।

## ଘର ଭିତରୁ ଲୁଟିନେଲେ ମଟର ସାଇକେଲ

କେନ୍ଦ୍ରାପଡ଼ା,୧୧/୭ (ନି.ପ୍ର): କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଅଙ୍ଗୁଳାଇ ଗ୍ରାମର ହରେଶ ଚନ୍ଦ୍ର ସାହୁଙ୍କ ସିବିଜେଡ୍ ମଟର ସାଇକେଲ ଯାହାର ନଂ-ଓଡ଼ଜ୦୫-ଇଡ-୧୫୦୫କୁ ଦୃର୍ବୃତମାନେ ଘର ଭିତରୁ ଲୁଟି ନେଇଛନ୍ତି । ଶୁକ୍ରବାର ବିଳମ୍ବିତ ରାତିରେ ପରିବାର ଲୋକେ ଶୋଇଥିବା ବେଳେ ମଟର ସାଇକେଲର ତାଲା ଭାଙ୍ଗି ଦୁର୍ବୃତମାନେ ନେଇ ଯାଇଥିବା ଥାନାରେ ଅଭିଯୋଗ ହୋଇଛି ।

# ଜଗନ୍ନାଥକୁ ସାହା ହେବ କିଏ ?

ମାଲକାନଗିରି,୧୧/୭ (ନି.ପ୍ର) : ମାଲକାନଗିରି ଜିଲ୍ଲା କୋରକୋଣ୍ଡା ବ୍ଲକ ଅଧୀନରେ ଥିବା ପୋଟ୍ରେଲ ଗ୍ରାମପଂଚାୟତର ପର୍ମିଲା ପଦର ଗ୍ରାମରେ ରହୁଥିବା ଜଗନ୍ନାଥ ବୟସ ୩ ବର୍ଷ ପାଖାପାଖି ହେବ । ପିଲାଟି ଦିନରୁ ମା ଛେଉଣ୍ଡ ଜଗନ୍ନାଥ ନିଜ ବଡବାପା ମୁକା ପଡ଼ିଆମୀଙ୍କ ଘରେ ରହି ବଡ଼ ହୋଇଛି । ଜଗନ୍ନାଥ ୩ ମାସର ହୋଇଥିଲା ବେଳେ ମା ଉଙ୍ଗି ପଡ଼ିଆମୀ ମରିଯାଇଥିଲା, ମା ଚାଲିଯିବା ପରେ ତାଙ୍କ ବଡ଼ମା ଜଗି ପଡ଼ିଆମୀ ଜଗନ୍ନାଥକୁ କୋଳେଇ ନେଇ ବହୁତ ଦୁଃଖ କଷ୍ଟରେ ବଡ଼ କରିଛନ୍ତି । ତାଙ୍କ ପାଳିତ ବଡବାପା କହିବା କଥା ମା ଉଙ୍ଗି ଆଜକୁ ୩ ବର୍ଷ ତଳେ ସେ ନିଜ ଘରେ ଜଗନ୍ନାଥକୁ ଜନ୍ମ ଦେବାର କିଛିଦିନ ପରେ ଦୁଃଖରେ ଭାଙ୍ଗିପଡି କୌଣସି କାରଣରୁ ବିଷ ଖାଇ ମରିଯାଇଥିଲା । ଯାହା ଫଳରେ ଜଗନ୍ନାଥ ଅନାଥ ହୋଇ ଯାଇଥିଲା । ଜଗନ୍ନାଥର ଜେଜେମା ସାପ କାମୁଡ଼ାରେ ମରି ଯାଇଥିବା ବେଳେ ଜେଜେବାପା ପାଗଳ ହୋଇଥିବାରୁ ବଡବାପା ବଡ଼ମା ତାକୁ ଆଣି ପାଳୁଛନ୍ତି । ବଡବାପା ମୁକା ପଡ଼ିଆମୀ ଜଣେ ଗରିବ ଶ୍ରେଣୀର ଲୋକ ସେ ଲୋକଙ୍କ ଘରେ ମୂଲ ମଜୁରୀ ଲାଗି ଆଣିଲେ ଦୁଇ ଓଳି ଘରେ ଚୁଲି ଜଳେ, ନହେଲେ ନାହିଁ ବୋଲି କହିଛନ୍ତି । ମୁକା, ଏପରି ସ୍ଥଳେ ଜଗନ୍ନାଥକୁ ଚଳେଇବାକୁ ବହୁତ କଷ୍ଟ ହେଉଛି ବୋଲି କହିଛନ୍ତି । ଜଗନ୍ନାଥର ଆଧାରକାର୍ଡ ମଧ୍ୟ ହେଇନଥିବାର ଜଣାପଡିଛି । ଗାଁ ଲୋକଙ୍କ କହିବା କଥା ମୁକା ପଡ଼ିଆମୀ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ସରକାରୀ ସ୍ତରରେ ଯଦି କୌଣସି ସାହାଯ୍ୟ ସହଯୋଗ ମିଳନ୍ତା ତାହା ହେଲେ ଜଗନ୍ନାଥର ଜୀବନ ଭଲରେ କଟିଯାଆନ୍ତା ବୋଲି ଗ୍ରାମବାସୀ ଜଣାଇଛନ୍ତି ।

# ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଘଟଣ : ରୋଗୀ ସଂପର୍କୀୟଙ୍କ ଆକ୍ରମଣରେ ଲହୁ ଲୁହାଣ ହେଲେ ଡାକ୍ତର

ଖୋର୍ଦ୍ଧା,୧୧/୭ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ସ୍ୱାସ୍ଥ୍ୟ କେନ୍ଦ୍ରରେ ପଶି ଡାକ୍ତରଙ୍କୁ ରୋଗୀଙ୍କ ସମ୍ପର୍କୀୟମାନେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ବହିଃବିଭାଗକୁ ପଶି ଡାକ୍ତରଙ୍କୁ ୬ ଜଣ ଦୁର୍ବୃତ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଆକ୍ରମଣରେ ସମ୍ପୃକ୍ତ ଡାକ୍ତର ଜଣଙ୍କ ଲହୁ ଲୁହାଣ ହୋଇଛନ୍ତି । ସୂଚନା ଅନୁଯାୟୀ, ଆଜି ଅପରାହ୍ନରେ ନୟାଗଡ ଜିଲ୍ଲା ଚାନ୍ଦପୁର ଶାସ୍ତ୍ରୀନଗରର ଜଣେ ମହିଳା ଚିକିତ୍ସା ପାଇଁ ଟାଙ୍ଗୀ ସରକାରୀ ମେଡିକାଲରେ ଭର୍ତ୍ତି ହୋଇଥିଲେ । ଏହି ସମୟରେ ଜଣେ ଶିଶୁ ଗୁରୁତର ଅବସ୍ଥାରେ ମେଡିକାଲକୁ ଆସିଥିଲେ । କିନ୍ତୁ ଶିଶୁର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ସେହି ଶିଶୁର ଚିକିତ୍ସା କରିଥିଲେ ।ଏଥିରେ ମହିଳା ରୋଗୀଙ୍କ ସଂପର୍କୀୟ ଉତ୍ୟକ୍ତ ହୋଇ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ମାଡ ମାରିଥିଲେ । ସମ୍ପର୍କୀୟଙ୍କ ଆକ୍ରମଣରେ ଡାକ୍ତରଙ୍କ ଆଖି, ବେକ, ମୁହଁରେ ଆଘାତ ଲାଗିଛି । ଏହା ସହ ଡାକ୍ତରଙ୍କୁ ଜୀବନରେ ମାରି ଦେବା ପାଇଁ ଦୁର୍ବୃତମାନେ ଧମକ ଦେଇଥିଲେ । ଆକ୍ରମଣର ଶୀକାର ହୋଇଛନ୍ତି ଡାକ୍ତର ସୁଭାଶିଷ ଷଡଙ୍ଗୀ । ଆକ୍ରମଣ ସମୟରେ ସେଠାରେ ଉପସ୍ଥିତ ଥିବା ମେଡିକାଲର ସୁରକ୍ଷା କର୍ମୀ, ଆଟେଣ୍ଡାଂଟ ଡାକ୍ତରଙ୍କୁ ବଂଚାଇବାକୁ ଯାଇ ଆକ୍ରମଣର ଶିକାର ମଧ ହୋଇଥିଲେ । ବର୍ତମାନ ମେଡିକାଲରେ ରୋଗୀ ସେବା ବନ୍ଦ ରହିଛି । ଖବର ପାଇ ଟାଙ୍ଗୀ ଅତିରିକ୍ତ ତହସିଲଦାର ସରତ ଦେହୁରୀ, ଟାଙ୍ଗୀ ଥାନା ଆଇଆଇସି ବିଜୟ ମଲିକ ଓ ପୋଲିସ୍ ଫୋର୍ସ ମେଡିକାଲରେ ପହଂଚିଥିଲା ।

ମିଳିଥିବା ଖବର ଅନୁଯାୟୀ, ଏହି ଘଟଣାରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଟାଙ୍ଗୀ ପୋଲିସ ଗିରଫ କରିଛି । ଗିରଫ ହୋଇଥିବା ଅଭିଯୁକ୍ତ ଦ୍ୱୟ ରୋଗୀଙ୍କ ସମ୍ପର୍କୀୟ ବୋଲି ଜଣାପଡିଥିବା ବେଳେ ସମସ୍ତ ଅଭିଯୁକ୍ତମାନେ ଗୋଟିଏ ପରିବାର ବୋଲି ସୂଚନା ରହିଛି ।

# ଧର୍ମଶାଳା ଅଂଚଳରେ ଚାଲିଛି ବେଆଇନ କରତକଳ : ବନ ବିଭାଗର ନଜର ପଡୁନି

ଧର୍ମଶାଳା,୧୧/୭ (ନି.ପ୍ର): ଦିନକୁ ଦିନ ଅମ୍ଳଜାନ କମିବାରେ ଲାଗୁଛି । ସରକାର ବନିକରଣ ନିମନ୍ତେ ଜଙ୍ଗଲ ସୃଷ୍ଟି କରୁଛନ୍ତି । ଏପଟେ କିଛି ମୁଷ୍ଟିମେୟ ବ୍ୟକ୍ତି ଗଛ କାଟିବାରେ ବ୍ୟସ୍ତ । ଦିନକୁ ଦିନ ଗଛ କଟା ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ସରକାର କରତକଳ ବନ୍ଦ କରିବା ସହ ଅନେକ କେତେକ ସ୍ଥାନରେ କରତକଳ ଅଛି ତାହା ସରକାରଙ୍କ ଅନୁମତିରେ । ହେଲେ ଅନେକ ବେଆଇନ କରତକଳ ଜିଲା ପ୍ରଶାସନ ଜଣାତରେ ତାହା ଚାଲିଛି । ଯାଜପୁର ଜିଲା ଧର୍ମଶାଳା ବ୍ଲକରେ ଜାରକାଠାରେ ସରକାରଙ୍କ ଅନୁମତିରେ କେତେକ କରତକଳ ଚାଲିଥିବା ବେଳେ ତାହାଠୁଁ ଅଧିକ ବେଆଇନ କରତକଳ ଚାଲିଛି । ଅନ୍ୟପଟେ କାଏମା ଅଂଚଳରେ ଏହି ବେଆଇନ କରତକଳରେ ଦିନ ରାତି ଶହଶହ ପଣସ, ଚାକୁଣ୍ଡା, ଆକାସି, ଦେବଦାରୁ ଓ ଆମ୍ବ କାଠ ଚିରା ଚାଲିଛି । କିଛି ଦଲାଲ ବିଭିନ୍ନ ସ୍ଥାନରୁ ଗଛ କାଟି ଏହି ସବୁ ଅଂଚଳରେ କାଠ ଚିରୁଛନ୍ତି । ବ୍ୟବସାୟୀମାନେ ପ୍ରଶାସନକୁ ହାତବାରିଶ କରି ବେଆଇନ କାରବାର ବେଧକ ଚଲାଉଛନ୍ତି । ଏନେଇ ଅନେକ ସ୍ୱେଚ୍ଛାସେବୀ ସଂଗଠନ ଓ ବୁଦ୍ଧିଜୀବି ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଅଭିଯୋଗ କରିଛନ୍ତି । ଏହି ବେଆଇନ କରତକଳ ବନ୍ଦ କରିବାକୁ ଜିଲଶ ପ୍ରଶାସନକୁ ଅନୁରୋଧ କରିଛନ୍ତି ଅଂଚବାସୀ ।


**OFFICE OF THE EXECUTIVE ENGINEER**
**NATIONAL HIGHWAY DIVISION, BARIPADA**

***SHORT TENDER CALL NOTICE No. 03/E E N. H. Division BPD-2021-22***

Sealed tender in plain paper addressed to the Executive Engineer N.H. Division, Baripada are invited from intending firms / Persons for sale of un-serviceable of T&P General/I.B, Site Account and surplus stock materials on "as is where is basis", so as to reach the under signed on or before **30.07.2021 up to 05.00 P.M.** The tender shall be opened at **11.00 AM on 02.08.2021** in the office of the Executive Engineer N.H. Division, Baripada in presence of the tenderer's or their authorized representive. The materials have been arranged on lot basis. The tenderer's are required to deposit E.M.D. @ 5% of the up-set price of the materials in shape of **N.S.C., K.V.P./ Fixed deposit receipt of Schedule Bank** duly pledged in favour of Executive Engineer N.H. Division, Baripada failing which the tender shall not be taken into consideration. T**he amount should be quoted taking in to account in the individual lot wise.** The list of materials in given below.

LIST OF MATERIALS FOR AUCTION SALE

| Sl No | List of the Materials | Lot No | Location | Up-Set price | 5% E.M.D. Required | Rate quoted |
|---|---|---|---|---|---|---|
| 1. | 2 | 3 | 4 | 5 | 6 | 7 |
| 1 | T & P (General) Materials/1to57)items only | Lot No-1 | Balasore Central Yards | 9528.00 | 480.00 | |
| 2 | Cutpices 2" Dia Oriplast H.D.P.E. pipe 1 items only Site Account Materials | Lot No-2 | Balasore Central Yards | 24922.00 | 1246 | |
| 3. | T & P (I.B) Materials (1 to 9) items only | Lot No-3 | Balasore Central Yards | 1625.00 | 85.00 | |
| 4. | T & P General Materials (1 to 6) items only | Lot No-7 | Bisoi Section office, Bisoi | 15005.00 | 750.00 2561.00 | |
| | | | Total | 51080.00 | 2ñ4\ISO | |

N.B- The terms and condition of short tender call notice no 3/E.E.N.H.D.BPD will be available to this Division office during the office hours.

Sd/- A.K. Das
Executive Engineer,
N.H. Division, Baripada.


# ଅବହେଳିତ ପହରିଆଙ୍କୁ ଆଦିବାସୀ ମାନ୍ୟତା ମିଳିବ କେବେ ?

ନୂଆପଡା,୧୧/୭ (ନି.ପ୍ର): ପହରିଆ ବା କମାର୍ ଏକ ଜନଜାତି । ଛତିଶଗଡ଼ ତଥା ମଧ୍ୟ ପ୍ରଦେଶରେ କମାର ମାନଙ୍କୁ ଆଦିମ ଜନଜାତି ମର୍ଯ୍ୟାଦା ମିଳିଥିବା ସ୍ଥଳେ, ଓଡ଼ିଶାରେ ସେମାନଙ୍କୁ ଆଦିବାସୀ ମାନ୍ୟତା ମିଳି ପାରି ନାହିଁ । ଏଥିଲାଗି ଓଡ଼ିଶାର କମାରମାନେ ଗତ ଦୁଇ ଦଶନ୍ଧି ଧରି ସଂଗ୍ରାମ ଜାରି ରଖିଛନ୍ତି । କେତେବେଳେ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ତ ଆଉ କେତେବେଳେ ରାଜ୍ୟ ସରକାର ସହ କେନ୍ଦ୍ରକୁ ବିଭିନ୍ନ ସମୟରେ ପତ୍ର ଲେଖି ଦାବୀ କରିଛନ୍ତି, ହେଲେ ଆଦିବାସୀ ମାନ୍ୟତା ମିଳିବା ସେମାନଙ୍କ ପାଇଁ ସତେ ଯେମିତି ସ୍ୱପ୍ନ ହୋଇଯାଇଛି । ପହରିଆ ଜନଜାତି ଆମ ରାଜ୍ୟର ନୂଆପଡ଼ା, ବଲାଙ୍ଗିର, ବରଗଡ, କଳାହାଣ୍ଡି ଓ ନବରଙ୍ଗପୁର ପ୍ରଭୃତି ଜିଲ୍ଲାରେ ବସବାସ କରୁଥିବା ବେଳେ ଏମାନଙ୍କ ଜନସଂଖ୍ୟା ୭ ହଜାର ଭିତରେ ରହିଛି । ଏମାନଙ୍କ ସର୍ବାଧିକ ୬୦ ପ୍ରତିଶତ ନୂଆପଡ଼ା ଜିଲ୍ଲାରେ ବାସ କରନ୍ତି । ନୂଆପଡ଼ା ଜିଲ୍ଲାର ଛତିଶଗଡ଼ ସୀମାକୁ ଲାଗି ରହିଥିବା ସିନାପାଲି ଓ କୋମନା ବ୍ଲକ୍‌ର ପାର୍ବତ୍ୟ ମାଳଭୂମି ଅଂଚଳରେ ଅଧିକାଂଶ କମାର ଜନଜାତିଙ୍କ ବସତି ଦେଖିବାକୁ ମିଳେ । ଏମାନଙ୍କ ଚଳଣୀ ଓ ଘରକରଣା ବାଉଁଶକୁ ନେଇ କେନ୍ଦ୍ରିତ । ବାଉଁଶରେ ଘରକରଣା ଏବଂ କୃଷି ଉପଯୋଗୀ ଯାବତୀୟ ସାମଗ୍ରୀ ପ୍ରସ୍ତୁତି କାର୍ଯ୍ୟକୁ କୌଳିକ ତଥା ମୁଖ୍ୟ ଜିବୀକା ଭାବେ ଆଦରି ଥିବା ଅଧିକାଂଶ ପହରିଆ-କମାର ଦାରୀଦ୍ର୍ୟର ସୀମାରେଖା ତଳେ ବାସବାସ କରୁଛନ୍ତି । ବାଉଁଶ କାମରୁ ସପ୍ତାହକୁ ମିଳୁଥିବା କେବଳ ୨୦୦/୩୦୦ ଟଙ୍କା ହିଁ ଅଧିକାଂଶ ପହରିଆ ପରିବାରଙ୍କର ସର୍ବସ୍ୱ ଆୟ । ଏପରିସ୍ଥଳେ, ଆଦୀବାସୀ ମାନ୍ୟତାରୁ ବଂଚିତ ହେବା, ସରକାରଙ୍କର ବିଭିନ୍ନ ସୁବିଧା ସୁଯୋଗ ନ ପାଇବା ଦ୍ୱାରା ଏମାନଙ୍କ ଆର୍ଥିକ ଏବଂ ସାମାଜିକ ସ୍ଥିତି ଦିନକୁ ଦିନ ଅତ୍ୟନ୍ତ ଖରାପ ହେବାରେ ଲାଗିଛି । ଇଂରେଜ ଶାସନ କାଳର ପ୍ରଶାସନିକ ବିବରଣିରୁ କମାର ମାନଙ୍କ ବିଷୟରେ ଜାଣିବାକୁ ମିଳେ । ସେତେବେଳର ବ୍ରିଟିଶ ପ୍ରଶାସକ ତାଙ୍କର ବିବରଣୀରେ କମାର ସଂପ୍ରଦାୟର ଲୋକେ ଏକାନ୍ତରେ ରହିବା, ଜଙ୍ଗଲରେ ବସବାସ କରିବା ସହ ଜଙ୍ଗଲ ଜାତ ସାମଗ୍ରୀ ସଂଗ୍ରହ କରି ଜିବିକା ନିର୍ବାହ କରୁଥିବା ନେଇ ଉଲ୍ଲେଖ କରିଛନ୍ତି । ୧୯୦୧, ୧୯୧୧ ଓ ୧୯୧୬ ଜନଗଣନା ରେ ପହରିଆ ମାନଙ୍କୁ ଆଦିବାସୀ ରୂପେ ଗଣନା କରାଯାଇଛି । ଫଳରେ ବ୍ରିଟିସ୍ ଶାସନ କାଳରେ ଏମାନଙ୍କୁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଥିଲା । ଏହି ବ୍ୟବସ୍ଥା ମାଧ୍ୟମରେ ପହରିଆ ଗଉଁନ୍ତିଆ ମାନଙ୍କୁ ସୁରକ୍ଷା ବ୍ୟବସ୍ଥା ମିଳିଥିବା ବିଭିନ୍ନ ନଥିପତ୍ରରୁ ଜଣାଯାଏ । ଖଡ଼ିଆଳ ବ୍ଲକ୍‌ର କେନ୍ଦୁପାଟି ଗ୍ରାମ, ବୋଡ଼େନ ବ୍ଲକ୍‌ର କାଠ୍‌ଫାର ଏବଂ କୋମନା ବ୍ଲକ୍‌ର ଅଡ଼ାର ଗ୍ରାମର ଗଉଁନ୍ତିଆମାନଙ୍କୁ ସୁରକ୍ଷା ବ୍ୟବସ୍ଥା ମିଳିଥିଲା । ଫଳରେ ବିଭିନ୍ନ ଗ୍ରାମରେ ପହଁରିଆ ମାନେ ଗଉଁନ୍ତିଆ ଥିବା ପ୍ରମାଣ ମିଳେ । ତେବେ, ୧୯୩୬ ମସିହାରେ ଖଡ଼ିଆଳ ଜମିଦାରୀ ଓଡ଼ିଶାରେ ମିଶ୍ରଣ ହେଲା ଏବଂ ଏହି ଅଂଚଳରେ ବାସ କରୁଥିବା ପହରିଆ-କମାର ମାନେ ଓଡ଼ିଶାର ଅଧିବାସୀ ହୋଇ ନିଜର ଆଦିବାସୀ/ଜନଜାତି ମାନ୍ୟତା ହରାଇଥିଲେ । ଏହା ସହ ପହରିଆ ଗଉଁନ୍ତିଆ ମାନେ ବ୍ରିଟିସଙ୍କ ଠାରୁ ମିଳିଥିବା ତାଙ୍କର ପଦବୀ ସୁରକ୍ଷା ବ୍ୟବସ୍ଥା ହରାଇଥିଲେ ଏବଂ ଧିରେ ଧିରେ ତାଙ୍କର ଜମି ଅଣ ଆଦିବାସୀ ମାନଙ୍କୁ ହସ୍ତାନ୍ତର ହୋଇଯାଇଥିଲା । ବର୍ତ୍ମାନ ଓଡ଼ିଶାର ପହରିଆମାନଙ୍କ ମଧ୍ୟରେ ୯୦ ରୁ ଉର୍ଦ୍ଧ୍ୱ ଭାଗ ପରିବାର ଜମିହୀନ ଅଟନ୍ତି । ଓଡ଼ିଶାର ପହରିଆ ମାନଙ୍କୁ ସ୍ୱାଧିନ ଭାରତର ସମ୍ବିଧାନରେ ଜନଜାତି ତାଲିକାରେ ସ୍ଥାନ ଦିଆନଯିବା ପଛରେ କୌଣସି ଅଭିଶନ୍ଧି ଥାଇନପାରେ । ତେବେ, ସେତେବେଳେ ଜନଗଣନା ଦାୟିତ୍ୱରେ ଥିବା କର୍ମଚାରୀମାନେ କମାର ବା ପହରିଆ ମାନଙ୍କ ବିଷୟରେ ଜାଣି ନଥିବାରୁ, କମାର ମାନଙ୍କୁ ଲୁହା କାମ କରୁଥିବା ଜାତି ଭାବେ ଅଭିହିତ କରି ଜନଜାତି ତାଲିକାରୁ ବାଦ୍ ଦେଇଥିବା ଅନୁମାନ କରାଯାଏ । ୧୯୮୩ ମସିହାରେ ଅଧ୍ୟାପକ ଡ.ଫଣିନ୍ଦମ ଦେଓ ତାଙ୍କର ଗବେଷଣା ମାଧ୍ୟମରେ ପହରିଆଙ୍କୁ ଆଦିବାସି ମାନ୍ୟତା ନେଇ କଥା ଉଠାଇଥିଲେ । ଅଶି ଦଶକରେ ବିଧାନସଭା ରେ ମଧ୍ୟ ପହରିଆଙ୍କ ସମସ୍ୟାକୁ ନେଇ ପ୍ରଶ୍ନ ଉଠିଥିଲା । ତେବେ ସମସ୍ୟାର ସମାଧାନ ଲାଗି କୌଣସି ପହକ୍ଷେପ ନିଆଯାଇଥିଲା । ଦିର୍ଘ ଦୁଇ ଦଶନ୍ଧି ପରେ ୨୦୦୦ ମସିହା ବେଳକୁ, ଘନଶ୍ୟାମ ପହରିଆ, ଲଛମନ ପହରିଆ, ଇନ୍ଦ୍ର ପହରିଆ ଏବଂ ସୁକଲ ସାଏ ପହରିଆ ପ୍ରମୁଖଙ୍କ ନେତୃତ୍ୱରେ ପହରିଆ-କମାର ବିକାଶ ମଂଚ ଗଠନ ହୋଇଥିଲା ଏବଂ ଆଦିବସୀ ମାନ୍ୟତା ଦାବି ଜୋର ଧରିଥିଲା । ଅର୍ନ୍ତଜାତୀୟ ସଂଗଠନ ୟୁ.ଏନ୍.ଡି.ପି. ତରଫରୁ ମଧ୍ୟ ଏହି ବିଷୟକୁ ନେଇ ଏକ ବିବରଣୀ ପ୍ରକାଶ ପାଇଥିଲା । ଡ.ଫଣିନ୍ଦମ ଦେଓ ୨୦୦୫ ମସିହାରେ ପହରିଆ ମାନଙ୍କ ସାମାଜିକ ଓ ଆର୍ଥିକ ସ୍ଥିତିକୁ ନେଇ ଏକ ସର୍ଭେ କରିଥିଲେ । ଏହି ସବୁ ଗବେଷଣା, ସଂଦର୍ଭ ଓ ବିବରଣୀକୁ ନେଇ ପହରିଆ ମାନେ ଜନଜାତିର ମାନ୍ୟତା ଲାଗି ଓଡ଼ିଶା ତଥା ଭାରତ ସରକାରଙ୍କ ଦୃଷ୍ଟି ଅକର୍ଷଣ କରିଥିଲେ ।

# ବଡଦାଣ୍ଡେ ନନ୍ଦିଘୋଷ




ରଶ୍ମି ସାମଲ


ପର୍ବପର୍ବାଣୀର ଭୂମି ଓଡିଶା ।ଆମ ରାଜ୍ୟରେ ବାର ମାସରେ ତେର ପର୍ବ ବ୍ୟତୀତ ଆହୁରି ଅନେକ ଜାନି ଜାତ ପାଳିତ ହୋଇଥାଏ । ହିନ୍ଦୁମାନଙ୍କର ଏକ ବିରାଟ ଧର୍ମ କୈନ୍ଦ୍ରିକ ଯାତ୍ରା ରଥଯାତ୍ରା । ଏହି ଯାତ୍ରା ସନାତନ ଓ ହିନ୍ଦୁ ଧର୍ମର ସଂସ୍କୃତି ଓ ଐତିହକୁ ଚିରଦିନ ଅକ୍ଷ୍ୟୁର୍ଣ ରଖିଛି । ଶ୍ରୀ ଜଗନ୍ନାଥ ହେଉଛନ୍ତି ସମଗ୍ର ହିନ୍ଦୁ ସମାଜର ପରମ ଆରାଧ ଦେବତା

ଆମ ଓଡ଼ିଆ ସଂସ୍କୃତିର ପ୍ରାଣପିଣ୍ଡ । ଜଗନ୍ନାଥ ମହାପ୍ରଭୁ ମୂଳତଃ ଆଦିବାସୀ ଦେବତା । ଆଦିବାସୀ ଶବର ମାନଙ୍କ , ଜଗନ୍ତ, ଜଗନ୍ନାଥ ଶବ୍ଦର ନାମାନ୍ତ । ଗୋଟିଏ ଗଛକୁ ଶବର ମାନେ , ଜଗନ୍ତ, ବୋଲି ପୂଜା କରନ୍ତି । ଆମ ଜଗନ୍ନାଥ ଦାରୁ ଦେବତା ହୋଇ ଥିବାରୁ ସେ ଯେ ଶବର ଦେବତା ଏହା ବିଶ୍ୱାସ ଯୋଗ୍ୟ ମନେ ହୁଏ । ସ୍ନାନ ପୂର୍ଣ୍ଣିମାଠାରୁ ଶ୍ରୀ ଗୁଣ୍ଡିଚା ପର୍ଯ୍ୟନ୍ତ ଜଗନ୍ନାଥଙ୍କର ସମସ୍ତ ଦାୟିତ୍ୱରେ ରହନ୍ତି ଶ୍ରୀ ଜଗନ୍ନାଥଙ୍କ ଜ୍ଞାତି ଓ ଶବର ମାନଙ୍କ ବଂଶଧର ଦଇତା ପତି ମାନେ । କେଉଁ ଅନାଦି କାଳରୁ ଶଙ୍ଖକ୍ଷେତ୍ର, ନାବିକ୍ଷେତ୍ର, ଧର୍ମକ୍ଷେତ୍ର ଶ୍ରୀକ୍ଷେତ୍ର, ନିଳାଚକ ଧାମ,ପୁରିଧାମର , (ପୁରସ୍ତମ) ନୀଳଗିରି ପର୍ବତରେ ପିଠାଧିସ ଶ୍ରୀ ଜଗନ୍ନାଥ ହିନ୍ଦୁ ବିଶ୍ୱାସର ତେତିଶ କୋଟି ଦେବତାଙ୍କର ମଉଡ ମଣୀ ରୂପେ ସ୍ୱୟଂ ଆବିର୍ଭୁତ ହୋଇଛନ୍ତି । ତାହା ସଠିକ ଅଟକଳ କରାଯାଇ ପାରୁନାହିଁ । ସାକ୍ଷାତ ବ୍ରହ୍ମସ୍ୱରୂପ ଅବତାରି ପୁରୁଷୋତ୍ତମ ମହାବିଷ୍ଣୁ ରୂପେ ଜଗନ୍ନାଥ ଆରାଧିତ ।

ନିଳାଦ୍ରୀବିହାରି ପ୍ରଭୁ ଜଂଗନ୍ନାଥ ଭକ୍ତ ଓ ପତିତ ଜନଙ୍କୁ ଦର୍ଶନ ଦେବା ନିମିତ୍ତ ପ୍ରତିବର୍ଷ ରଥ ଯାତ୍ରାରେ ବଡ ଦାଣ୍ଡରେ ବିଜେ ହୁଅନ୍ତି । ଆଷାଢ଼ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ପ୍ରଭୁ ଜଗନ୍ନାଥ ବଳଭଦ୍ର ଓ ସୁଭଦ୍ରାଙ୍କ ସହିତ ଶ୍ରୀମନ୍ଦିର ବାହାରକୁ ଆସି ରଥାରୂଢ ହୋଇ ଲକ୍ଷ ଲକ୍ଷ ଭକ୍ତ ଓ ପତିତ ଜନଙ୍କୁ ଦର୍ଶନ ଦିଅନ୍ତି । ଏହା ରଥ ଯାତ୍ରା ନାମରେ ବିଦିତ । ଏହି ରଥ ଯାତ୍ରା କେତେଗୋଟି ପୌରାଣିକ ଓ ଐତିହାସିକ କିମ୍ବଦନ୍ତୀ ଉପରେ ଆଧାରିତ । ପୌରାଣିକ କିମ୍ବଦନ୍ତୀ ଅନୁସାରେ କିରାତରାଜ ବିଶ୍ୱାବସୁ ଏକ ନିଘଞ୍ଚ ଅରଣ୍ୟରେ ପ୍ରଭୁ ଜଗନ୍ନାଥଙ୍କୁ ଭକ୍ତର ବିନମ୍ର ପ୍ରଣତି ଅର୍ପଣ କରି ପୂଜାର୍ଚ୍ଚନା କରୁଥିଲା । କିନ୍ତୁ ବିଦ୍ୟାପତି ଅତ୍ୟନ୍ତ କୌଶଳରେ ପ୍ରଭୁ ଜଗନ୍ନାଥଙ୍କୁ ଅପହରଣ କରି ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଅର୍ପଣ କରିଥିଲେ ନିସାଦ ରାଜା ଜଗନ୍ନାଥଙ୍କୁ ଦର୍ଶନ ନକରି ବିଷାଦରେ ମ୍ରିୟମାଣ ହୋଇ ପଡିଲେ । ବହୁ ଅନୁସନ୍ଧାନ କରି ଶେଷରେ ଇନ୍ଦ୍ରଦ୍ୟୁମ୍ନଙ୍କୁ ନିଜର ଅଭିଳାଷ ବ୍ୟକ୍ତ କଲା । କିନ୍ତୁ ବିଶ୍ୱାବସୁ ଅସ୍ପୃଶ୍ୟ ହୋଇଥିବାରୁ । ରାଜା ଇନ୍ଦ୍ରଦ୍ୟୁମ୍ନ ତାର ପଥ ରୋଧ କଲେ । ଭକ୍ତର ତ ଭଗବାନ । ତେଣୁ ପ୍ରଭୁ ରାଣୀ ଗୁଣ୍ଡିଚାଦେବୀଙ୍କୁ ବଡ଼ଦାଣ୍ଡରେ ଏକ ବିରାଟ ଯାତ୍ରା କରାଇବା ପାଇଁ ସ୍ୱପ୍ନା ଦେଶ ହେଲେ । ଫଳରେ ସେହିଦିନ ଠାରୁ ଜାତି ଧର୍ମ ବର୍ଣ୍ଣ ନିରବିଶେଷରେ ଆଚାଣ୍ଡାଳ ବ୍ରାହ୍ମଣ ପତିତପାବନ ଜଗନ୍ନାଥଙ୍କ ଦର୍ଶନ କରିବାରେ ସୁଯୋଗ ପାଇଲେ । ରାଣୀ ଗୁଣ୍ଡିଚାଙ୍କ ନାମାନୁସାରେ ରଥ ଯାତ୍ରାର ଅନ୍ୟନାମ ଶ୍ରୀ ଗୁଣ୍ଡିଚା ଯାତ୍ରା । ରଥ ନିର୍ମାଣ କାର୍ଯ୍ୟ ପ୍ରତିବର୍ଷ ଅକ୍ଷୟ ତୃତୀୟାଠାରୁ ଆରମ୍ଭ କରାଯାଏ । ବିଭିନ୍ନ ସ୍ଥାନରୁ ରଥ କାଠ ସଂଗ୍ରହ କରାଯାଇଥାଏ । ମହା



ପ୍ରଭୁ ଜଗନ୍ନଥଙ୍କ ରଥ ନାମ ନଢ଼ିଘୋଷ । ଏହା ଷୋହଳ ଚକ ବିଶିଷ୍ଟ ଏବଂ ଅପେକ୍ଷାକୃତ ବଡ । ବଳଭଦ୍ରଙ୍କ ରଥର ନାମ ତାଳଧ୍ୱଜ । ଏହା ଚଉଦ ଚକ ବିଶିଷ୍ଟ ।ବାର ଚକ ବିଶିଷ୍ଟ ସୁଭଦ୍ରାଙ୍କ ରଥର ନାମ ଦେବଦଳନ । ରଥ ଗୁଡିକ ବିଭିନ୍ନ ରଙ୍ଗୀନ କପଡାରେ ସାଜିତ ହୋଇଥାନ୍ତି । ପୁରୀର ରଥ ଯାତ୍ରା ପୃଥିବୀ ପ୍ରସିଦ୍ଧ । ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ । ଶ୍ରୀମନ୍ଦିରର ବିଶାଳକାୟମୂର୍ତ୍ତି ଗୁଡିକୁ ରଥ ପର୍ଯ୍ୟନ୍ତଆଣିବା କଷ୍ଟସାଧ । ସେଠି ପାଇଁ ଦଇତା ପତି ମାନେ ମୂର୍ତି ଗୁଡିକୁ ରଖି ରଖି ଆଣନ୍ତି । ଏହାକୁ ପହଣ୍ଡି ବିଜେ କହନ୍ତି । ଘଣ୍ଟା ମର୍ଦ୍ଦଳ ଝାଞ୍ଜରେ ଚତୁର୍ଦିଗ ପ୍ରକମ୍ପିତ ହୁଏ । ମୂର୍ତ୍ତି ଗୁଡିକୁ ରଥାରୂଢ କରି ଶକ୍ତ ରଜ୍ଜୁ ଦ୍ୱାରା ସେବକ ମାନେ ବାନ୍ଧି ଦିଅନ୍ତି । ଗଜପତି ମହାରାଜା ରଥ ସମ୍ମୁଖରେ ଛେରା ପଂହରା କରି ଥାନ୍ତି । ଭକ୍ତି ରସରେ ନିମନ୍ତ୍ରିତ ହୋଇ ଭକ୍ତ ଗଣ ରଥ ଭିଡ଼ିବା ଆରମ୍ଭ କରିଥାନ୍ତି । ଶଙ୍ଖ ହୁଳହୁଳି ଧ୍ୱନୀରେ ଗଗନ ପବନ ପ୍ରକମ୍ପିତ ହୁଏ । ତୃଷ୍ଣା ନୟନରେ ପ୍ରଭୁଙ୍କର ଭୁବନ ମୋହନ ରୂପ ଲାବନ୍ୟ ଦର୍ଶନ କରି ଭକ୍ତ ମାନଙ୍କ ଆତ୍ମା ତୃପ୍ତି ହୁଏ । ଭକ୍ତଗଣ ରଥ ଗୁଡିକୁ ଟାଣି ଟାଣି ଗୁଣ୍ଡିଚା ମନ୍ଦିର ନିକଟକୁ ନିଅନ୍ତି । ଯିବାବେଳେ ସାତ ଲହଡି ମଠ ଓ ଶରଧା ବାଲି ପଡେ । ପ୍ରଭୁ ଜଗନ୍ନାଥଙ୍କ ରଥ ସେହି ସବୁ ସ୍ଥାନରେ କିଛି ସମୟ ପାଇଁ ରହିଥାଏ । ଗୁଣ୍ଡିଚା ଘରୁ ଦଶମୀ ଦିନ ଜଗନ୍ନାଥ ପ୍ରତ୍ୟାବର୍ତ୍ତନ କରନ୍ତି । ଏହାକୁ ବାହୁଡାଯାତ୍ରା କୁହାଯାଏ । ସେହି ପରିଭକ୍ତଗଣ ଭକ୍ତିରେ ରଥ ଗୁଡିକୁ ଶ୍ରୀମନ୍ଦିର ଅଭିମୁଖେ ଟାଣି ଟାଣି ନେଇ ଥାନ୍ତି । ସଂକୀର୍ତ୍ତନ ଭଜନ ଜଣାଣରେ ବଡ ଦାଣ୍ଡ ଉଚ୍ଛୁଳି ପଡେ । ଭକ୍ତମାନେ ବଡଦାଣ୍ଡ ବାଲିରେ ଗଡି ଯାଇ ଗଡି ଆସନ୍ତି । ରଥ ଯାତ୍ରା ପରେ ବଡ ଦାଣ୍ଡରେ ଠାକୁର ମାନଙ୍କର ସୁନା ବେଶ ହୁଏ । ଠାକୁର ମାନଙ୍କ ଏହି ସୁବର୍ଣ୍ଣ ବେଶ ଦେଖିବା ପାଇଁ ଲକ୍ଷ ଲକ୍ଷ ଯାତ୍ରୀ ପୁରୀରେ ସମବେତ ହୁଅନ୍ତି । କେବଳ ଶାସ୍ତ୍ର ପୁରାଣ ନୁହେଁ ଲୋକ ବିଶ୍ୱାସ ରେ ବି ଯେ ଜଗନ୍ନାଥ ସେ କୃଷ୍ଣ ଓ ସେ ହିଁ ରାମସେହି ଭଳି ସଗଡ଼ିଆ ଶଗଡ଼ ବାହି ନେଲା ବେଳେ ତା କଣ୍ଠରୁ ଖୁସିରେ ଗୀତ ଝରି ଆସେ ସେଥିରେ ବି ଜଗନ୍ନାଥ ଓ ତାଙ୍କ ଘୋଷ ଯାତ୍ରାର ଚିତ୍ର ପ୍ରତି ଫଳିତ ହୁଏ । ସ୍ୱର ଲହରୀ ଯୁକ୍ତ ଏହି ଗୀତ ପଥ ଚାରୀକୁ ଆମୋଦିତ କରେ ।

ପଦଟିଏ,
ଆଷାଢ଼ ମାସରେ
ସଖି ମେଘ ଘଡଘଡି,
ବାହାରିଲେ ପ୍ରଭୁ
ନଢ଼ିଘୋଷ ଚଢି,
ନଢ଼ିଘୋଷ ରଥରେ
ଯେ ନନ୍ଦର ନନ୍ଦନ,
ତାଳଦ୍ୱାଜ ରଥେ
ବିଜେପ୍ରଭୁ ବଳରାମ,
ଦେବୀ ରଥେ ଚଢିଣ
ସୁଭାଦ୍ର ଗୁଣ୍ଡିଚା ଗମନ ହୋ,
ପୁରୀ ରଥ ଯାତ୍ରା ପୃଥିବୀ ପ୍ରସିଦ୍ଧ ।

ବହୁ ଦୂର ଦୁରାନ୍ତରୁ ଯାତ୍ରୀ ମାନେ ବସ ଓ ରେଲଗାଡିରେ ପ୍ରଭୁଙ୍କ ଦର୍ଶନ ପାଇଁ ଆସିଥାନ୍ତି । ଏହି ରଥ ଯାତ୍ରାରେ ସମସ୍ତ ବର୍ଗର ଲୋକ ମାନଙ୍କୁ ଦର୍ଶନ ଦେଇ ଥାନ୍ତି । ଶ୍ରୀକ୍ଷେତ୍ରରେ ସମସ୍ତେ ସମାନ । ଛେରା ପଂହରା ସମୟରେ ରାଜାଙ୍କ ଦର୍ଶନ ମଧ ସେ ଦିନ ମିଳିଥାଏ । ପୁରୀ ରଥ ଯାତ୍ରା ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ସରକାରୀ ବେସରକାରୀ ସଂସ୍ଥା ମାନଙ୍କ ତରଫରୁ ବ୍ୟାପକ ସୁ ବ୍ୟବସ୍ଥା କରାଯାଇଥାଏ । ଏହି ରଥ ଯାତ୍ରା କେବଳ ଭାରତ ରେ ନୁହେଁ ସମଗ୍ର ପୃଥିବୀରେ ମଧ ପ୍ରସିଦ୍ଧ । ଏହି ଯାତ୍ରାକୁ ଅନୁକରଣ କରି ବିଭିନ୍ନ ଅଂଚଳରେ ମଧ ଅନୁଷ୍ଠିତ ହେଉଛି । ରଥାରୂଢ ଜଗନ୍ନଥଙ୍କ ଦର୍ଶନ ଲାଭ କଲେ ପୁର୍ନଜନ୍ମର ଭୟ ନଥାଏ ବୋଲି ଧାରଣା ଆମ ଧର୍ମ ଧାରଣାରେ ରହିଛି । ଭକ୍ତର ଏହି ଧାରଣାକୁ ଚରିତାର୍ଥ କରିବା ଉଦ୍ଦେଶ୍ୟରେ ପ୍ରଭୁ ବରଷକେ ଥରେ ଘୋଷ ଯାତ୍ରା କରନ୍ତି । ସର୍ବଧର୍ମର ସମନ୍ୱୟ ଦେବତା ଜଗନ୍ନାଥ ସର୍ବଶେଷରେ ଲୋକଦେବତା, ଗଣଦେବତା, ଜାତୀୟ ଦେବତା, ରାଷ୍ଟ୍ରଦେବତା, ବିଶ୍ୱଦେବତା ଓ ମାନବଧର୍ମୀ ଦେବତାର ସମ୍ମାନରେ ଭୂଷିତ ।


+ଭୁବନେଶ୍ୱର
ମୋ: ୯୪୩୭୧୧୫୮୬୫


# ମାଉସୀ ଘର ଯିବ କାଳିଆ ରଥେ ଝୁଲି ଝୁଲି




ସମିତ ଦାଶ


ବାରମାସରେ ତେର ପର୍ବ । ସେଥି ମଧ୍ୟରୁ ଗୋଟିଏ ପର୍ବ ହେଉଛି ରଥଯାତ୍ରା ଏହାକୁ ମଧ ଘୋଷଯାତ୍ରା କୁହାଯାଇଥାଏ । ଏହି ପର୍ବ ବିଭିନ୍ନ ସ୍ଥାନରେ ପାଳିତ ହୋଇଥାଏ , ହେଲେ ପୁରୀ ରଥଯାତ୍ରା ସାରା ଜଗତେ ପ୍ରସିଦ୍ଧି ଅର୍ଜନ କରିଛି । ପ୍ରତିବର୍ଷ ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟ ତିଥିରେ ମହାପ୍ରଭୁଙ୍କ ଘୋଷଯାତ୍ରା ହୁଏ । ସେ ଦିନ ପୁରୀ ବଡ଼ ଦେଉଳରେ ଦିଅଁ ଜଗତର ନାଥ ଜଗନ୍ନାଥ,ବଳଭଦ୍ର,ସୁଭଦ୍ରା ଓ ସୁଦର୍ଶନ ରଥ ଉପରେ ଦେଖା ଦିଅନ୍ତି । ପୁରୀରେ ମହାପ୍ରଭୁ ଚତୁର୍ଦ୍ଧାମୂର୍ତ୍ତିଙ୍କର ତିନି ଗୋଟି ରଥ ହୋଇଥାଏ । ଖାଲି ପୁରୀରେ ନୁହଁ,ଯେଉଁଠାରେ ଜଗତର ନାଥ ଜଗନ୍ନାଥଙ୍କ ମନ୍ଦିର ରହିଅଛି ସେଠାରେ ମଧ ରଥ ଯାତ୍ରା ପାଳିତ ହୋଇଥାଏ । ଶ୍ରୀକ୍ଷେତ୍ରକୁ ବାଦ୍ ଦିଆଗଲା ଆଉ ଯେଉଁଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ ସେଠାରେ ଗୋଟିଏ ରଥ ହୋଇଥାଏ । ସେହି ଗୋଟିଏ ରଥରେ ଚତୁର୍ଦ୍ଧାମୂର୍ତ୍ତି ମାଉସୀ ଘରକୁ ଯାଇଥାନ୍ତି । ପୁରୀ ଭଳି ଆଉ ଚାରି ପାଞ୍ଚଟି ସ୍ଥାନ ରହିଛି ଯେଉଁଠାରେକି ତିନି ଗୋଟି ରଥ ହୋଇଥାଏ । ଯେପରିକି ବାରିପଦା , କଟକ, କେନ୍ଦୁଝର ଓ ଛତିଆରେ ମଧ ତିନୋଟି ରଥ ହୋଇଥାଏ । ଏହି ଦିନ ବିଭିନ୍ନ ସ୍ଥାନରୁ ଲେକେ ପୁରୀକୁ ଆସିଥାନ୍ତି ମହାପ୍ରଭୁଙ୍କ ଘୋଷଯାତ୍ରା ଦେଖିବା ନିମନ୍ତେ । ଘୋଷଯାତ୍ରା ଦିନ ବଡ଼ ଦାଣ୍ଡରେ ମହାପ୍ରଭୁ ଆଖି ପୁରାଇ ଦେଖିବା ପାଇଁ ସାରା ବିଶ୍ୱରୁ ଭକ୍ତ ମାନେ ଶ୍ରୀକ୍ଷେତ୍ର ଅଭିମୁଖେ ଚାଲିଆସନ୍ତି । ଏହିଦିନ ଏ ସାରା ଜଗତର ବଡ଼ ଠାକୁର ରତ୍ନବେଦିରୁ ଓହ୍ଲାଇ ଆସନ୍ତି ବଡ଼ଦାଣ୍ଡକୁ । ସେଦିନ ଭକ୍ତ ଓ ଭଗବାନ ଏକତ୍ର ହୋଇଯାଆନ୍ତି । ଛୁଆଁ ଅଛୁଆଁ,ବଡ଼ ସାନ,ଜାତି ଅଜାତି ଏହି ସ୍ଥାନ କିଛି ଭେଦ ଭାବ ନାହିଁ । ରଥଯତ୍ରା ସମୟରେ ପୁରୀରେ ଅନେକ ଦୋକାନ ବସିଥାଏ । ବହୁତ ଯାତ୍ରୀ ରୁଣ୍ଡ ହୁଅନ୍ତି । ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ପୋଲିସ ବିଭାଗର କର୍ମଚାରୀ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ଅନ୍ ସି ସି , ରେଡକ୍ରସ ଓ ପ୍ରଚାର ବିଭାଗର କର୍ମଚାରୀମାନେ ଏଠାରେ କାର୍ଯ୍ୟରତ ଭାବରେ ରହିଥାନ୍ତି ।

ରଥଯାତ୍ରା ଦିନ ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ତାଙ୍କ ବଡ଼ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ମାଉସୀ ଘରକୁ ଯାଇଥାନ୍ତି । ମହାପ୍ରଭୁଙ୍କ ରଥଯାତ୍ରା ପୂର୍ବରୁ ମହାପ୍ରଭୁ ଶ୍ରୀ ଜଗନ୍ନାଥ,ବଳଭଦ୍ର ଓ ସୁଭଦ୍ରା ଦେବସ୍ନାନ ପୂର୍ଣ୍ଣିମାରେ ଶହେ ଆଠ ଗରା ଜଳରେ ସ୍ନାନ କରି ଥାଆନ୍ତି । ବରଷକୁ ଥରେ ଯେଉଁ ଭଳି ଭାବେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ ସେହିଭଳି ଭାବରେ ବର୍ଷକୁ ଗୋଟିଏ ଦିନ କେବଳ ମହାପ୍ରଭୁ ସ୍ନାନବେଦିରେ ସ୍ନାନ କରନ୍ତି । ସେହି ଦିନ ଶ୍ରୀମନ୍ଦିର ପରିସରରେ ଥିବା ସୁନା କୂଅରୁ ମହାପ୍ରଭୁଙ୍କ ସେବାୟତ ମାନେ ଶହେ ଆଠ ଗରା ଜଳରେ ମହାପ୍ରଭୁଙ୍କୁ ସ୍ନାନ କରନ୍ତି । ଚୁଆ, ଚନ୍ଦନ, କର୍ପୁର ଏହିପରି ବିଭିନ୍ନ ପ୍ରକାର ଦ୍ରବ୍ୟ ମିଶାଯାଇ ମହାପ୍ରଭୁଙ୍କ ସ୍ନାନ କରାଯାଏ । ଏଥି ମଧ୍ୟରୁ ୩୫ ଗରା ଶ୍ରୀ ଜଗନ୍ନାଥଙ୍କୁ, ୩୩ ଗରା ବଳଭଦ୍ରଙ୍କୁ,୨୨ସୁଭଦ୍ରାଙ୍କୁ ଓ ୧୮ ଗରା ଜଳରେ ସୁଦର୍ଶନ ସ୍ନାନ କରିଥାନ୍ତି । ମହାପ୍ରଭୁଙ୍କ ଏହି ସ୍ନାନ ପରେ ଗଜାନନ ବେଶରେ ସୁସଜ୍ଜିତ କରାଯାଏ । ସ୍ନାନ ପୂର୍ଣ୍ଣିମା ଦିନ ମହାପ୍ରଭୁ ସ୍ନାନ କରି ଜର ପୀଡ଼ିତ ହୋଇଥାଆନ୍ତି ।ଏହି ସମୟରେ ମହାପ୍ରଭୁଙ୍କୁ ସୁସ୍ଥ କରିବା ଲାଗି ଦଶମୂଳ ଔଷଧ ଓ ଫୁଲୁରି ତେଲ ଦିଆଯାଇଥାଏ । ଚଉଦ ଦିନ ମହାପ୍ରଭୁ ସଂଘରୋଧ ରହିବା ପରେ ସୁସ୍ଥ ହୋଇ ବଡ଼ ଦେଉଳକୁ ପ୍ରବେଶ କରିଥାନ୍ତି । ସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁ ବଳଭଦ୍ର ଓ ସୁଭଦ୍ରା ଶୀତଳ ଜଳରେ ସ୍ନାନ କରି ସ୍ୱାସ୍ଥ୍ୟହାନିର କାରଣ ହୋଇଥାଏ । ସେ ସମୟରେ ମହାପ୍ରଭୁ ଷାଠିଏ ପଉଟି ପ୍ରସାଦ ସେବନ ନ କରି କେବଳ ଆୟୁର୍ବେଦିକ ଔଷଧରେ ଚିକିତ୍ସିତ ହୋଇଥାନ୍ତି । ଏହି ସମୟରେ ଦଇତାପତି ଓ ଅନ୍ୟ ସେବାୟତ ମାନେ ମିଶି ମହାପ୍ରଭୁଙ୍କୁ ସେବା କରିଥାନ୍ତି । ଆଷାଢ଼ କୃଷ୍ଣ ପକ୍ଷ ପ୍ରଥମୀରୁ ପନ୍ଦର ଦିନ ଧରି ମହାପ୍ରଭୁ ଅଣସର ଗୃହରେ ଶୟନ କରିଥାନ୍ତି । ମହାପ୍ରଭୁ ବଳଭଦ୍ରଙ୍କ ଆସ୍ଥାନ ପାଖରେ ରାମ ନୃସିହ ଓ ଦୋଳ ଗୋବିନ୍ଦ ବିଗ୍ରହ ରହିଥିବା ବେଳେ ମା ସୁଭଦ୍ରାଙ୍କ ପାଖରେ ରହିଥାଏ ଲକ୍ଷ୍ମୀ ସରସ୍ୱତୀଙ୍କ ଦୁଇଟି ପିତୁଳା ଓ ଜଗନ୍ନାଥଙ୍କ ସମ୍ମୁଖରେ ରହିଥାଏ ମଦନମୋହନ ଓ ଶ୍ରୀ କୃଷ୍ଣଙ୍କ ପ୍ରତିମୂର୍ତ୍ତି । ସ୍ନାନ ପୂର୍ଣ୍ଣିମା ଦିନ ମହାପ୍ରଭୁ ସ୍ନାନ କରି ଜର ହୋଇଅଛି କୁହାଯାଉଥିଲେ ମଧ ପ୍ରକୃତରେ ମହାପ୍ରଭୁ ପାଣିରେ ଧୋଇ ହୋଇ ତାଙ୍କର ରଙ୍ଗ ଧୋଇ ହୋଇ ଯାଇଥାଏ । ସେବାୟତ ମାନେ ମହାପ୍ରଭୁଙ୍କ ପୂର୍ବ ରୂପ ଫେରାଇ ଆଣିବା ଲାଗି ପୁନର୍ବାର ସେବା କରିଥାନ୍ତି । ଦଇମହାପାତ୍ର ନାମକ ସେବାୟତ ମହାପ୍ରଭୁଙ୍କୁ ରଙ୍ଗ ଦେଇଥାନ୍ତି । ମହାପ୍ରଭୁଙ୍କ ସମସ୍ତ ପ୍ରକାରର ଚିତ୍ର ହୋଇଥିବା ଭିତରେ ଚକ୍ଷୁ ଅଙ୍କନ କରିବା ବାକି ରହିଯାଇଥାଏ । ଆଷାଢ଼ ମାସ ଶୁକ୍ଳ ପ୍ରଥମୀ ତିଥିରେ ମହାପ୍ରଭୁଙ୍କ ଚକ୍ଷୁ ଅଙ୍କନ ହୋଇଥାଏ । ସେହି ଦିନକୁ ନେତ୍ର ଉତ୍ସବ କୁହାଯାଏ । ଭକ୍ତ ମାନେ ଏହା ପରେ ପ୍ରଭୁଙ୍କୁ ଦର୍ଶନ କରୁଥିବାରୁ ଏହାକୁ ନବଯୌବନ ଦର୍ଶନ ଭାବେ ସମସ୍ତେ ଜାଣିଥାନ୍ତି । ଦେବସ୍ନାନ ପୂର୍ଣ୍ଣିମା ଠାରୁ ନେତ୍ର ଉତ୍ସବ ଯାଏ ଫୁଲୁରି ତେଲ ଲାଗି,ଶ୍ରୀ କପଡା ଉତ୍ସବ, ମସୃଣ ଲେପନ, ଚକା ବିଜେ, ଚନ୍ଦନ ଲାଗି, ଓଷ ଲାଗି , ଘଣା ଲାଗି, ବନକ ଲାଗି, ଚକା ଅପସର ନୀତି କରାଯାଏ । ଚକା ଅପସର ହେଉଛି ଅଣସରର ଶେଷ ଦିନ । ବିଜୟ ଅମାବାସ୍ୟା ଦିନ ମହାପ୍ରଭୁ ରତ୍ନ ସିହାସନକୁ ଆସିଥାନ୍ତି ପୁଣି ଗୁଣ୍ଡିଚା ଦିନ ମହାପ୍ରଭୁ ରଥ ଉପରକୁ ବିଜେ କରନ୍ତି । ପ୍ରତି ବର୍ଷ ଅକ୍ଷୟ ତୃତୀୟରେ ରଥ କାର୍ଯ୍ୟ ଆରମ୍ଭ ହୋଇଥାଏ, ରଥଯାତ୍ରା ପୂର୍ବଦିନ ରଥ କାର୍ଯ୍ୟ ସମାପନ ହୋଇଥାଏ । ଶ୍ରୀ ଜଗନ୍ନାଥଙ୍କ ରଥର ନାମ ହେଉଛି ନନ୍ଦିଘୋଷ, ବଳଭଦ୍ରଙ୍କ ରଥର ନାମ ହେଉଛି ତାଳଧ୍ୱଜ ଓ ମା ସୁଭଦ୍ରାଙ୍କ ରଥର ନାମ ହେଉଛି ଦେବଦଳନ । ମହାପ୍ରଭୁ ଜଗନ୍ନାଥଙ୍କ ରଥର ପତାକାରେ ଗରୁଡ଼ ଚିହ୍ନ ରହିଥାଏ,ବଳଭଦ୍ରଙ୍କ ରଥର ପତାକାରେ ଦର୍ପଣ ଚିହ୍ନ ରହିଥାଏ ଓ ସୁଭଦ୍ରାଙ୍କ ରଥର ପତାକାରେ ପଦ୍ମ ଚିହ୍ନ ରହିଥାଏ । ମହାପ୍ରଭୁ ଜଗନ୍ନାଥଙ୍କ ରଥରେ ୧୬ ଗୋଟି ଚକା ରହିଅଛି,ବଳଭଦ୍ରଙ୍କ ରଥରେ ୧୪ ଗୋଟି ଚକା ରହିଅଛି ଓ ସୁଭଦ୍ରାଙ୍କ ରଥରେ ୧୨ ଗୋଟି ଚକା ରହିଅଛି । ତିନୋଟି ରଥରେ କାଠର ଘୋଡ଼ା ଲଗାଯାଇଥାଏ । ରଥଯାତ୍ରା ବିଷୟରେ ବହୁ ପୌରାଣିକ କିମ୍ବଦନ୍ତୀ ରହିଛି ତାହା ହେଲା ଶବର ରାଜା ବିଶ୍ୱାବସୁ ଭକ୍ତିର ସହ ନୀଳମାଧବଙ୍କୁ ପୂଜା କରୁଥିଲେ । ଏ କଥା ତା ପରିବାର ଛଡ଼ା ଆଉ କେହି ଜାଣିନଥିଲେ । ମହାପ୍ରଭୁଙ୍କ ଲୀଳା ବିଚିତ୍ର ସେ ଆଉ ସେ ଜଙ୍ଗଲ ଭିତରେ ରହିବାକୁ ଇଚ୍ଛା କଲେ ନାହିଁ । ସେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ସ୍ୱପ୍ନ କରିଲେ ତାଙ୍କୁ ନେଇଯିବା ନିମନ୍ତେ । ରାଜା ବ୍ରହ୍ମଣ ବିଦ୍ୟାପତିଙ୍କୁ ପଠାଇ ବିଶ୍ୱାବସୁର ଝିଅ ଲଳିତା ସାହାଯ୍ୟରେ ନୀଳ ମାଧବଙ୍କୁ ଉଦ୍ଧାର କଲେ । ଏହା ପରେ ଶବର ରାଜା ବିଶ୍ୱାବସୁ ଜାଣିପାରି ନୀଳମାଧବଙ୍କୁ ଦର୍ଶନ କରିବାକୁ ଇଚ୍ଛା କଲେ କିନ୍ତୁ ବିଶ୍ୱାବସୁ ଅଛୁଆଁ ହୋଇଥିବାରୁ ରାଜା ତାଙ୍କୁ ଦର୍ଶନ କରିବାକୁ ମନାକଲେ । ମହାପ୍ରଭୁ ଅଛୁଆଁ ଚଣ୍ଡାଳ ମାନଙ୍କୁ ଦର୍ଶନ ଦେବାପାଇଁ ମହାରାଣୀ ଗୁଣ୍ଡିଚାଙ୍କୁ ମହାପ୍ରଭୁ ସ୍ୱପ୍ନରେ କହିଲେ । ଏହାପରେ ମହାରାଣୀ ଗୁଣ୍ଡିଚା ମହାପ୍ରଭୁ ମନ୍ଦିର ଛାଡ଼ି ନିଜ ଘରେ ରହିବାକୁ ଅନୁରୋଧ କରିଲେ । ରାଣୀଙ୍କ ଇଚ୍ଛା ପୂରଣ ହେଲା । ଅସ୍ପୃଶ୍ୟ ମାନଙ୍କୁ ଦର୍ଶନ ଦେବା ପାଇଁ ଓ ରାଣୀଙ୍କୁ ଦେଇଥିବା କଥା ପୂରଣ ପାଇଁ ମହାପ୍ରଭୁ ମନ୍ଦିର ବାହାରକୁ ଆସିଲେ । ସେହିଦିନଠାରୁ ରଥଯାତ୍ରା ପାଳିତ ହୋଇଥାଏ । ଏହି ଯେଉଁ ତିନିଗୋଟି ରଥ ରହିଥାଏ ସେଥିରୁ ନନ୍ଦିଘୋଷ ରଥରେ ପିତ ବସ୍ତ୍ର ସଜ୍ଜିତ କରାଯାଇଥାଏ, ତାଳଧ୍ୱଜ ରଥକୁ ନୀଳ ଓ ଲୋହିତ ବସ୍ତ୍ରରେ ସୁସଜ୍ଜିତ କରାଯାଏ ଓ ଦର୍ପଦଳନ ରଥକୁ କୃଷ୍ଣ ଓ ଲୋହିତ ବସ୍ତ୍ରରେ ସୁସଜ୍ଜିତ କରାଯାଇଥାଏ । ଜଗନ୍ନାଥଙ୍କ ରଥର ସାରଥିର ନାମ ମାଳତୀ, ବଳଭଦ୍ରଙ୍କ ରଥରେ ସାରଥିର ନାମ ପ୍ରଦ୍ୟୁମ୍ନ ଓ ସୁଭଦ୍ରାଙ୍କ ରଥରେ ସାରଥିର ନାମ ଅର୍ଜ୍ଜୁନ । ରଥଯାତ୍ରା ଦିନ ଦଇତାପତି ମାନେ ମହାପ୍ରଭୁଙ୍କୁ ପହଣ୍ଡି କରି ରଥ ନିକଟକୁ ନେଇଥାନ୍ତି । ପରେ ମହାପ୍ରଭୁଙ୍କୁ ରଥ ଉପରେ ସ୍ଥାପନ କରନ୍ତି । ମହାପ୍ରଭୁଙ୍କ ପହଣ୍ଡି ବିଜେ ସମୟରେ ସାରା ଦେଶରୁ ଆସିଥିବା ଭକ୍ତ ମାନଙ୍କର ହରିବୋଲ, ହୁଳାହୁଳି, ଝାଞ୍ଜ, ମୃଦଙ୍ଗ,ଘଣ୍ଟ, ଘଣ୍ଟା ଓ କରତାଳି ଶବ୍ଦରେ ପ୍ରକମ୍ପିତ ହୋଇଥାଏ । ମହାପ୍ରଭୁ ରଥ ଉପରେ ଥିବା ସମୟରେ ମହାରାଜା ଆସି ରଥରେ ଛେରା ପହଁରା କରିଥାନ୍ତି । ଜଗନ୍ନାଥଙ୍କ ରଥ ଉପରେ ପୁରୀ ରାଜାଙ୍କ ଛେରା ପହଁରା ଦୃଶ୍ୟ ଉପସ୍ଥିତ ସକଳ ଶ୍ରେଣୀର ଜନତାଙ୍କୁ ଏକ ମହତ୍ତ୍ୱରେ ଅଭିଭୂତ କରେ । ଏହି ଛେରା ପହଁରା ମହାରାଜା କରିସାରିବା ପରେ ରଥରୁ ସିଡି ଖୋଲାଯାଏ ଓ ରଥକୁ ଟାଣିବା ନିମନ୍ତେ ସୁଦୃଢ଼ ଦଉଡ଼ି ଲଗାଯାଇଥାଏ । ସେଠାରେ ଉପସ୍ଥିତ ଥିବା ଭକ୍ତ ମାନେ ସେ ସମସ୍ତ ଦୌଡ଼ିକୁ ହାତ ସାହାଯ୍ୟରେ ବଳ ପ୍ରୟୋଗକରି ଆକର୍ଷଣ କରନ୍ତି,ପରେ ରଥ ଗଡ଼ିଗଡ଼ି ଚାଲେ । ଭକ୍ତମାନେ ରଥକୁ ଟାଣି ଟାଣି ଗୁଣ୍ଡିଚା ମନ୍ଦିର ନିକଟକୁ ନେଇଥାନ୍ତି । ରଥାଗୁଡ଼ିକୁ ଗତିପଥରେ ଶରଧା ବାଲି ଅତିକ୍ରମ କରିବାକୁ ପଡ଼େ । ଗୁଣ୍ଡିଚା ମନ୍ଦିର ନିକଟରେ ତିନିରଥ ରହିଥାନ୍ତି । ମହାପ୍ରଭୁଙ୍କୁ ଯଥାବିଧିରେ ଗୁଣ୍ଡିଚା ମନ୍ଦିରକୁ ନିଆଯାଏ । ମାଆ ଗୁଣ୍ଡିଚା ହେଉଛନ୍ତି ମହାପ୍ରଭୁଙ୍କ ମାଉସୀ, ତାଙ୍କ ମାଉସୀ ଘରେ ପ୍ରଥମେ ପୋଡ଼ ପିଠା ଭୋଗ ହୋଇଥାଏ । ସେ ତାଙ୍କ ମାଉସୀ ଘରେ ନଅ ଦିନ ରହିଥାନ୍ତି । ମହାପ୍ରଭୁ ଶ୍ରୀ ଜଗନ୍ନାଥ ତାଙ୍କ ବଡ଼ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ମାଉସୀ ଘରକୁ ଆସିଲେ ମା ଲକ୍ଷ୍ମୀଙ୍କୁ ସାଙ୍ଗରେ ଆଣିଲେ ନାହିଁ ବୋଲି ଲକ୍ଷ୍ମୀ ଠାକୁରାଣୀ ରାଗିଯାଇ ହେରା ପଞ୍ଚମୀ ଦିନ ଆସି ରଥକୁ ଭାଙ୍ଗିଦେଇ ଯାଇଥିଲେ । ମହାପ୍ରଭୁ ନଅ ଦିନ ରହିସରିବା ପରେ ଶ୍ରୀ ମନ୍ଦିରକୁ ଫେରନ୍ତି ସେଦିନକୁ ବାହୁଡ଼ା ଯାତ୍ରା କୁହାଯାଏ । ବାହୁଡ଼ା ଯାତ୍ରା ଦିନ ମହାପ୍ରଭୁ ମାଉସୀ ଘରୁ ବାହୁଡ଼ି ଆସି ଶ୍ରୀମନ୍ଦିର ଆଗରେ ରଥ ଉପରେ ରହିଥାନ୍ତି । ପରଦିନ ସୁନାବେଶ ତା ପରଦିନ ଅଧାର ପଣା ଓ ପରେ ନୀଳାଦ୍ରି ବିଜେ ଦିନ ମହାପ୍ରଭୁ ବଡ଼ଦେଉଳକୁ ଯାଇଥାନ୍ତି ।




+ପଲ୍ଲୀକଣ୍ଠା, ଏରସମା,
ଜଗତସିଂହପୁର
ମୋ:୯୧୭୮୮୦୪୬୪୫




## ରଥ ସଜା ହେଲା, ପଥ ସଜା ହେଲା...


ଅମୂଲ୍ୟ କୁମାର ପଣ୍ଡା




ରଥ ସଜା ହେଲା ପଥ ସଜା ହେଲା
ରଥରେ ଚଢ଼ିବୁ ଏକା
ଭକତର ଶୂନ୍ୟ ହୋଇବ ତୋ ଦାଣ୍ଡ
ମାଳିକା ରେ ପରା ଲେଖା
ତଥାପି ତୋ ରଥ ଯିବ
ରଙ୍ଗା ଅଧରରେ ନାଲିଆ ହସଟି
ମୁରୁକି ମୁରୁକି ଥିବ ।

ପହଣ୍ଡିରେ ଯାଇଁ ବିଜେ ତୁ କରିବୁ
ସେବାଧାରୀ ସଙ୍ଗେ ତୁହି
ଭାଗ୍ୟରେ ମୋ ନାହିଁ
ତୋ ରଥ ଦଉଡ଼ି
ଏସନ ପାରିବି ଛୁଇଁ
ଭାବି ଝରିଯାଏ ଲୁହ
ତୋ ଭକତ ପାଇଁ ଏତେ ନିରିଦୟ
କିପରି ହୋଇଲୁ କୁହ ।

ଜଗନ୍ନାଥ ମୋର କାଳିଆ ସାଆନ୍ତ
ନୀଳାଚଳେ ଅଛୁ ବସି
ପ୍ରତି ଜନଙ୍କର ଆରାଧ ଦେବତା
ଦେଉଛୁ ମୁରୁକି ହସି
ମୁଁ ଯେ ହସି ପାରୁନାହିଁ
ମନର ଆଖିରେ ତୋ ଚକାଆଖିକୁ
ଲୟରେ ଥାଏ ମୁଁ ଚାହିଁ ।

ହାତ ପାଦ ନାହିଁ ସବୁ କାମ କରି
ଭକତକୁ ଦେଉ ଶାନ୍ତି
ଲୀଳା କରୁ ଅଛୁ ଶିରିକ୍ଷେତରରେ
କିବା ଦିନ କିବା ରାତି
ଶେଷ ଇଛା ପ୍ରଭୁ ମୋର
ଦୁଇ ବାହା ମେଲି ଘଉଡାଇ ଦିଅ
ଏ ମହା ବିପତ୍ତି ଘୋର ।


+ଅରଙ୍ଗାବାଦ, ବରୀ, ଯାଜପୁର
ମୋ: ୯୯୩୮୯୦୬୦୭୦


## କାଳିଆର ରଥଯାତ...


ପ୍ରଶାନ୍ତ କୁମାର ଦାଶ




ଗୁଣ୍ଡିଚାରାଣୀକୁ
ଦେଇଥିଲେ କଥା
ଯିବେ ବୋଲି ତାଙ୍କ ଘର
ଜନମବେଦୀକୁ
ଯିବେ ଜଗନ୍ନାଥ
ହେଲେଣିଯେ ତର ତର ।
କାଳିଆର ରଥଯାତ ଦେଖିବାକୁ
ଗାର ହେଇଅଛି ଟଣା
ବିନା ଭକତରେ
ହେବ ରଥ ଯାତ
ଲାଗିଅଛି କଟକଣା ।
ବଡଦାଣ୍ଡେ ଯିବ ତିନି ରଥ ଗଡି
ନ ଥିବେ ଭକତ ଜନ
ନୀରବରେ ବସି ଢାଳୁଛନ୍ତି ଲୁହ
ଦୁଃଖରେ ଭିଜାଇ ମନ ।
ଆସିଛି କରୋନା ମାରୁଛି ମଣିଷ
ସଂସାରଟା ଛାର ଖାର
ଦୂରତା ରଖିକି ଚଳିବା ସବୁଠୁ
ଅଟେ ବଡ ପ୍ରତିକାର ।
ରତନବେଦୀକୁ ଛାଡି ନଅଦିନ
ଯିବେତ ଜଗତ ସାଇଁ
ଥିବେ ସାଥେ ଭାଇ
ଭଉଣୀ ସୁଭଦ୍ରା
ପତିତ ଉଦ୍ଧାର ପାଇଁ ।
ଭକତଦେଖିବେ ଦୂରଦର୍ଶନରେ
ଘରେ ରହି ଘୋଷ ଯାତ
କଳା ସାଆନ୍ତଙ୍କୁ
ଦେଖି ଭକତିରେ
ଯୋଡି ଦେବେ ଦୁଇହାତ ।
ଘୋଷଯାତ ସାରି
ଦେଉଳକୁ ଫେରି
ଦୟାକର ମହାବାହୁ
ତୁମ ହାତ ଗଢ଼ା ଦୁନିଆ ଭିତରୁ
କରୋନାଟି ହଟି ଯାଉ ।


+କୁଞ୍ଜର ସଙ୍ଗଳାଇ
ପିପିଲି ପୁରୀ
ମୋ: ୯୬୬୮୮୨୨୧୯୦

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପ୍ରତିଷେଧଦ ବ୍ୟବସ୍ଥା ଉପରେ ବିଚାର...

ତମାମ୍ ବିଶ୍ୱବାସୀଙ୍କୁ ଘୋର ଚିନ୍ତାରେ ପକାଇ ସାରିଥିବା କରୋନା ମହାମାରୀ ଲହର ପରେ ଲହର ରୂପରେ ଆସି ସମସ୍ତଙ୍କୁ ଆତଙ୍କିତ କରି ରଖିଛି । ଆସନ୍ନ ତୃତୀୟ ଲହରର ରୂପରେଖ ସମ୍ପର୍କରେ କିଏ କିଭଳି ବୟାନ ଦେଉଛନ୍ତି, ତାହା ନେଇ ବିଭିନ୍ନ ମହଲରେ ତର୍ଜମା ଚାଲିଥିବାରୁ ବେଳେବେଳେ ମଧ ଅଧିକ ଆତଙ୍କ ଖେଳାଇ ରଖିଛି । ସଂକ୍ରମଣର ଗତିରୋଧ କରିବା ପାଇଁ ଦୁଇ ତିନି ପ୍ରକାର ପ୍ରତିଷେଧକ ଟିକାର ବିକାଶ ଓ ପ୍ରୟୋଗ ଭିତରେ ଆଶା ରହିଛି ଆଉ କିଛି ଅଧିକ ପ୍ରଭାବୀ ଟିକା ବାହାରିବ ଏବଂ ଦିନ ଆସିବ, କରୋନାର ମୂଳୋତ୍ପାଟନ ଦିଗରେ ଚାଲିଥିବା ପ୍ରୟାସ ଶତପ୍ରତିଶତ ଫଳବତୀ ହେବ । ପ୍ରାୟ ଦେଢ଼ବର୍ଷ ଟପିଲାଣି, ବିଶ୍ୱବ୍ୟାପୀ ସାରଧାରଣ ଜୀବନଯାତ୍ରୀଙ୍କୁ ଏହି ଅଦୃଶ୍ୟ ଶତ୍ରୁ ବିକଳ-ବିକୃତ କରି ରଖିଛି । ସମସ୍ତଙ୍କ ବଞ୍ଚାଇବାକୁ ହେଲେ ବଦଳାଉଛନ୍ତି ଜୀବିକା, ଆଉ କିଏ ଲଜ୍ୟା ତ୍ୟାଗ କରି ପେସା ବଦଳାଇ ନକଲା କାମ କରିବାକୁ କୁଣ୍ଠା କରୁନାହାଁନ୍ତି । ଏହି ଭୂତାଣୁ ସଂକ୍ରମଣ କେତେବେଳେ ଅଧିକ ତ' ଆଉ କେତେବେଳେ ଊଣା ହେଉଛି, ତାହାର କିଛି ଠିକ୍ ଠିକଣା ନାହିଁ । କୋଟି ସଂଖ୍ୟାରେ ସଂକ୍ରମଣ ଓ ଲକ୍ଷ ସଂଖ୍ୟାରେ ମୃତ୍ୟୁ, ଏଭଳି କେବେ ଦେଖାନଥିଲା । ବିକଶିତ ଓ ବିକାଶଶୀଳ ନିର୍ବିଶେଷରେ ସଂକ୍ରମଣର ବଳୟ ଭିତରେ ରହିଛନ୍ତି ୨୨୦ଟି ଦେଶ । ପ୍ରତିଷେଧକ ଟିକାର ପ୍ରୟୋଗ ଉପରେ ଗୁରୁତ୍ୱାରୋପ ସହିତ ସାମାଜିକ ଦୂରତା ରକ୍ଷା, ମାସ୍କ ପରିଧାନ, ହସ୍ତପ୍ରକ୍ଷାଳନ ଭଳି ଉପଚାର ଅନୁପାଳନ ଚାଲିଛି । ସମସ୍ତେ ଟିକା ନେବା ପରେ ବି' ଏହିସବୁ କଟକଣା ଓ ଉପଚାରକୁ ପରିହାର କରାଯାଇନପାରେ । ବିବାହ-ବ୍ରତ-ଅନ୍ତ୍ୟେଷ୍ଟି, ସମାବେଶ ଉପରେ କଟକଣା ରହିଛି, ସତ, ତାହାର ପାଳନ ସମୟରେ ଯେମିତି ନିଷ୍ଠା ଦେଖାଯିବା କଥା, ତାହା ହେଉନାହିଁ । ତଥାକଥିତ ସଭ୍ୟ, ଶିକ୍ଷିତମାନେ କଟକଣା ନମାନିଲେ କିଏ ଅଧିକ କଣ କରିପାରିବ ? ତାହାରି ଭିତରେ କରୋନା କଟକଣା କ୍ରମେ କ୍ରମେ କୋହଳ କରାଯିବାର ଦେଖାଗଲାଣି । ଏହାର ମଧ ରହିଛି ଏକାଧିକ କାରଣ । ଯେମିତି ହେଲେ ଗୁଳାରୁ ବାହାରି ସାରିଥିବା ଜୀବନଯାତ୍ରାକୁ ସାମାନ୍ୟ ଓ ସ୍ୱାଭାବିକ କରିବାକୁ ହେଲେ କରୋନା-ବିରୋଧୀ ଲଢ଼େଇକୁ ଶାନ୍ତି ଯୋଗାଇବା ସହିତ ଅଧିକ କିଛି ଉଲ୍ଲେଖଯୋଗ୍ୟ ପଦକ୍ଷେପ ନେବାକୁ ହେଉଛି । ଯେମିତିକି ଭର୍ଚୁଆଲ ମୋଡରେ ବିଶ୍ୱସ୍ତରୀୟ ଓ କ୍ଷେତ୍ରୀୟ ଶିକ୍ଷର ସମ୍ମିଳନୀ ହୋଇଛି । ଦର୍ଶକଶୂନ୍ୟ ଗ୍ୟାଲେରିରେ ହୋଇଯାଇଛି ଆଇପିଏଲ ମ୍ୟାଚ୍ । ମନ୍ତ୍ରୀ, ପ୍ରଶାସକ, କରୋନା ଯୋଦ୍ଧାମାନଙ୍କ ସହ ନେତାମାନେ ସେହି ଭର୍ଚୁଆଲ ମୋଡ୍‌ରେ କରୁଛନ୍ତି ବିଚାରବିମର୍ଶ । ସେହିକ୍ରମରେ ଦୁଇ ସପ୍ତାହ ଅନ୍ତରରେ ଜାପାନ ରାଜଧାନୀ ଟୋକିଓରେ ଆୟୋଜିତ ହେବାକୁ ଥିବା ଅଲିମ୍ପିକ୍ କ୍ରୀଡ଼ ଉପରେ ଡାଙ୍କି ରହିଛି ସଂକ୍ରମଣର ଘନ ବାଦଲ । ବିଶ୍ୱ କ୍ରୀଡ଼ା ଆୟୋଜନ ଯେମିତି ଓ ଯେତିକି ତ୍ୱରାନ୍ୱିତ ହେବା କଥା, ତାହାକୁ କରୋନା ମହାମାରୀ ଧିମେଇ ଦେଇଛି ବୋଲି କହିହେବ । ରାଜଧାନୀ ଟୋକିଓରେ ଭୂତାଣୁ ସଂକ୍ରମଣ ଅବ୍ୟାହତ ରହିଥିବାରୁ ଅଲିମ୍ପିକ୍ କ୍ରୀଡ଼ା ମହୋତ୍ସବ ମଧ ବିନା ଦର୍ଶକରେ ହେବ ବୋଲି କୁହାଯାଉଛି । କ୍ରୀଡ଼ାଗ୍ରାମରେ ଯଥାବିଧି ଅଂଶଗ୍ରହଣକାରୀଙ୍କ ଭିଡ଼ ଜମିଲାଣି । ଟୋକିଓରେ ସଂକ୍ରମଣର ମାତ୍ରା ଓ ହାର ଉପରମୁହାଁ ହୋଇଥିବାରୁ ଗହଳିକୁ କିଭଳି ଏଡ଼ାଇ ଦିଆଯାଇ ପାରିବ, ତାହା ନେଇ ଆୟୋଜକମାନେ ଘୋର ଚିନ୍ତାରେ । କ୍ରୀଡ଼ା ମହାକୁମ୍ଭ ପାଇଁ କର୍ତ୍ତୃପକ୍ଷ କୌଣସି ଝୁଙ୍କ୍ ନେବାକୁ ଚାହୁଁନଥିବା ସ୍ୱାଭାବିକ । ଜୁଲାଇ ୧୨ରୁ ଅଗଷ୍ଟ ୨୨ଯାଏ ଟୋକିଓରେ ଜରୁରିକାଳୀନ ସ୍ଥିତି ଜାରି କରିବା, ଭିଡ଼କୁ ଯଥାସମ୍ଭବ ଏଡ଼ାଇବା ପାଇଁ ବିବିଧ କଟକଣା ଲାଗୁ କରିଛନ୍ତି ସରକାର । ଏହିସବୁ ସତ୍ତ୍ୱେ ନିର୍ବିଘ୍ନ ପରିଚାଳନା ପାଇଁ ଅଧିକ କ'ଣ କରିହେବ, ତାହା ଉପରେ ବିଶ୍ୱ ଅଲିମ୍ପିକ ସଂଗଠନ ଓ ଜାପାନ ସରକାର ଚିନ୍ତାରେ କରୁଛନ୍ତି । ଆମ ଦେଶ ପକ୍ଷରୁ ଟୋକିଓ ଅଲିମ୍ପିକ୍ ପାଇଁ କ୍ରୀଡ଼ାବିତ୍‌ମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉତ୍ସାହିତ କରିବା ସକାଶେ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି । ଟୋକିଓରେ ସ୍ୱର୍ଣ୍ଣ ଜିଣିଲେ ୬ କୋଟିର ପୁରସ୍କାର ଦିଆଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ଯେଉଁ ପ୍ରତିଯୋଗୀ ରୌପ୍ୟ ପଦକ ଜିଣିବେ, ସେମାନଙ୍କୁ ୪କୋଟି ଓ ବ୍ରୋଞ୍ଜ ପଦକ ବିଜେତାଙ୍କୁ ଅଢ଼େଇକୋଟି ଦିଆଯିବ ବୋଲି ଘୋଷଣା କରାଯାଇଛି । ପୂର୍ବ ଅଲିମ୍ପିକ୍ସରେ ସଫଳ ପ୍ରଦର୍ଶନ ପାଇଁ ରାଜ୍ୟ ତଥା ଦେଶ ପକ୍ଷରୁ ପୁରସ୍କାର ଓ ସମ୍ମାନ ପ୍ରଦାନ କରାଯାଇଥିଲା । ଏପରିକି ଯଥାଯୋଗ୍ୟ କର୍ମସଂସ୍ଥାନ କରାଯାଇଥିଲା । ଟୋକିଓ ମହୋତ୍ସବ ଯଦିଓ କରୋନାର କଳାଛାୟା ଭିତରେ ହେବାକୁ ଯାଉଛି, କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରାଯିବାର ପରମ୍ପରାରେ କିଛି ଊଣା ହୋଇନାହିଁ ।

### କବିତା କୋଣାର୍କ

## ମୋ କାଳିଆ ଧନ...



**ବିଜୟ କୁମାର ପଣ୍ଡା**

ରଥରେ ବସି ଆସିବୁ
ଭକତ ମନ ମୋହିବୁ
ତୋ ରଥ ଟାଣିଦେଲେ
ହୋଇବି ଧନ୍ୟ

ହେ ଦୁଖଃନାସନ
ମୋ ରଙ୍କ ରତନ
ମୋ କାଳିଆ ଧନା ।

କୁଣିଆ ହେଇ ଆସିବୁ
ଦାଣ୍ଡ ଦୁଆରେ ବସିବୁ
ତୋ ପାଦ ଧୋଇଦେଲେ,
ଲଭିବି ପୁଣ୍ୟ

ହେ ଦୁଖଃନାସନ
ମୋ ରଙ୍କ ରତନ
ମୋ କାଳିଆ ଧନା ।

କଳା ଘୋଡ଼ାରେ ବସିବୁ
କଳ୍କି ହୋଇ ଆସିବୁ
ତୋ ପାଦ ପଡ଼ିଗଲେ
ସଂସାର ହୋଇବ ଧନ୍ୟ

ହେ ଦୁଖଃନାସନ
ମୋ ରଙ୍କ ରତନ
ମୋ କାଳିଆ ଧନ ।

ସମ୍ପାଦକ-କନକପ୍ରଭା ,ସବଙ୍ଗ ,
ସିମୁଳିଆ, ବାଲେଶ୍ୱର,
ମୋ:୯୭୩୯୫୯୧୮୧୬

# ବିଶ୍ୱ ଚର୍ଚ୍ଚିତ ଜଗନ୍ନାଥ ଓ ଭକ୍ତ



ଡକ୍ଟର ଲକ୍ଷ୍ମଣ ସାହୁ

ମଣିଷର ଧର୍ମ ବିଶ୍ୱାସରୁ ହିଁ ପର୍ବପର୍ବାଣିର ସୃଷ୍ଟି ଓ ତାହାର ନୀତିଗତ ପାଳନ ଏକ ବଳିଷ୍ଠ ଦିଗ । କେଉଁ ଆଦିମ କାଳରୁ ମଣିଷ ଏହି ଧର୍ମ ବିଶ୍ୱାସକୁ ପାଥେୟ କରି ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ର, ବୃକ୍ଷ, ଲତା, ପଶୁ, ପକ୍ଷୀ, ସର୍ପକୁ ଏଯାବତ ପୂଜା କରିଆସୁଛି । ମଣିଷର ଜୀବନଧାରାକୁ ଶୃଙ୍ଖଳିତ କରିଛି । ମାନବ ସଭ୍ୟତାର ଉନ୍ମେଷ କାଳରୁ ମଣିଷ ଧର୍ମ ଦ୍ୱାରା କବଳିତ ଓ ନିୟମିତ। ଧର୍ମବିନା ମାନବ ସମାଜର ସ୍ଥିତି ଯେପରି ବିପନ୍ନ, ମାନବ ସମାଜ ବ୍ୟତିରେକ ଧର୍ମର ଅଭିବୃଦ୍ଧି ମଧ ତଦ୍ରୂପେ ଅକଳ୍ପନୀୟ । ପ୍ରତ୍ୟେକ ଧର୍ମ ଏକ ନିର୍ଦ୍ଦିଷ୍ଟ ଉପାସ୍ୟଙ୍କୁ ପ୍ରାଧାନ୍ୟ ଦେଇ ଏକ ନିର୍ଦ୍ଦିଷ୍ଟ ଆଦର୍ଶର ସହାୟତାକୁ ଭିତ୍ତି କରି ପ୍ରତିଷ୍ଠା ଲାଭ କରେ । ସମାଜରେ ପରିବ୍ୟାପ୍ତ ବିଶୃଙ୍ଖଳା, ଅନ୍ଧବିଶ୍ୱାସ, କୁସଂସ୍କାର, ଅନ୍ୟାୟ, ଅନୀତି ପ୍ରଭୃତିର ଦୂରୀକରଣ ନିମନ୍ତେ ଧର୍ମ ମାଧମରେ ସଂସ୍କାରର ଆବଶ୍ୟକତା ଉପଲବ୍ଧ କରାଯାଇଛି । ମଣିଷର ସଂସ୍କାର ଚିତ୍ତ ଚେତନାରୁ ଧର୍ମର ସୃଷ୍ଟି । ଶୁଦ୍ଧ ଓ ପବିତ୍ରମୟ ତଥା ସଂସ୍କାରଶୀଳ ଜୀବନ ଧାରଣ ନିମନ୍ତେ ମଣିଷ ତାର ଉପାସ୍ୟ ଦେବତା ମାଧମରେ ବିଭିନ୍ନ ପର୍ବପର୍ବାଣି ପାଳନ କରେ ।

ଉତ୍କଳୀୟ ପର୍ବ ଭିତରେ ରଥଯାତ୍ରା ଏକ ଶ୍ରେଷ୍ଠ ପର୍ବ । ଏହା କେବଳ ଉତ୍କଳର ନୁହେଁ ରାଷ୍ଟ୍ରର ଓ ଅନ୍ତଃରାଷ୍ଟ୍ରର ସର୍ବଶେଷରେ ବିଶ୍ୱର ଉପାସ୍ୟ ଦେବତା ଭାବରେ ପୂଜିତ ଓ ପାଳିତ । ଏହି ପର୍ବରେ ରଥରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦାରୁ ମୂର୍ତ୍ତି ବିଦ୍ୟମାନ ହୁଅନ୍ତି । ବିଶ୍ୱର ବୈଚିତ୍ର୍ୟମୟ ଦାରୁମୂର୍ତ୍ତି ସଂସ୍କୃତିର ଆଦି ସ୍ରଷ୍ଟା ରୂପେ ଜଗନ୍ନାଥ ହେଉଛନ୍ତି କେବଳ ମାତ୍ର ଦାରୁମୂର୍ତ୍ତି ସଂସ୍କୃତିର ଏକାନ୍ତ ଆଦ୍ୟ ପ୍ରତୀକ । କାରଣ ସଂସ୍କୃତିର ମୂଳ ଆଧାର ହେଉଛନ୍ତି ସ୍ୱୟଂଲୀଳାମୟ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ । ଏଦୃଷ୍ଟିରୁ ମଣିଷ ସଂସ୍କୃତିର ଆଦି ପ୍ରକାଶ ହିଁ ଜଗନ୍ନାଥ ସଂସ୍କୃତିରେ ଘଟିଛି । ଆଦିମାନବ ଦାରୁକୁ ଦେବତା ରୂପେ ପୂଜା କରି ଆସିଛି । ସେହି ପୂଜନ ପରମ୍ପରାର ପ୍ରତୀକ ପୁରୁଷୋତ୍ତମ କ୍ଷେତ୍ର ବଡଦାଣ୍ଡରେ ବଡ ଠାକୁରଙ୍କ ରଥଯାତ୍ରା ପ୍ରଚଳିତ ହୋଇଆସୁଛି । ମାନବୀୟ ସମାଜରେ କେଉଁ ଆଦିମ କାଳରୁ ଆଦିମାନବ ଦାରୁ ଦେବତା ଅର୍ଥାତ ବୃକ୍ଷର ପୂଜକ ସାଜି ଆସିଛି । ଏହି ବୃକ୍ଷ ବା ଦାରୁ ହିଁ ପ୍ରକୃତି । ପ୍ରକୃତି ହିଁ ପରମବ୍ରହ୍ମ । କେବଳ ଶବର ସଭ୍ୟତାରେ ଦାରୁର ପ୍ରାଧାନ୍ୟ ଉଜ୍ଜୀବିତ ନୁହେଁ , ବରଂ ଆଧୁନିକ ସଭ୍ୟତାର ମହାମନ୍ତ୍ର ପାଲଟିଯାଇଛି । ଜନ୍ମରୁ ମୃତ୍ୟୁ , ଏନ୍ତୁଡିଶାଳରୁ ଶ୍ମଶାନ ପର୍ଯ୍ୟନ୍ତ ଦାରୁର ଭୂମିକା ଅପରିହାର୍ଯ୍ୟ । ଜୀବଦ୍ଦଶା ଯେହେତୁ ଦାରୁ ସର୍ବସ୍ୱ , ମାନବର ଜନ୍ମ-ମୃତ୍ୟୁ ଓ ଜୀବନ ସହିତ ଅଙ୍ଗାଙ୍ଗୀ ରୂପେ ଜଡିତ , ସେହି ଦୃଷ୍ଟିରୁ ପ୍ରକୃତିର ପରମ ଉପଜୀବ୍ୟ ଦାରୁକୁ ନିଜର ପରମ ଦେବତା ବା ଇଷ୍ଟ ରୂପେ ଗ୍ରହଣ କରି ନେଇଛି । ଯାହାର ପ୍ରତିଫଳନ ଦାରୁ ଦେବତା ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ବିଶ୍ୱ ଆଧାତ୍ମିକ ଚେତନାରେ ବିଦିତ ହୋଇପାରିଛି । ପ୍ରାଚୀନ କାଳରୁ ମହୋଦଧି କୂଳରେ ଶବରମାନେ ଏକ ବୃକ୍ଷଗଣ୍ଡିଙ୍କୁ ପୂଜା କରି ଆସୁଥିଲେ । ତେଣୁ ଏହି ଦାରୁ ବା ବୃକ୍ଷ ପୂଜା ବା ଉପାସନାରୁ ଆଦିମ ଅଧିବାସୀ ଶବରମାନଙ୍କ ଦ୍ୱାରା ଘୋଷଯାତ୍ରାର ସୃଷ୍ଟି ବୋଲି କୁହାଯାଇପାରେ । ଏହି ଶବର ଦେବତା ଜଗନ୍ନାଥ ବେଦ ପରବର୍ତ୍ତୀ ପୁରାଣ ଯୁଗରେ ଆର୍ଯ୍ୟ ଜାତିର ଉପାସ୍ୟ ହୋଇ ଗଣ୍ଡିଚା ଯାତ୍ରା ଆର୍ଯ୍ୟ ପରମ୍ପରାରେ ଘୋଷ ପର୍ବର ମାନ୍ୟତା ଲାଭ କରିଛି ।

ମହାପ୍ରଭୁଜଗନ୍ନାଥଙ୍କ ରଥଯାତ୍ରାରେ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସକଳେ ସବୁ ଭୁଲି ଜଗନ୍ନାଥଙ୍କ ଭକ୍ତ ପାଲଟିଯାନ୍ତି । ସାମାଜିକ ଜୀବନରେ ଦେଖାଦେଇ ଥିବା ଛୋଟ-ବଡ ନୀତି, ଛୁଆଁ - ଅଛୁଆଁ ଭେଦଭାବକୁ ଦୂରେଇ ଦେଇ ସାମ୍ୟ, ମୈତୀ ଓ ପ୍ରୀତିର ଭାବ ଉଦ୍ରେକ କରି ବିଶ୍ୱକୁ' ବସୁଧୈବ କୁଟୁମ୍ବକମ୍' ବିଚାରଧାରାରେ ଗୋଟିଏ ଡୋରିରେ ଭିଡଛଭାବରେ ବାନ୍ଧିଦିଏ । ଜଗନ୍ନାଥଙ୍କ ଏହି ରଥଯାତ୍ରା ସମନ୍ୱୟବାଦର ବାଣୀ ପ୍ରଚାର କରେ । ଏହା ଜାଗତିକତା, ସଂହତି ଓ ସହାବସ୍ଥାନ, ସାମ୍ୟ, ମୈତ୍ରୀ, ଭାତୃଭାବ, ଜାତୀୟତା ଓ ଆନ୍ତର୍ଜାତୀୟତା ପାଇଁ ଶବର ସଂସ୍କୃତିରୁ ଉତ୍ପନ୍ନ ହୋଇ ସମୟକ୍ରମେ ବ୍ରାହ୍ମଣ ଧର୍ମ ଦ୍ୱାରା ପ୍ରଭାବିତ ହୋଇ ଶେଷରେ ଶ୍ୱେତାଙ୍ଗମାନଙ୍କ ମଧ୍ୟରେ ସମାଦୃତ ହେବା ଫଳରେ ବିଶ୍ୱ ବ୍ୟାପକ ହୋଇପାରିଛି । ଆର୍ଯ୍ୟ, ଅନାର୍ଯ୍ୟ, ଶବର, ବ୍ରାହ୍ମଣ, ବୌଦ୍ଧ, ଜୈନ, ଶାକ୍ତ, ଗାଣପତ୍ୟ, ବୈଷ୍ଣବ, ଶିଖ୍ ଆଦି ବିଭିନ୍ନ ଧର୍ମ ଓ ସଂସ୍କୃତିର ସମନ୍ୱୟରେ ଜଗନ୍ନାଥ ସଂସ୍କୃତି ଓ ଧାମ ପରିପୂର୍ଣ୍ଣତା ଲାଭ କରିଛି । ଏପରିକି ଖ୍ରୀଷ୍ଟିୟାନ୍ ଓ ଇସଲାମ ଧର୍ମ ସହ ଜଗନ୍ନାଥ ଧର୍ମର ଅନେକ ସାମଞ୍ଜସ୍ୟ ରହିଥିବା ଜଣାଯାଏ । ଯେଉଁଠି ସଂସ୍କୃତି ଶୁଦ୍ଧ ଓ ସମ୍ପୁନ୍ନତ, ସେଠି ମାନବବାଦୀ ଜୀବନର ପରିପ୍ରକାଶ ଏକ ଧର୍ମୀୟ ବିଚାର ଧାରାର ବାହ୍ୟ ଆବରଣ ମଧରେ ଆବଦ୍ଧ ହେବା କେବେ ଅସମ୍ଭବ ନୁହେଁ । ଧର୍ମ ଯଦି ଶୁଦ୍ଧ ଜୀବନ ଯାପନ ପ୍ରକ୍ରିୟାର ମାର୍ଗ ପାଲଟେ, ସଂସ୍କୃତି ଯଦି ଏକ ସମ୍ପୁନ୍ନତ ସମୃଦ୍ଧି ପ୍ରକ୍ରିୟାର ସ୍ୱରୂପ ହୁଏ, ସେଠି କେବେ ଧାର୍ମିକ ସଂକୀର୍ଣ୍ଣତାର ଛାପ ପଡିନଥାଏ । ଜଗନ୍ନାଥ ସଂସ୍କୃତିର ସର୍ବମଙ୍ଗଳ ବସୁଧୈବ କୁଟୁମ୍ବକମ୍ ଭାବଧାରା ଯୀଶୁଙ୍କ ଚିନ୍ତାଧାରା ସହ ମିଳନ ଘଟିଛି । ଜୈନ ମାନଙ୍କ ଜୀବେ ଦୟା ତାହା ଜଗନ୍ନାଥ ସଂସ୍କୃତିର ନିରାମିଷ ମହା ପ୍ରସାଦ ଓ ପରିବେଷଣ ପ୍ରକ୍ରିୟାରୁ ସ୍ପଷ୍ଟ ବାରିହୁଏ । ଶ୍ରୀକ୍ଷେତ୍ର ଆନନ୍ଦ ବଜାରରେ ଆଚାଣ୍ଡାଳ ବ୍ରାହ୍ମଣ କଦଳୀ ଗୋଟିଏ ପତ୍ରରେ ବସି ଆନନ୍ଦ ଚିତ୍ତରେ ମହାପ୍ରସାଦ ସେବନ କରି ଜାତି - ଭେଦ, ଛୁଆଁ - ଅଛୁଆଁ, ଉଚ୍ଚ - ନୀଚ ଭାବକୁ ଦୂରେଇ ଦେଉଛି । ସେଠି ପୂଜା, ସେବା, ଅନ୍ନପ୍ରସାଦ ସେବନ ପ୍ରଭୃତି କାର୍ଯ୍ୟକ୍ଷେତ୍ରରେ ଜାତି, ଧର୍ମ, ବର୍ଣ୍ଣ ବିଚାର ଲୋପ ପାଇ ସମନ୍ୱୟ ଭାବ ପ୍ରକାଶ ପାଇଛି ।

ସନାତନ ହିନ୍ଦୁ ଜଗତର ଅଭିନବ ସାମ୍ୟବାଦ ଚିନ୍ତନର ମହାମନ୍ତ୍ର । ଜଗନ୍ନାଥ ତତ୍ତ୍ୱ ହେଉଛି ବିଭିନ୍ନ ଧର୍ମ ମତବାଦର ଏକ ସମନ୍ୱୟ ପୀଠସ୍ଥଳୀ । ଦରିଦ୍ର ନାରାୟଣ, ପତିତପାବନ, ଜନତା ଜନାର୍ଦ୍ଦନଙ୍କର ଭାବ ଆବେଗର ସମଦୃଷ୍ଟି ହିଁ ବିଶ୍ୱଧର୍ମ । ସମଦର୍ଶୀ ବ୍ୟକ୍ତି ହିଁ ବେଦର ପୁରୁଷୋତ୍ତମ' । ସେହିଁ କେବଳ ସର୍ବ ଲୋକ ହିତକର ଲୋକନାୟକ, ଉତ୍କଳର ରାଜା ପୁରୁଷୋତ୍ତମ । ତାଙ୍କ ନିକଟରେ ସବୁ ଜାତିର ଲୋକ, ସବୁ ଧର୍ମର ବ୍ୟକ୍ତି, ସବୁ ଭାଷାର ଜନତା ସକଳେ ସମାନ। ସକଳେ ତାଙ୍କର ଭକ୍ତ, ସେ ସମସ୍ତଙ୍କର ଅତି ଆଦରର, ଆପଣାର ପ୍ରଭୁ । ତାଙ୍କ ନିକଟରେ ସବୁ ଧର୍ମ, ଜାତି, ବର୍ଣ୍ଣ ଏକାକାର ହୋଇଯାଇଛି। ତାହା ସେଠି ପାଲଟି ଯାଇଛି ଗୋଟିଏ ଧର୍ମ - ମାନବଧର୍ମ, ଗୋଟିଏ ଜାତି - ମାନବ ଜାତି । ପ୍ରତ୍ୟେକ ସମାଜକୁ ଅତିକ୍ରମ କରି ସେ ଅକଳ୍ପନୀୟ ଅସୀମତ୍ୱର ଠାକୁର। ସକଳ ସାମ୍ପ୍ରଦାୟିକ ସସୀମତ୍ୱକୁ ଦୂରେଇ ଦେଇଥିବାରୁ ସକଳେ ତାଙ୍କୁ ମୁକ୍ତ କଣ୍ଠରେ ସ୍ୱୀକାର ଓ ପୂଜା କରନ୍ତି । କେବଳ ଜଗନ୍ନାଥ ନୁହନ୍ତି , ଏ ପବିତ୍ର ଧାମର ନାମ ଶ୍ରୀପୁରୁଷୋତ୍ତମ । ପୁନରପି ମହାପ୍ରଭୁ ଜଗନ୍ନାଥ ପୁରୁଷୋତ୍ତମର ପ୍ରତୀକ । କାରଣ ସେ ଅବତାର ତଥା ଶକ୍ତିଙ୍କ ମନ୍ତ୍ରରେ ଆମନ୍ତ୍ରିତ ଓ ପୂଜିତ । ତାଙ୍କ ନିକଟରେ ମହାପ୍ରସାଦ ନିବେଦିତ ହେବା ବେଳେ ଶ୍ରୀରାମ, ଶ୍ରୀକୃଷ୍ଣ, ଲକ୍ଷ୍ମୀ, ଦୁର୍ଗା, ବିଷ୍ଣୁ, ବିମଳା ସମେତ ବେଢ଼ା ଭିତରେ ଅବସ୍ଥାପିତ ଅନ୍ୟାନ୍ୟ ଦେବା ଦେବୀମାନଙ୍କ ସେବନ ନିମନ୍ତେ ନିମନ୍ତ୍ରିତ ହୋଇଥାନ୍ତି । ଭାରତର କୃଷ୍ଣ ଓ ରାମ ଭକ୍ତଗଣ ଅତ୍ୟନ୍ତ ଭକ୍ତିରେ ଜଗନ୍ନାଥଙ୍କୁ ଉପାସନା କରିଥାନ୍ତି । ଜଗନ୍ନାଥଙ୍କ ମୂର୍ତ୍ତିରେ ସେମାନଙ୍କ ଆରାଧ ଦେବତା ପ୍ରତିଫଳିତ ବୋଲି ଦୃଢ ବିଶ୍ୱାସ ରହିଛି । ଜଗନ୍ନାଥଙ୍କ ନିକଟରେ ରାମ ବା କୃଷ୍ଣ ଉପାସନା ମଧରେ କୌଣସି ତଫାତ୍ ନାହିଁ । କୁହାଯାଇଛି' ଦୀପରୁ ଦୀପ ଲଗାଇଲେ, ତେଜ ଯେସନେ ସମତୁଲେ/ କାର୍ଯ୍ୟ କାରଣ ଭିନି ନୋହି, ଶ୍ରୀକୃଷ୍ଣ ଜଗନ୍ନାଥ ସେହି । ଏଣୁ ଜଗନ୍ନାଥ କୃଷ୍ଣ , ଅଭିନ୍ନ ଅଟନ୍ତି ଅର୍ଜୁନ -'ବଳରାମ ଦାସ ତାଙ୍କ ବେଦାନ୍ତ ସାରଗୁପ୍ତା' ରେ ଉଲ୍ଲେଖ କରିଛନ୍ତି । ସେଭଳି ହିନ୍ଦୁ ଭାବନାର ଦଶ ଅବତାର ହିଁ ଜଗନ୍ନାଥଙ୍କର ପରି ପ୍ରକାଶ ବୋଲି ଅଚ୍ୟୁତାନନ୍ଦ ତାଙ୍କ ଶୂନ୍ୟସଂହିତାରେ ଉଲ୍ଲେଖ କରି ଲେଖିଛନ୍ତି - ' ଅବତାର ଦଶ ଏହି ଦାରୁରୂପ ଏହି ଦାରୁ ସେ ଲୀନ / ଈଶ୍ୱର ସାକ୍ଷାତେ ଲୀଳାର ନିମନ୍ତେ ବିଜେ ରତ୍ନ ସିଂହାସନେ । 'କବି ବଳରାମ ଦାସ ରତ୍ନ ସିଂହାସନରେ ଚାରିବେଦର ପ୍ରକାଶ ଘଟିଥିବା ଗୁପ୍ତଗୀତାରେ ଦର୍ଶାଇଛନ୍ତି । ବଳଭଦ୍ର ସାମବେଦ, ସୁଭଦ୍ରା ଋକ୍ ବେଦ , ଜଗନ୍ନାଥ ଯଜୁର୍ବେଦ ଓ ସୁଦର୍ଶନ ଅଥର୍ବ ବେଦ । ଭକ୍ତମାନଙ୍କ ପାଇଁ ପୁରୁଷୋତ୍ତମ ପୀଠ ହେଉଛି ଗୁପତ ବୈକୁଣ୍ଠପୁରୀ । ଏଠି ସ୍ୱୟଂ ଭଗବାନ ଏଠାରେ ମୂର୍ତ୍ତି ନିର୍ମାଣ କରିଥିବାର ବିଶ୍ୱାସ ରହିଆସିଛି । ଜଗନ୍ନାଥଙ୍କ ଚକ୍ଷୁକୁ ସୂର୍ଯ୍ୟ ଓ ଚନ୍ଦ୍ର ସହ ତୁଳନା କରାଯାଇଛି । ଶ୍ରୀମନ୍ଦିର ସୂର୍ଯ୍ୟଙ୍କ ପଞ୍ଚରଥ ତୁଲ୍ୟ କଳ୍ପନା କରାଯାଇଛି । (ଅବଶିଷ୍ଟାଂଶ ପୃଷ୍ଠା-୭)

# ନୀଳାଚଳ ଧାମ ଓ ମହାପ୍ରଭୁଙ୍କ ଗୁଣ୍ଡିଚାଯାତ୍ରା



ଶାନ୍ତିପ୍ରଭା ନାୟକ

ଜମ୍ବୁଦୀପର ଭାରତ ମାତାଙ୍କ କୋଳରେ ଉତ୍କଳପ୍ରଦେଶ ବିରାଜିତ। ସେହି ପୂଣ୍ୟ ଉତ୍କଳ ମାଟି କୋଟି ଉତ୍କଳର ମଉଡ଼ମଣି ଉତ୍କଳୀୟଙ୍କ ସର୍ବସ୍ୱ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଲୀଳାଭୂମୀ। ଦାରୁବ୍ରହ୍ମ, ଶକ୍ତିବ୍ରହ୍ମ ଓ ଅନ୍ନବ୍ରହ୍ମଙ୍କ ସମନ୍ୱୟରେ ଗଢ଼ିଉଠିଛି ଏହି ନୀଳାଚଳ ଧାମ। ନୀଳ ସାଗରର ଉତାଳ ତରଙ୍ଗ ଯାହାର ପାଦ ଧୌତ କରି ଚରଣ ବନ୍ଦନା କରୁଅଛି, ଯାହାର ପ୍ରତିଟି ଧୂଳିକଣା, ପାଣିପବନ ଉଦାର କଣ୍ଠରେ କୋଟି କୈବଲ୍ୟନାଥ କଳା ସାଆନ୍ତଙ୍କ ମଙ୍ଗଳମୟ, ଅମୃତମୟ, ଭାବମୟ ଗୁଣଗାନ କରେ ଓ ଯାହାର ପରମ ଆରାଧ୍ୟ ଇଷ୍ଟ ଦେବତା ହେଉଛନ୍ତି ନୀଳାଚଳବାସୀ, ଶ୍ରୀକ୍ଷେତ୍ରମଣି, ଜଗତରନାଥ ଜଗନ୍ନାଥ ଗୋସାଇଁ। ଶ୍ରୀକ୍ଷେତ୍ର ହେଉଛି ନିତ୍ୟ ଭାଗବତ ଧାମ, ପୃଥୀର ବୈକୁଣ୍ଠ ଯାହାକି ପ୍ରଳୟ କାଳରେ ମଧ ବିନିଷ୍ଟ ହୁଏନାହିଁ। ପଂଚସଖା ଯୁଗର କବି ଯଶୋବନ୍ତ ଦାସ ତାଙ୍କ ବ୍ରହ୍ମଗୀତାରେ ଉଲ୍ଲେଖ କରିଛନ୍ତି, 'ଦେଖ ଏ ନିତ୍ୟ ନୀଳାଚଳ, ସକଳ ତୀର୍ଥଙ୍କର ଆଳ। ଗୋପ, ମଥୁରା, ବୃନ୍ଦାବନ, ଦ୍ୱାରିକା ଆଦି ଯେତେ ସ୍ଥାନ। ସକଳ ଏହି ସ୍ଥାନେ ପାଇଁ ଆବର କାଶୀ ମଧ ଏହି। କୋଟିଏ ତୀର୍ଥ ଏ କ୍ଷେତ୍ରରେ, ମହିମା କହିଲେ ନସରେ। ଏ ସ୍ଥାନ ମୁକ୍ତି କ୍ଷେତ୍ର କହି, ପୃଥୀ ବୈକୁଣ୍ଠ ଏ ବୋଲାଇ।

ଏହି ଶ୍ରୀକ୍ଷେତ୍ର ହେଉଛି ସାକାର ବିଗ୍ରହ, ଚତୁର୍ଦ୍ଧାମୂର୍ତି, ତ୍ରୀବ୍ରହ୍ମଙ୍କ ଲୀଳା ଧାମ। ଏହାର କୋଣେ ଅନୁକୋଣେ ଜଗନ୍ନାଥ ସଂସ୍କୃତିର ଧାରା ପ୍ରବାହିତ। ମହାପ୍ରଭୁ ପରମବ୍ରହ୍ମଙ୍କୁ କେନ୍ଦ୍ର କରି ଏହି ନୀଳାଚଳ ଧାମରେ ବାର ମାସରେ ତେର ପର୍ବପର୍ବାଣୀ ଓ ଦ୍ୱାଦଶ ଯାତ୍ରା ପାଳନ କରାଯାଏ। ଏହି ଦ୍ୱାଦଶ ଯାତ୍ରା ମଧ୍ୟରୁ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତିୟା ତିଥିରେ ଶ୍ରୀକ୍ଷେତ୍ରରେ ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ନବଦିନାତ୍ମକ ପୃଥିବୀ ପ୍ରସିଦ୍ଧ ଗୁଣ୍ଡିଚା ରଥଯାତ୍ରା ଅନ୍ୟତମ। ଏହାକୁ ରଥଯାତ୍ରା, ଗୁଣ୍ଡିଚାଯାତ୍ରା, ଘୋଷଯାତ୍ରା, ଦଶଅବତାର ଯାତ୍ରା ଓ ବିଜୟ ଯାତ୍ରା ଆଦି ନାମରେ ନାମିତ କରାଯାଇଛି। ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଓ ପରମ୍ପରା ବିଶ୍ୱବିଦିତ। ଯୁଗ ଯୁଗ ଧରି କଳାଠାକୁରଙ୍କର ବିଭିନ୍ନ ଯାତ୍ରା, ପର୍ବପର୍ବାଣୀ ସମଗ୍ର ବିଶ୍ୱକୁ ଅନୁପ୍ରାଣିତ କରିଆସୁଅଛି। ଗୁଣ୍ଡିଚା ଯାତ୍ରାର ଧାର୍ମିକ ଦୃଷ୍ଟିକୋଣରେ ମାନବବାଦର ଏକତା ହିଁ ପରିଲକ୍ଷିତ ହୁଏ। ଜଗତର ନାଥ ଜଗନ୍ନାଥ ହେଉଛନ୍ତି ମାନବବାଦ ଓ ଆଧ୍ୟାତ୍ମିକବାଦର ଅପୂର୍ବ ସମନ୍ୱୟ। ଶ୍ରୀଜଗନ୍ନାଥଙ୍କ ସଂସ୍କୃତିରେ ଭରି ରହିଛି ଐକ୍ୟ, ସମାନତା, ଶାନ୍ତି, ପ୍ରୀତି ଓ ଭାତୃତ୍ୱର ସମ୍ବନ୍ଧ। ଏହା ହେଉଛି ସାର୍ବଜନୀନ ସନାତନ ଧର୍ମର ପ୍ରତୀକ। ସର୍ବଧର୍ମର ସମନ୍ୱୟର ପୀଠ ହେଉଛି ନୀଳାଚଳ ଧାମ ଶ୍ରୀକ୍ଷେତ୍ର । ବିଶ୍ୱନିୟନ୍ତା କାଳିଆ ସାଆନ୍ତଙ୍କର ବିଶ୍ୱପ୍ରସିଦ୍ଧ ଗୁଣ୍ଡିଚାଯାତ୍ରାର ଅୟମାରମ୍ଭ ଶ୍ରୀପଂଚମୀଠାରୁ ପ୍ରସ୍ତୁତି ଆରମ୍ଭ ହୋଇଥାଏ । ମା' ସରସ୍ୱତୀଙ୍କ ପୂଜା ଦିବସରେ ରଥକାଠ ଅନୁକୂଳ ପୂର୍ବକ ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇ ନେତ୍ରୋତ୍ସବ ଦିନ ରଥନିର୍ମାଣର ପରିସମାପ୍ତି ହୋଇଥାଏ। ପୂଣ୍ୟ, ପବିତ୍ର, ଅଦ୍ଭୁତ, ଦିବ୍ୟ ତିନି ରଥକୁ କୋଳରେ ଧାରଣ କରି ଶ୍ରୀକ୍ଷେତ୍ର ମାଟି ନିଜକୁ ଭାଗ୍ୟବାନ ମନେକରେ। ଓଡ଼ିଆମାନଙ୍କର ପ୍ରାଣର ସଖା, ସହୋଦର, ବନ୍ଧୁ, ଚତୁର୍ଦ୍ଧାମୂର୍ତି ଶ୍ରୀମନ୍ଦିରର ରତ୍ନସିଂହାସନରୁ ଓହ୍ଲାଇ ଆସି ଗୁଣ୍ଡିଚା ଯାତ୍ରା ସମୟରେ ଧାଡ଼ି ପହଣ୍ଡିରେ ବିଜେ କରି ରଥାରୁଢ଼ ହୁଅନ୍ତି। ଶଙ୍ଖ, ହୁଳହୁଳି, ଘଂଟ, ଘଂଟା, ମୃଦଙ୍ଗ, କାହାଳୀ, ହରିବୋଲ ଶବ୍ଦରେ ଶ୍ରୀକ୍ଷେତ୍ର ଉତ୍ସବମୁଖର ହୋଇଉଠେ। ଦଳ ଦଳ ହୋଇ ସଂକୀର୍ତନ ଦଳ ପ୍ରଭୁଙ୍କର ଗୁଣଗାନ କରୁଥାନ୍ତି। ନୃତ୍ୟାଙ୍ଗନା ମାନେ ନୃତ୍ୟର ଭଙ୍ଗୀରେ ପ୍ରଭୁଙ୍କ ପାଦପଦ୍ମରେ ନିଜକୁ ସମର୍ପଣ କରୁଥାଆନ୍ତି। ମାଳ ମାଳ ଭକ୍ତଙ୍କର ତୁଣ୍ଡରୁ ନିସୃତ ଜୟ ଜଗନ୍ନାଥ ଶବ୍ଦରେ ଗଗନ ପବନ ଉଛୁଳି ପଡୁଥାଏ। ଅଙ୍ଗେ ପାଟବସ୍ତ, ମସ୍ତକେ ଟାହିଆ ରସିକ ଡୋରୀରେ ଶରୀର ବନ୍ଧାଇ ନବଘନ ରୁଚିରମ୍ ତିନିଦିଅଁ ପହଣ୍ଡିରେ ଆସୁଥାନ୍ତି ନାଚି, କୁଦି, ଖେଳି ଖେଳି। ସେବାୟତମାନଙ୍କ ମଧ୍ୟରୁ କିଏ କାଖ ତଳେ ରହି ପ୍ରଭୁଙ୍କୁ ଚିପି ଧରିଥାନ୍ତି, କିଏ ପିଠି ତଳେ ରହି ପ୍ରଭୁଙ୍କୁ ପିଠେଇ ରଖିଥାନ୍ତି, କିଏ ହାତକୁ ଜାବୁଡ଼ି ଧରି ଶ୍ରୀମୁଖକୁ ପୋଛି ଦେଉଥାନ୍ତି, କିଏ ଭାବରେ ବିଭୋର ହୋଇ ପ୍ରେମରେ ପାଗଳ ହୋଇ ମହାପ୍ରଭୁଙ୍କୁ ପ୍ରେମରେ ଆଲିଙ୍ଗନ କରୁଥାନ୍ତି।

ମନ ମଉଜରେ ହାତୀ ପରି ଝୁଲି ଝୁଲି ନାନା ଢ଼ଙ୍ଗେ ହଲି ହଲି ଆଗ ପଛ ହୋଇ ତିନି ଠାକୁର ସିଂହଦ୍ୱାର ବକ୍ଷରେ ପାଦଦେଇ ବଡ଼ଦାଣ୍ଡେ ବିରାଜିତ ହୋଇଥାନ୍ତି। ତା'ଛଡ଼ା ମୟୂରପୁଚ୍ଛ ସଦୃଶ ପୁଷ୍ପସଜ୍ଜା ମନୋଲୋଭା ଟାହିଆର ଦୋଳାୟନ ଭକ୍ତଙ୍କୁ ଭାବବିହ୍ୱଳିତ କରାଇ ପ୍ରଭୁଙ୍କଠାରେ ନିମଜ୍ଜିତ କରାଇଥାଏ। ନୀଳାଦ୍ରୀ ଗ୍ରନ୍ଥରେ କବି ଗାଇଛନ୍ତି - 'ଶିର ସଂଚାଳନେ ଟାହିଆ ଗତି, ପକ୍ଷ ଦୁଇଟିର ଦୋଳୟ ରୀତି ଘୋଷଣା କରୁଛି ତିନିଲୋକରେ ବ୍ରହ୍ମ ସତ୍ୟ ସର୍ବମିଥ୍ୟା ସଂସାରେ।' ଅପୂର୍ବ ସେ ଦୃଶ୍ୟ। ଆଗକୁ ଝୁଲି, ପଛକୁ ହଲି ଟାହିଆ ଲଗାଇ ଠାକୁର ଯେତେବେଳେ ଯାତ୍ରା କରିଥାନ୍ତି ରଥାରୁଢ଼ ହେବା ପାଇଁ। ଏହି ଯାତ୍ରାରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ନୀଳକନ୍ଦରର ନାଥ ଜଗନ୍ନାଥଙ୍କ ସହିତ ଭକ୍ତର ପ୍ରତ୍ୟକ୍ଷ ମିଳନ ହୋଇଥାଏ। ବଡ଼ଦାଣ୍ଡେ ରହି ପ୍ରଭୁ ଭାବଗ୍ରାହୀ ଉର୍ଦ୍ଧ୍ୱମୁଖ ହୋଇ ଭକତଙ୍କୁ ଦର୍ଶନ ଦେଇ ଚକାଚକା ଆଖିରେ ଠାରି ସତେଅବା କହିଦିଅନ୍ତି ଚିନ୍ତାକରନାହିଁ, ତୁମର ଦୁଃଖ ହାରିବା ପାଇଁ ମୁଁ ଆସିଛି। ହିନ୍ଦୁମାନଙ୍କର ବିଶ୍ୱାସ ଗୁଣ୍ଡିଚା ଯାତ୍ରାରେ ରଥ ଉପରେ ଜଗନ୍ନାଥ ମହାପ୍ରଭୁଙ୍କୁ ବାମନ ବେଶରେ ଦର୍ଶନ କଲେ ବୈକୁଣ୍ଠଧାମ ପ୍ରାପ୍ତି ହୁଏ। ପବିତ୍ର ଗୁଣ୍ଡିଚା ଦିନ ତିନି ଠାକୁର ରଥ ଆରୋହଣ କରି ଶ୍ରୀମନ୍ଦିରରୁ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥାନ୍ତି। ଆଗରେ ବଡ଼ଭାଇ ବଳିଆ, ପଛରେ କଳାକୃଷ୍ଣ କାଳିଆ ଓ ମଝିରେ ଗେହ୍ଲି ଭଉଣୀ, ହଳଦିମୁହିଁ ସୁଭଦ୍ରା ରହି ପରମକୁ ବ୍ରହ୍ମ ସହିତ ଯୋଡ଼ିଦେଇଥାନ୍ତି। ରଥ ଦଉଡି ଅର୍ଥାତ୍ ବ୍ରହ୍ମଡୋରିକୁ ଭକ୍ତମାନେ ହାତରେ ଧରି ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଟାଣି ଟାଣି ନେଇଥାନ୍ତି। ଜନ୍ମବେଦୀରେ ତିନିଠାକୁର ୭ ଦିନ ଅବସ୍ଥାନ କରିବା ସମୟରେ ଭକ୍ତମାନେ ଚତୁର୍ଦ୍ଧାମୂର୍ତିଙ୍କୁ ଦର୍ଶନ କରି ଆଡ଼ପ ଅବଢ଼ା ସେବନ କରିବାର ସୌଭାଗ୍ୟ ଲଭିଥାନ୍ତି। ଦଶମୀ ଦିନ ପୁନର୍ବାର ରଥରେ ବସି ଶ୍ରୀମନ୍ଦିରକୁ ବାହୁଡ଼ା ଯାତ୍ରା କରିଥାନ୍ତି। ସିଂହଦ୍ୱାରରେ ଏକାଦଶୀ ଦିନ ମହାପ୍ରଭୁଙ୍କର ସୁନାବେଶ ହୋଇଥାଏ। ଜଗନ୍ନାଥ ମହାପ୍ରଭୁ ଅଶରୀରି ଆତ୍ମାମାନଙ୍କୁ ଅଧରପଣା ଦାନ କରିଥାନ୍ତି ଏବଂ ପହଣ୍ଡି ବିଜେ ହୋଇ ଶ୍ରୀମନ୍ଦିରକୁ ପ୍ରବେଶ କରନ୍ତି। ରତ୍ନସିଂହସନରେ ବିଜେ ହେଲା ପରେ ପ୍ରଥମ ମହାପ୍ରସାଦକୁ ନୀଳାଚଳ ଅବଢ଼ା କହି ଭକ୍ତମାନେ ଭକ୍ତିର ସହିତ ସେବନ କରନ୍ତି। ସାରା ଓଡ଼ିଶାର ପୂରପଲ୍ଲୀଠାରୁ ଆରମ୍ଭ କରି ବିଶ୍ୱର ବହୁ ଦେଶରେ ମହାଆଡ଼ମ୍ବର ସହକାରେ ଏହି ପର୍ବ ପାଳନ କରାଯାଏ।

ଦିନ ଥିଲା ମଣିଷ ନିଜକର୍ମମୟ ଜଞ୍ଜାଳଭରା ଜୀବନର ଦୁଃଖକଷ୍ଟକୁ ପର୍ବପର୍ବାଣୀ ମାଧମରେ ଲାଘବ କରୁଥିଲା। ଆଜି ସେ ସବୁ ସ୍ୱପ୍ନ ହେବାକୁ ବସିଲାଣି। ପ୍ରାୟ ଦେଢ଼ବର୍ଷରୁ ଅଧିକ ହେବ ସାରା ବିଶ୍ୱର ଜନସମାଜ କରୋନା ରୂପକ ମହାମାରୀ ଭୂତାଣୁ କବଳରେ ଅତିଷ୍ଠ। ଦିନକୁ ଦିନ ନିଜ ରୂପ ବଦଳାଇ ଏହି କ୍ଷୁଦ୍ର ଭୂତାଣୁଟି ତାଣ୍ଡବ୍ୟ କରିଚାଲିଛି ନିଷ୍ଠୁରତାର ଅଟ୍ଟହାସ୍ୟ। ଭକ୍ତଙ୍କ ପାଇଁ ଭଗବାନଙ୍କର କବାଟ ବନ୍ଦ। ଏପରିକି ଗୁଣ୍ଡିଚା ପରି ରଥଯାତ୍ରାରେ ମହାପ୍ରଭୁ ଜଗନ୍ନାଥ ବିନା ଭକ୍ତରେ ସେବାୟତମାନଙ୍କ ସହିତ ଯାତ୍ରା ଗତବର୍ଷ କରିଥିଲେ। ଚଳିତ ବର୍ଷ ମଧ ଅନୁରୂପ ଭାବେ ରଥଯାତ୍ରା ସମାପନ ହେବ। ଗୃହବନ୍ଦୀ ହୋଇ ଭକ୍ତ କେବଳ ଦୂରଦର୍ଶନ କିମ୍ବା ଘରୋଇ ଗଣମାଧମ ଦ୍ୱାରା ହିଁ ତା'ର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କୁ ଓ ତାଙ୍କ ଯାତ୍ରାକୁ ଦର୍ଶନ କରିପାରିବେ। ପ୍ରଭୁଙ୍କର ମହିମା ଅପାରମ୍ପାର। ତାଙ୍କରି ଲୀଳା ତାଙ୍କୁ ହିଁ ଜଣା। କେବେ ମିଳିବ ଅମୃତର ସନ୍ଧାନ, କେତେଦିନ ଆଉ ମହାମାରୀ ପ୍ରଭାବରେ ପର୍ବପର୍ବାଣୀର ଆମୋଦପ୍ରମୋଦ, ସଂସ୍କୃତି ଓ ପରମ୍ପରାକୁ ପଛରେ ପକାଇ ମଣିଷ ଏକ ଦରପୋଡ଼ା ସନ୍ତୁଳିତ ଜୀବନ ବିତାଇବାକୁ ବାଧହେବେ। କେବେ ମହାପ୍ରଭୁ କରୁଣା ସାଗର କୃପାବୃଷ୍ଟି କରି ଭକ୍ତଙ୍କୁ ଏ ମହାମାରୀରୁ ଉଦ୍ଧାର କରିବେ, ଭକ୍ତ ଓ ଭଗବାନଙ୍କ ମିଳନ ହେବ ଏବଂ ବଡ଼ଦାଣ୍ଡରେ ପୂର୍ବପରି ରଥଟଣା ହୋଇପାରିବ ?

+ ବାଙ୍ଗାଲୋର
ମୋ: ୮୦୭୩୪୦୨୬୦୪

### କବିତା କୋଣାର୍କ

## ବଳରାମ କହୁଛନ୍ତି...

**କବିଜ୍ୟୋତି ନିରଞ୍ଜନ ପତି**



ମୋ ଭାଇ ଜଗାକୁ ସୁଭି ଭଉଣୀକୁ
ଆଦର କରନ୍ତି ସରବେ
ଏକାସାଥେ ରହି ଯାତକରିଯାଇ
ଆନନ୍ଦ ହୁଏ ମୁଁ ଗରବେ।
ଜଗାଭାଇ ମନ ଦୁଃଖରେ ମଳିନ
ବିନାଭକ୍ତେ ରଥ ଗଡ଼ିବ
ନାହିଁ ଭକ୍ତମେଳି ଗହଳି ଚହଳି
ବଡ଼ଦାଣ୍ଡ ଫିକା ପଡିବ।
ବଡଭାଇ ହୋଇ ପାରୁନାହିଁ ସହି
ସାନଭାଇ ଦୁଃଖ ବଦନ
ମଳିନ ଦିଶୁଛି ଶ୍ରୀହୀନ ଲାଗୁଛି
ଆମ ଶ୍ରୀ ମନ୍ଦିର ସଦନ।
କରୋନା ଭୂତାଣୁ ଭୟଙ୍କର ଯେଣୁ
ସଚେତନ ହେବା ଭକତେ
ଆମେ ହାରିବାନି ଡରି ମରିବାନି
ଲେଖା ମାନବଙ୍କ ରକତେ।
ଦୁଃଖ ତ ସହିବା ଗୃହରେ ରହିବା
ରଥ ଦେହେ ଆତ୍ମା ହୃଦୟ
ଆଖି ବନ୍ଦ୍ କରି ଯାତରା ଦେଖିବା
ଆମଜଗା ହେଲେ ସଦୟ।
ହଳଚଲାଇବି ଗଦା ବୁଲାଇବି
କରୋନା ବିଦାୟ ଘେନିବ
ଭକ୍ତ ଭଗବାନ କେତେଯେ ମହାନ
ଏକଥା ଭୂତାଣୁ ମାନିବ।

ଗାନ୍ଧିମାର୍ଗ, ଅନୁଗୋଳ
ମୋ-୯୯୩୮୧୩୩୫୫୯

## ଢ଼ଳି ଢ଼ଳି ଆସେ କାଳିଆ ରଜା...

**କୁନା ସେଠୀ**



ବଡ ଦାଣ୍ଡ ଦେଖ ହୋଇଛି ସଜା
ରଥରେ ବସିବ କାଳିଆ ରଜା
ବାଜି ଉଠୁଥିବ କେତେ ଯେ ବାଜା
ଲାଗିବ ଲାଗିବ ବହୁତ ମଜା ।

ତିନି ରଥ ଠିଆ ମନ୍ଦିର ଆଗେ
ତିନି ଦିଅଁ ଧରି ଚାଲିବେ ବେଗେ
ରଥ ଟାଣି ଭକ୍ତ ଆଶିଷ ମାଗେ
ରଥ ଗଡିଯାଏ ଗୁଣ୍ଡିଚା ଦିଗେ ।

ସେବକ ଗଣ ଯେ ଉତ୍ସାହ ଭରି
ତିନି ଦିଅଁ ଦେବେ ପହଣ୍ଡି କରି
ଆସିବ କାଳିଆ ଘରୁ ବାହାରି
ଢ଼ଳି ଢ଼ଳି ସେତ ଆସିବ ଥିରି ।

ମହାମାରୀ ପାଇଁ ଯାତରା ବନ୍ଦ
ଭକତ ମନରେ ନାହିଁ ଆନନ୍ଦ
କି କହିବେ ଭକ୍ତ ଭଲ କି ମନ୍ଦ
ବୁଝୁଛି ବୁଝିବ କାଳିଆ ଚାନ୍ଦ ।


ସେବକ ଭକତ ସଜ ହେଲେଣି
ମଣିମା ମଣିମା ଡାକ ଦେଲେଣି
ସଜ ହେବେ ପ୍ରଭୁ ମନ କୁ ଜାଣି
ଆସିବେ ବାହାରି ଯୁଗ ବିଧାଣୀ ।

ହାତ ଟେକେ ମୋର ହେ ମହାପ୍ରଭୁ
ଉଦ୍ଧାର କରିବ ସଂସାର ବିଭୁ
ତୁମ ଯାତ୍ରା ଆଣୁ ମଙ୍ଗଳ ସବୁ
କରୁଣା ତୁମର ଟିକିଏ ଭାବୁ ।

+ ଭୂତସରସିଙ୍ଗି, ଗଞ୍ଜାମ

## ହେ ଜଗନ୍ନାଥ...

**କବି ବିପ୍ଳବ**



ଛାର ଦେହଟାକୁ ସଜେଇଲି ଯାହା
ସାର କଥାକୁ ଭୁଲି
ସର ପକେଇଲି ପାଣିରେ ବସିକି
ସମୟ ଯାଉଛି ଚାଲି ।
ସମୟକୁ କେହି ସାଇତି ପାରେନି
ସିଏ ଏକା ମହାକାଳ
ଶରଣ ଗଲିରେ ଶରଣାରବିନ୍ଦ
ସାହା ତୋର ପାଦ ତଳ ।
ମାଟିରେ ମିଶିବା ଆଗରୁ ଏ ଦେହ
ମାଟିରେ ମିଶା ମୋ ଧନ
ଯାହା ପରଶରେ ନିତି ଫଡ ଫଡ
ମୋର ଅହଙ୍କାରୀ ମନ ।
ସୁଖର ସାଗରେ ବୁଡ଼େଇ ଦେଇକି
ପର କରନାରେ ମୋତେ
ଦୁଃଖକୁ କରିଦେ ମୋ ଗଳାର ହାର
ନିତି ଖୋଜୁଥିବି ତତେ ।

+ ମକୁନ୍ଦ ପୁର, ବାଙ୍କୀ

## ଘୋଷଯାତ୍ରା



ଜୟଶ୍ରୀ ପଟ୍ଟନାୟକ

ଜଗନ୍ନାଥ ସଂସ୍କୃତି ହିଁ ଉତ୍କଳୀୟ ସଂସ୍କୃତି ଭାବରେ ଆମ ଜନଜୀବନକୁ କେଉଁ ଆଦିମକାଳରୁ ପ୍ରଭାବିତ କରି ଆସୁଛି । ଶ୍ରୀ ଜଗନ୍ନାଥ ହେଉଛନ୍ତି ଓଡ଼ିଆ ଜାତିର ପ୍ରାଣବିନ୍ଦୁ । ସେ କେବଳ ଓଡିଶାର ଆରାଧ୍ୟ ଦେବତା ନୁହଁନ୍ତି ସମଗ୍ର ବିଶ୍ୱର ଦାରୁଦେବତା । ସେ ହେଉଛନ୍ତି ଅନୁଭବର ଠାକୁର । ମାନବୀୟ ଲୀଳାର ପ୍ରତୀକ । ଉତ୍କଳୀୟ ମାନଙ୍କର ପରିଚୟ । ଓଡିଶାର ଇତିହାସ ଜଗନ୍ନାଥ ଇତିହାସ ଓଡିଶାର ସଂସ୍କୃତି ଜଗନ୍ନାଥ ସଂସ୍କୃତି । ସେ ସର୍ବ ବିଦ୍ୟମାନ । ସର୍ବ ଶକ୍ତିମାନ ବିଶ୍ୱନିୟନ୍ତା । ବିଶ୍ୱକଲ୍ୟାଣକାରୀ ଶ୍ରୀକ୍ଷେତ୍ରର ମଉଡମଣି । ସେ ଲୀଳାମୟ ପୁରୁଷୋତମ । ସେ ଅନନ୍ତ କୋଟି ବ୍ରହ୍ମାଣ୍ଡର ସୃଷ୍ଟିକର୍ତା ଜଗତର ନାଥ ।

ଭାରତର ଚାରିଧାମ ମଧ୍ୟରୁ ପବିତ୍ର ଉତ୍କଳର ଶ୍ରୀକ୍ଷେତ୍ର ହେଉଛି ମର୍ତ୍ୟ ବୈକୁଣ୍ଠ । ମହାପ୍ରଭୁଙ୍କ ନିତ୍ୟ ନୀଳାଚଳ ଏକ ପବିତ୍ର ଲୀଳାକ୍ଷେତ୍ର । ପ୍ରଭୁ ନୀଳାଦ୍ରୀବିହାରୀ ହେଉଛନ୍ତି ଏ କ୍ଷେତ୍ରର ଅଧୀଶ୍ୱର । ଶ୍ରୀ ମନ୍ଦିରର ରତ୍ନ ସିଂହାସନରେ ବିରାଜିତ ତିନିଠାକୁର ବଡଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ଶ୍ରୀ ଜଗନ୍ନାଥଙ୍କର ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହୁଏ, ଦ୍ୱାଦଶ ଯାତ୍ରା । ତା ମଧ୍ୟରୁ ରଥଯାତ୍ରା ହେଉଛି ଅନ୍ୟତମ । । ଏହି ଯାତ୍ରା ସାମ୍ୟ, ମୁକ୍ତି ମୈତ୍ରୀ, ପ୍ରୀତି, ଶାନ୍ତି , ସଂହତିର ଯାତ୍ରା । ଏହି ଯାତ୍ରାରେ ପ୍ରଭୁ ଜଗନ୍ନାଥ ରତ୍ନ ସିଂହାସନରୁ ଓହ୍ଲାଇ ଆସନ୍ତି ବଡଦାଣ୍ଡକୁ ଜାତି, ଧର୍ମ, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ବ୍ରାହ୍ମଣ ଠାରୁ ଚଣ୍ଡାଳ ପରିଯନ୍ତେ ସମସ୍ତଙ୍କୁ ଦିଅନ୍ତି ଦର୍ଶନ । ସମଗ୍ର ମାନବ ସମାଜକୁ ଏକ ସୂତ୍ରରେ ବାନ୍ଧି ରଖିବାରେ ଘୋଷଯାତ୍ରାର ମହିମା ଅତୁଳନୀୟ । ଏଥିପାଇଁ ବିଶ୍ୱର କୋଣ ଅନୁକୋଣରୁ ଧାଇଁ ଆସନ୍ତି ଭକ୍ତମାନେ ନୀଳାଚଳକୁ ଏହି ଯାତ୍ରାକୁ ଦେଖିବାକୁ ଏବଂ ପାପମୋଚନ କରିବାକୁ । ଏହି ଯାତ୍ରାକୁ ନବଦିନଯାତ୍ରା, ଆଡପ ଅବସ୍ଥାନ, ରଥଯାତ୍ରା,ଯଜ୍ଞବେଦୀ ଯାତ୍ରା, ଜନ୍ମବେଦୀ ଯାତ୍ରା, ଦଶାବତାର ଯାତ୍ରା, ପତିତପାବନ ଯାତ୍ରା , ଦକ୍ଷିଣାୟନ ଯାତ୍ରା , ଜନକପୁରୀ , ନବଦିନାତ୍ମକ ଯାତ୍ରା ମଧ୍ୟ କୁହାଯାଏ । ପ୍ରତିବର୍ଷ ଆଷାଢ଼ମାସ ପୁଷ୍ୟାନକ୍ଷତ୍ରଯୁକ୍ତ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହୁଏ ରଥଯାତ୍ରା । ଠାକୁରଙ୍କର ସମସ୍ତ ଯାତ୍ରାରେ ଶ୍ରୀବିଗ୍ରହଙ୍କ ଚଳନ୍ତି ପ୍ରତିମା ବିଜେ ହୋଇଥାନ୍ତି କେବଳ ସ୍ନାନପୂର୍ଣ୍ଣିମା ଓ ଗୁଣ୍ଡିଚା ଯାତ୍ରାରେ ସ୍ୱୟଂ ପ୍ରଭୁମାନେ ପହଣ୍ଡିବିଜେ ହୋଇଥାଆନ୍ତି । ତେଣୁ କୁହାଯାଏ ସ୍ନାନ ଗୁଣ୍ଡିଚାଏ ବେନି ସ୍ୱୟଂ ଲୀଳା ଯାର, ପତିତପାବନ ଅର୍ଥେ ମନ୍ଦିରୁ ବାହାର । ସଂପୂର୍ଣ୍ଣ ରଥଯାତ୍ରାର ତିନିଗୋଟି ଅଂଶ ହେଲା ଗୁଣ୍ଡିଚା ଯାତ, ଆଡପ ଅବସ୍ଥାନ ଓ ବାହୁଡା ଯାତ୍ରା । ସ୍କନ୍ଦ ପୁରାଣ, ପଦ୍ମ ପୁରାଣ, ନାରଦ ପୁରାଣ, ନୀଳାଦ୍ରୀ ମହୋଦୟ, ବାମଦେବ ସଂହିତା ଓ ସ୍ମୃତି ସଂହିତାରେ ରଥଯାତ୍ରା ବିଷୟରେ ବର୍ଣ୍ଣିତ ହୋଇଛି । ଯେତେବେଳେ ଜଗନ୍ନାଥ ଧର୍ମର ପ୍ରଥମ ମହାରାଜା ଇନ୍ଦ୍ରଦ୍ୟୁମ୍ନ ଶ୍ରୀକ୍ଷେତ୍ରକୁ ଆସିଥିଲେ ସେତେବେଳେ ସେ ଶବର ପୂଜିତ ମାଧବ ବିଗ୍ରହକୁ ଦେଖିପାରିଲେ ନାହିଁ । ସେହି ନୈରାଶ୍ୟ ଭିତରେ ଦେବର୍ଷି ନାରଦଙ୍କର ସ୍ୱପ୍ନାଦେଶ ଅନୁସାରେ ଇନ୍ଦ୍ରଦ୍ୟୁମ୍ନ ପୁରୁଷୋତମ ନାମରେ ଅନୁଷ୍ଠାନ କରିଥିଲେ ମାଳବ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ରାଣୀ ଏହି ଯାତ୍ରାଟି ପରିଚାଳନା କରିଥିବାରୁ ତାଙ୍କ ନାମାନୁସାରେ ରହିଛି ଗୁଣ୍ଡିଚା ଯାତ । ଦାରୁ ବିଗ୍ରହ ମାନଙ୍କର ଜନକପୁରୀ ବା ଜନ୍ମସ୍ଥଳୀ ହେଉଛି ଗୁଣ୍ଡିଚା ଘର । ଶୂନ୍ୟବାଣୀ ଅନୁସାରେ ମହାରାଜ ଇନ୍ଦ୍ରଦ୍ୟୁମ୍ନ ବାଙ୍କୀ ମୁହାଣରୁ ଦାରୁ ପାଇଲା ପରେ ସେହି ଦାରୁକୁ ଆଣି ଯେଉଁଠାରେ ମୂର୍ତି ନିର୍ମାଣ କରି ପ୍ରଥମେ ପ୍ରତିଷ୍ଠା କରି ରାଜା ଓ ରାଣୀ ପୂଜା କରୁଥିଲେ ତାହା ହେଉଛି ଗୁଣ୍ଡିଚା ମଣ୍ଡପ । ଜଗତର ମଙ୍ଗଳ ନିମନ୍ତେ ଯେଉଁ ଯାତ୍ରା ଅନୁଷ୍ଠିତ ହୁଏ ତାକୁ ଘୋଷଯାତ୍ରା କୁହାଯାଏ । ରଥ ଗଡିଗଲାବେଳେ କାଷ୍ଠ ସଂଘର୍ଷ ଫଳରେ ଯେଉଁ ଧ୍ୱନି ଉତ୍ପନ୍ନ ହୁଏ ତାହାକୁ ଘର୍ଘର କହନ୍ତି ଏହି ଯାତ୍ରା ସମୟରେ ଘର୍ଘର ନାଦ ଜାତ ହେଉଥିବାରୁ ଏହାକୁ ଘୋଷଯାତ୍ରାକୁହାଯାଏ । ଶ୍ରୀମନ୍ଦିରର ପ୍ରଥମ ପ୍ରତିଷ୍ଠାତା ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ରାଣୀଙ୍କ ନାମ ଗୁଣ୍ଡିଚା ତାଙ୍କ ଇଚ୍ଛାକୁ ସମ୍ମାନ ଦେଖାଇ ଜଗନ୍ନାଥ ମହାପ୍ରଭୁ ଭାଇ ଓ ଭଉଣୀଙ୍କ ସହିତ ପ୍ରତିବର୍ଷ ଏଠାକୁ ଆସୁଥିବାରୁ ଏହି ଯାତ୍ରାକୁ ଗୁଣ୍ଡିଚା ଯାତ୍ରା କୁହାଯାଏ । ଜଗନ୍ନାଥ ବର୍ଷକୁ ଥରେ ରଥରେ ବସି ଗୁଣ୍ଡିଚା ମନ୍ଦିରକୁ ଯାଆନ୍ତି ସେଠାରେ ଯିବା ଆସିବା ସହିତ ନବଦିନ ଅତିବାହିତ କରନ୍ତି ତେଣୁ ଏହାକୁ ନବଦିନାତ୍ମକ ଯାତ୍ରା କୁହାଯାଏ । ରଥ ଦଉଡି ଟାଣିବା କାମରେ ସବୁଧର୍ମର ଲୋକମାନେ ଅଂଶଗ୍ରହଣ କରିଏହି ଦର୍ଶନରେ ପାପ କ୍ଷୟ ହୁଏ ବୋଲି ପତିତପାବନ ଯାତ୍ରା କୁହାଯାଏ ।

ପ୍ରତିବର୍ଷ ଆଷଢ଼ ଶୁକ୍ଳ ଦ୍ୱିତୀୟାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର ଓ ମା ସୁଭଦ୍ରା ଲକ୍ଷାଧିକ ଭକ୍ତଜନଙ୍କ ଗହଣରେ ରଥରେ ବିରାଜମାନ ହୁଅନ୍ତି । ଶାସ୍ତ୍ର କହେ ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ । ରଥ ଉପରେ ଶ୍ର ଜଗନ୍ନାଥଙ୍କୁ ଦର୍ଶନ କଲେ ମୋକ୍ଷ ଲାଭ ହୁଏ । ବିଷ୍ଣୁଙ୍କର ଦଶବତାର ବର୍ଣ୍ଣନାରେ ବଳୀର ଦର୍ପ ନାଶ କରିବାକୁ ଯେଉଁ ପ୍ରଭୁ ବାମନ ଅବତାର ହୋଇଥିଲେ ସେହି ପ୍ରଭୁ ଆଷାଢ଼ ଦ୍ୱିତୀୟାରେ ବାମନ ରୂପରେ ରଥାରୁଢ଼ ହୋଇଆସୁଛନ୍ତି । ପ୍ରକୃତରେ ଏହି ଉତ୍ସବ ସ୍ନାନ ପୂର୍ଣ୍ଣିମା ଦିନଠାରୁ ଆରମ୍ଭ ହୋଇଥାଏ । ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଚତୁର୍ଦ୍ଧାମୂରତି ସ୍ନାନ ମଣ୍ଡପରେ ସ୍ନାନ କରନ୍ତି । ଶ୍ରୀ ଜଗନ୍ନାଥ ୩୫ ଗରା, ଶ୍ରୀ ବଳଭଦ୍ର ୩୩ ଗରା, ମା ସୁଭଦ୍ରା ଉପରେ ୨୨ ଗରା ଓ ସୁଦର୍ଶନ ଉପରେ ୧୮ ଗରା । ଏହିପରି ୧୦୮ ଗରା ଜଳସ୍ନାନ ପରେ ଠାକୁରମାନେ ୧୫ ଦିନପାଇଁ ଅଣସର ଘରେ ରୁହନ୍ତି । ଏହି ଅଣସର ଘରେ ଠାକୁର ମାନଙ୍କୁ ତାଟି ବନ୍ଧାଯାଏ । ସାଧାରଣ ଲୋକମାନେ ଠାକୁରମାନଙ୍କ ଦର୍ଶନ ନ ପାଇ ପୁରୀଠାରୁ ୨୫ କି.ମି ଦୂରରେ ବ୍ରହ୍ମଗିରି ଠାରେ ଏହି ସମୟରେ ଅଲାରନାଥଙ୍କୁ ଦର୍ଶନ କରିବାର ପରମ୍ପରା ରହିଛି । ଅଣସର ସରିବା ପରେ ନେତ୍ରୋତ୍ସବ କରାଯାଏ । ଠାକୁରମାନଙ୍କ ନବଯୌବନ ଦର୍ଶନ ହୁଏ । ଶ୍ରୀ ଗୁଣ୍ଡିଚା ଦିନ ପାରମ୍ପରିକ ରୀତିରେ ଠାକୁରମାନେ ପହଣ୍ଡି ବିଜେ କରି ବଡ ଦେଉଳରୁ ରଥ ଉପରକୁ ଯାଇଥାନ୍ତି । ଠାକୁରମାନେ ରଥ ଉପରକୁ ବିଜେ କରିବା ପୂର୍ବରୁ ସେଦିନ ସକାଳେ ମନ୍ଦିରରେ ଆରତି, ମଇଲମ ଓ ତଡପ ଲାଗି, ରୋଷ ହୋମ, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବେଶ, ଗୋପାଳ ବଲ୍ଲଭ ଓ ସକାଳ ଧୂପ ଖେଚୁଡି ଭୋଗ ପ୍ରଭୃତି କରାଯାଇଥାଏ । ତାପରେ ରଥ ପ୍ରତିଷ୍ଠା ଓ ମଙ୍ଗଳାର୍ପଣ କରାଯାଇ ପହଣ୍ଡି ବିଜେ କରାଯାଏ ।

ପ୍ରଥମେ ଶ୍ରୀ ବଳଭଦ୍ର ତାଳଧ୍ୱଜ ରଥରେ ଆରୋହଣ କରନ୍ତି । ଏହି ରଥର ଉଚ୍ଚତା ୩୨ ହାତ ୧୩ ଆଙ୍ଗୁଳି । ଏହା ୭୬୩ ଖଣ୍ଡ କାଠରେ ନିର୍ମିତ, । ଏଥିରେ ୧୪ ଗୋଟି ଚକ ରହିଛି । ଚକର ବ୍ୟାସ ୬ ଫୁଟ ୬ ଇଂଚ । ରଥ ରକ୍ଷକ ବାସୁଦେବ, ରଥରେ ମାତଳି, ଆୟୁଧ ହଳ ଓ ମୂଷଳ ଓ ଅନ୍ୟାନ୍ୟ ଦେବାଦେବୀ ଓ ଋଷି ମାନଙ୍କର ମୂର୍ତି ରହିଥାଏ । ରଥର ରଙ୍ଗ ରକ୍ତନୀଳ । ତାପରେ ମା ସୁଭଦ୍ରା ଦର୍ପଦଳନ ରଥରେ ଆରୋହଣ କରନ୍ତି । ଏହି ରଥର ଉଚ୍ଚତା ୩୧ ହାତ । ଏହା ୫୯୩ ଖଣ୍ଡ କାଷ୍ଠରେ ତିଆରି ଏଥିରେ ୧୨ ଟି ଚକ ରହିଛି । ଚକର ବ୍ୟାସ ୬ ଫୁଟ । ରଥର ରକ୍ଷକ ଜୟଦୁର୍ଗା, ଆୟୁଧ ପଦ୍ମ ,କୁହାର , ସାରଥୀ- ଅର୍ଜୁନ । ଏହାଛଡା ଅନ୍ୟ ଦେବାଦେବୀ ମୂର୍ତି ବିଦ୍ୟମାନ । ରଥାବରଣ ଲୋହିତ କୃଷ୍ଣ । ସର୍ବଶେଷରେ ଶ୍ରୀ ଜଗନ୍ନାଥ ଇନ୍ଦ୍ରଙ୍କ ପ୍ରଦତ ନନ୍ଦିଘୋଷ ରଥରେ ବିଜେ ହୁଅନ୍ତି । ଏହି ରଥର ଉଚ୍ଚତା ୩୩ ହାତ ୫ ଅଙ୍ଗୁଳି । ୮୩୨ ଖଣ୍ଡ କାଠରେ ଏହା ନିର୍ମିତ । ଏହି ରଥରେ ୧୬ଟି ଚକ ରହିଛି । ଚକର ବ୍ୟାସ ୭ ଫୁଟ । ରଥାବରଣ ରକ୍ତପୀତ, ରଥ ରକ୍ଷକ- ଗରୁଡ, ଆୟୁଧ ଶଙ୍ଖ ଓ ଚକ୍ର, ସାରଥୀ ଦାରୁକ ଓ ଧ୍ୱଜାଧିପତି ହନୁମାନ । ଏହାଛଡା ବହୁ ଦେବାଦେବୀ ଓ ମୁନିଋଷି ମାନଙ୍କର କୀର୍ତି ମୂର୍ତି ଏଥିରେ ସ୍ଥାନ ପାଇଛି । ଠାକୁରମାନେ ପହଣ୍ଡି ବିଜେ କରି ରଥ ଉପରକୁ ଯାଇଥାଆନ୍ତି ପୁରୀର ଗଜପତି ମହାରାଜା ତିନିରଥକୁ ଛେରାପହଁରା କରନ୍ତି । ଛେରପହଁରା ପରେ ତିନି ରଥରୁ ଚାରମାଳ ଫିଟାଯାଏ, ଅଶ୍ୱଯୋଡା, ଦଉଡି ବନ୍ଧା କାର୍ଯ୍ୟ ସରିବାପରେ ଘଂଟ, ମୃଦଙ୍ଗ, ହୁଳହୁଳି , ହରିବୋଲ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ କରି ସହିତ ଆରମ୍ଭ ହୁଏ ରଥଟଣା କାର୍ଯ୍ୟ । ଶ୍ରୀ ମନ୍ଦିରରୁ ଗୁଣ୍ଡିଚା ମନ୍ଦିର ଦୂରତା ସାଢ଼େ ତିନି କି.ମି । ରଥ ଦଉଡିକୁ ଟାଣି ଟାଣି ଭକ୍ତମାନେ ଶ୍ରୀ ଗୁଣ୍ଡିଚା ମନ୍ଦିର ନିକଟରେ ପହଂଚାଇ ଥାଆନ୍ତି । ପ୍ରଥମେ ଶ୍ରୀ ବଳଭଦ୍ରଙ୍କର ରଥ, ତାପରେ ମା ସୁଭଦ୍ରାଙ୍କ ରଥ ଏବଂ ଶେଷରେ ଶ୍ରୀ ଜଗନ୍ନାଥଙ୍କ ରଥ ଟଣା ଯାଇଥାଏ । ଗୁଣ୍ଡିଚା ମନ୍ଦିରରେ ପହଁଚିବା ପରେ ଠାକୁରମାନଙ୍କୁ ପହଣ୍ଡିତଡି କରି ଭିତରକୁ ନିଆଯାଏ । ଶ୍ରୀ ମନ୍ଦିର ଭଳି ସେଠାରେ ମଧ୍ୟ ଠାକୁରମାନଙ୍କର ବିଭିନ୍ନ ନୀତିକାନ୍ତି କରାଯିବା ସହ ଅନ୍ନଭୋଗ ହୁଏ । ଶୁକ୍ଳ ନବମୀ ପର୍ଯ୍ୟନ୍ତ ଠାକୁରମାନେ ଗୁଣ୍ଡିଚା ଘରେ ଅବସ୍ଥାନ କରନ୍ତି । ପଂଚମୀରେ ହେରା ପଂଚମୀ ହୁଏ । ମହାଲକ୍ଷ୍ମୀଙ୍କୁ ସାଙ୍ଗରେ ନ ନେଇଥିବାରୁ ଅଭିମାନରେ ମହାଲକ୍ଷ୍ମୀ ଜଗନ୍ନାଥ ରଥର କିଛି ଅଂଶ ଭାଙ୍ଗି ଦେଇ ଆସନ୍ତି । ନବମୀ ଦିନ ସାନ୍ଧ୍ୟ ଦର୍ଶନ ହୋଇଥାଏ । ଏହି ଦର୍ଶନ କଲେ ବହୁ ପୁଣ୍ୟ ମିଳିଥାଏ ବୋଲି ପୁରାଣରେ ଉଲ୍ଲେଖ ଅଛି । ଦଶମୀ ଦିନ ବାହୁଡା ଯାତ୍ରା ହୁଏ । ପୂର୍ବରୁ ରଥଗୁଡିକୁ ଦକ୍ଷିଣମୋଡ କରାଯାଇ ନାକଚଣା ଦ୍ୱାର ଆଗରେ ରଖା ଯାଇଥାଏ । ବାହୁଡା ଯାତ୍ରା ଦିନ ଠାକୁରମାନଙ୍କର ରଥବିଜେ ପୂର୍ବରୁ ସକାଳେ ମଙ୍ଗଳ ଆଳତୀ, ମଇଲମ, ତଡପଲାଗି , ରୋଷହୋମ, ଅବକାଶ , ସୂର୍ଯ୍ୟପୂଜା, ବେଶ, ଗୋପାଳ ବଲ୍ଲଭ, ସକାଳ ଧୂପ ପରେ ସେନାପଟା ଲାଗି ଓ ମଙ୍ଗଳାର୍ପଣ ଆଦି ନୀତିମାନ ହୋଇଥାଏ । ଠାକୁରମାନେ ରଥରେ ଅଧିଷ୍ଠିତ ହେବାପରେ ଗଜପତି ରାଜା ତିନିରଥର ଛେରାପହଁରା କରିଥାନ୍ତି । ଛେରାପହଁରା ସରିବାପରେ ଚାରମାଳ ଫିଟା, ଅଶ୍ୱଯୋଡା, ଦଉଡିବନ୍ଧା ଓ ରଥଟଣା ପାଇଁ କାର୍ଯ୍ୟ ସମ୍ପାଦନ ପରେ ରଥଟଣା ହୁଏ । ଫେରିବା ବେଳେ ଶ୍ରୀ ଜଗନ୍ନାଥ ମାଉସୀମା ମନ୍ଦିରରେ ପୋଡପିଠା ମଣୋହି କରନ୍ତି । ଗୁଣ୍ଡିଚା ଘର, ଶରଧା ବାଲି, ମାଉସୀମା ଘରକୁ ପଛରେ ପକାଇ ଜନ୍ମବେଦୀରୁ କର୍ମବେଦୀ ଶ୍ରୀମନ୍ଦିର ଅଭିମୁଖେ ବାହୁଡିଥାନ୍ତି । ଦଶମୀ ଦିନ ସବୁ ରଥ ସିଂହଦ୍ୱାରଠାରେ ପହଁଚିଲା ପରେ , ଏକାଦଶୀ ଦିନ ସୁନାବେଶ କରାଯାଏ ତାପରଦିନ ଅଧରପଣା ଓ ଅନ୍ୟାନ୍ୟ ନୀତି ହେବାପରେ ଚତୁର୍ଦ୍ଦଶୀରେ ନିଳାଦ୍ରୀ ବିଜେ ହୁଏ । ଏହିଠାରେ ରଥଯାତ୍ରା ସମାପନ ହୁଏ । ବରଷକେ ଥରେ ଆସିଥାଏ ରଥଯାତ୍ରା , ଲକ୍ଷ ଲକ୍ଷ ଭକ୍ତଙ୍କ ମନରେ ଖୁସୀ ଓ ଆନନ୍ଦ ଖେଳାଇ ଦେଇଥାଏ । ଅଗଣିତ ଭକ୍ତଙ୍କ ଗହଣରେ ଠାକୁରଙ୍କର ଔଦାର୍ଯ୍ୟ ଲୀଳା ବା ଉଦାର ଭାବ ସାରା ଜନମାନସକୁ ବାନ୍ଧି ରଖିଥାଏ । ସମଗ୍ର ବାୟୁମଣ୍ଡଳରେ ପବିତ୍ରତା ଭରିଯାଏ । ପତିତଜନଙ୍କୁ ଉଦ୍ଧାର କରିବା ପାଇଁ ଏବଂ ପ୍ରଭୁଙ୍କର କୃପା ଲଭିବା ପାଇଁ କାହିଁ କେତେଦୂରରୁ ଭକ୍ତମାନେ ଧାଇଁ ଆସିଥାନ୍ତି । ବିଶ୍ୱର କୋଣ ଅନୁକୋଣରେ ମଧ ପାଳିତ ହୁଏ ରଥଯାତ୍ରା । ତେଣୁ ସେ ବିଶ୍ୱଦେବତା ।

+ଗଙ୍ଗନଗର, ଭୁବନେଶ୍ୱର
୭୯୭୮୧୧୦୪୭୪



## ଧନ୍ୟ ହୋଇଥାନ୍ତି ...

ରଶ୍ମିକାନ୍ତି ମିଶ୍ର



ପଥଟିଏ ମୋତେ କରିଥାନ୍ତ ଯଦି
ଭକ୍ତଜନ ସେବା କରିବା ପାଇଁ
ତୁମ ରଥ ଚକ ସ୍ପର୍ଶ ପାଇଥାନ୍ତି
ଧନ୍ୟ ହୋଇଥାନ୍ତି ଜଗତସାଇଁ !

କରିଥିଲେ ପ୍ରଭୁ କାଠ ଅବା କନା
ହୋଇଥାନ୍ତି ତୁମ ରଥ କି ବାନା
ବରଷକେ ଥରେ ବଡ଼ଦାଣ୍ଡେ ଥାଇ
ଧନ୍ୟ ହୋଇଥାନ୍ତି କାଳିଆ ସୁନା !

ଫୁଲଟିଏ ଯଦି କରିଥାନ୍ତ ପ୍ରଭୁ
ଭାବିଥାନ୍ତି ମନେ ପାଇଛି ସିଦ୍ଧି
ତୁମ ଅଙ୍ଗଲାଗି ହୋଇଥାନ୍ତି ପରା
ଧନ୍ୟ ହୋଇଥାନ୍ତି କରୁଣାନିଧି !

ତାଳଗଛ ଟିଏ କରିଥିଲେ ପ୍ରଭୁ
ଚାରମାଳ ହୋଇ ରଥେ ଥାଆନ୍ତି
ତୁମ ପାଦଧୂଳି ପାଇଥାନ୍ତି ଟିକେ
ଧନ୍ୟ ହୋଇଥାନ୍ତି ହେ ବିଶ୍ୱପତି !

ମାଟି ଟେଳା ଖଣ୍ଡେ କରିଥାନ୍ତ ପ୍ରଭୁ
ଗଢା ହୋଇଥାନ୍ତି କୁଡୁଆ ହୋଇ
ଷାଠିଏ ପଉଟି ଭୋଗ ତୁମ ଧରି
ଧନ୍ୟ ହୋଇଥାନ୍ତି କଳା ଗୋସେଇଁ !

କତା ଦଉଡ଼ିଟେ କରିଥାନ୍ତ ପ୍ରଭୁ
ଟାଣିଥାନ୍ତି ହେଲେ ତୁମରି ରଥ
ଭକତଙ୍କ ହାତେ ଥାଇ ମୁହିଁ ସତେ
ଧନ୍ୟ ହୋଇଥାନ୍ତି ହେ ବିଶ୍ୱନାଥ !

ମରୁଆ, ତୁଳସୀ, ଦୁବ କରିଥାନ୍ତ
ଛୁଇଁଥାନ୍ତି ନିତି ଶ୍ରୀଅଙ୍ଗ ତୁମ
ଖୋଜା ପଡୁଥାନ୍ତି ତୁମ ସେବା ପାଇଁ
ଧନ୍ୟ ହୋଇଥାନ୍ତି ହେ ନରୋତ୍ତମ !

ସୋଲ କି ବାଉଁଶ କରିଥାନ୍ତ ପ୍ରଭୁ
ଶୋଭା ପାଉଥାନ୍ତି ଟାହିଆ ହୋଇ
ପହଣ୍ଡି ବେଳରେ ତୁମ ସାଥେ ଥାଇ
ଧନ୍ୟ ହୋଇଥାନ୍ତି କଳା କହ୍ନାଇ !

ଚନ୍ଦନ ଅଗରୁ କରିଥିଲେ ପ୍ରଭୁ
ବାସୁଥାନ୍ତି ତୁମ ଶ୍ରୀଅଙ୍ଗେ ଲାଗି
କର୍ପୂର ହୋଇ ମୁଁ ଜଳିଥାନ୍ତି ହେଲେ
ଧନ୍ୟ ହୋଇଥାନ୍ତି ହେ ମହାଯୋଗୀ !

ମଣିଷ ଜନମ ଦେଇଛ ପ୍ରଭୁ ହେ
ଦେଖାଅ ସର୍ବଦା ପୂଣ୍ୟର ପଥ
ତୁମରି ସ୍ମରଣେ ଏ ପ୍ରାଣ ଛାଡିଲେ
ଧନ୍ୟ ହେବି ମୁହିଁ ହେ ଜଗନ୍ନାଥ !

+ଆଳି,କେନ୍ଦ୍ରାପଡା

## ଦେଖିବି ରଥ ଯାତରା...

ଦୁଷ୍ମନ୍ତ ବେହେରା



ମନ ଉଛନ୍ନକୁ ଦେହ ଉଚ୍ଛନ୍ନ
ଶରୀର ଚାହିଁଛି ପଡି
ଦେଖିବ ତୁମ ଯାତରା ପାପିଟିଏ
ଭାବି ଦୂରୁ ଯେ ଦେଖିଲ !

ବନ୍ଧୁ ଚାହିଁ ତୋତେ
ଏତିକି କହୁଛି
ହାତ ଯୋଡି ଜଗବନ୍ଧୁ
ପାପ ଦେହ ମୋର ପାପ ମନ
କେମିତି ଛୁଇଁବି ରଥ !

ନୟନ ଲୁହରେ ମନ
ଝୁରେ ମୋର
ତଥାପି ଦୁଃଖ କରେ ନାହିଁ
ତୁମେ ହସିଲେ ମୋ
ଜୀବନ ଦୁଃଖ
ସତେ ଦୂରେଇ ଯାଇଛି !

ଗରିବ ମୁହିଁ ଖାଲିହାତେ
ଆସିଛି ତୁମ
ବଡ ଦାଣ୍ଡକୁ ମୁଁ ଧାଇଁ
ଠାଇ ଠାଇ
ମାର ମାର କରିବନି ବନ୍ଧୁ
ଲୁହ ମୋ ଜୀବନ ସାକ୍ଷୀ !

ତୁମ ଚାରିପାଖେ
ଧୂପପଦୀପ ହରିବଲ
ଫୁଲ ଚନ୍ଦନ ମହକେ
ମୋ ହୀନିମାନ ଦେହ
ଗରିବ ବାସ୍ନା
ଫାଟି ପଡେ ଖୀନ୍ନ ମନ !

ଯାଉଛି ଜଗବନ୍ଧୁ
ଅଲାଟ ଦେହକୁ
ନେଇ ଦୁଃଖ କରିବନି
ବନ୍ଧୁ ମୋର ଯଦି ବନ୍ଧୁ
ଦୁଃଖ ଜାଣିବନି
ଦୁଃଖ ଜଣାଇବି କାହିଁ ପାଇଁ!

ଜନ ସମାଗମ
ଯାତରା ଦେଖିବେ
ବଜାରେ ବଜା ବାଜା ମୁଁ
ରଥ ଦଉଡ଼ିକୁ ହସି ହସି ଟାଣିବି
ହଲି ହଲି ଦେଖୁ ଥିବୁ
ତୋ ରଥ ଯାତରା !

+ରାସୋଳ, ମୁଣ୍ଡିଆପଷି
ଢେଙ୍କାନାଳ
ମୋ:୯୯୩୭୬୫୨୫୦୪

## ରଥଯାତ୍ରା



ଭାଗୀରଥି ସାଗର

ନୀଳାଦ୍ରି ବିହାରୀ, ଲକ୍ଷ୍ମୀକାନ୍ତ, ରତ୍ନ ସିଂହାସନ ଅଧିକାରୀ, ଜଗତର ନାଥ ଜଗନ୍ନାଥଙ୍କ ରଥଯାତ୍ରା ଜଗତ ପ୍ରସିଦ୍ଧ। ସାରା ବିଶ୍ୱରୁ ଭକ୍ତ ପ୍ରଭୁଙ୍କ ମହିମାରେ ଅନୁପ୍ରାଣିତ ହୋଇ ପଦାର୍ପିତ ହୁଅନ୍ତି ପୁଣ୍ୟ ପୁରୀ ଧାମକୁ। ଲକ୍ଷ ଲକ୍ଷ ଭକ୍ତଙ୍କ ସମାବେଶରେ ବଡ଼ଦାଣ୍ଡ ଉଚ୍ଛୁଳି ପଡୁଥାଏ। ଶଙ୍ଖ, ଘଣ୍ଟ, ଘଣ୍ଟି, ମୃଦଙ୍ଗ, ହରିବୋଲ, ହୁଳହୁଳି ଶବ୍ଦରେ ଗଗନ ପବନ ପ୍ରକମ୍ପିତ ହୁଏ। ପ୍ରଭୁ ଜଗନ୍ନାଥଙ୍କ ସବୁଠୁ ମହତ୍ୱପୂର୍ଣ୍ଣ ଉତ୍ସବ ହେଉଛି ଏହି ରଥଯାତ୍ରା। ଏହି ଯାତ୍ରା ପ୍ରତି ବର୍ଷ ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟା ଦିନ ପାଳିତ ହୁଏ।

କୁହାଯାଏ ରାଜା ଇନ୍ଦ୍ରଦ୍ୟୁମ୍ନ ଓ ତାଙ୍କ ପରିବାର ନୀଳାଚଳ ସାଗର ନିକଟରେ ରହୁଥିଲେ। ରାଜା ସମୁଦ୍ରରେ ଗୋଟିଏ ବିଶାଳକାୟ କାଷ୍ଠ ଦେଖିଲେ। ଏହି କାଷ୍ଠରେ ସେ ଭଗବାନ ବିଷ୍ଣୁଙ୍କ ମୂର୍ତ୍ତି ନିର୍ମାଣ କରିବା ପାଇଁ ସ୍ଥିର କଲେ। ସ୍ୱୟଂ ବିଶ୍ୱକର୍ମା ବୃଦ୍ଧ ବଢେଇ ଭାବରେ ମୂର୍ତ୍ତି ନିର୍ମାଣ ପାଇଁ ପ୍ରସ୍ତୁତ ହୋଇଗଲେ। ସେ ମୂର୍ତ୍ତି ତିଆରି କରିବାରେ ଗୋଟିଏ ସର୍ତ୍ତ ରଖିଲେ ଓ କହିଲେ, ମୁଁ ଯେଉଁ କୋଠରୀରେ ମୂର୍ତ୍ତି ତିଆରି କରିବି, ଯେତେ ଦିନ ପର୍ଯ୍ୟନ୍ତ ମୂର୍ତ୍ତି ତିଆରି କରିବାର ଶେଷ ହେବ ନାହିଁ, ସେତେ ଦିନ ପର୍ଯ୍ୟନ୍ତ ଏ କୋଠରୀ ଭିତରକୁ କେହି ଆସିବ ନାହିଁ।ରାଜା ଏହି ସର୍ତ୍ତରେ ରାଜି ହେବାରୁ ବୃଦ୍ଧ ବଢେଇ ବେଶ ଧରି ବିଶ୍ୱକର୍ମା ମୂର୍ତ୍ତି ତିଆରି କାମରେ ଲାଗି ପଡିଲେ। ରାଜାଙ୍କ ପରିବାର ଲୋକଙ୍କୁ ଏହି ଜ୍ଞାନ ନ ଥିଲା, ଏହି ବୃଦ୍ଧ ବଢେଇ କିଏ ? କେତେ ଦିନ ପର୍ଯ୍ୟନ୍ତ ମହାରାଣୀ ବନ୍ଦ ହୋଇଥିବା କୋଠରୀକୁ ନୀରିକ୍ଷଣ କରି ଚିନ୍ତା କଲେ ନ ଖାଇ ନ ପିଇ ବୃଦ୍ଧ ବଢେଇ କିପରି କାମ କରୁଛି। ଆଜି ପର୍ଯ୍ୟନ୍ତ ସେ ଜୀବନରେ ଅଛି ନା ମରିଯାଇଛି। ମହାରାଣୀ ମହାରାଜାଙ୍କୁ ନିଜର ଆଶଙ୍କାଜଣାଇଦେଲେ। ମହାରାଜାଙ୍କ ଦ୍ୱାରା ଗେଟ୍ ଖୋଲା ଗଲା, କିନ୍ତୁ ସେଠାରେ କେହି ମଧ ନ ଥିଲେ। ମାତ୍ର ଅର୍ଦ୍ଧ ନିର୍ମିତ ଜଗନ୍ନାଥ,ଦେବୀ ସୁଭଦ୍ରା ଓ ପ୍ରଭୁ ବଳଭଦ୍ରଙ୍କ ବିଗ୍ରହ ଦେଖିବାକୁ ମିଳିଲା। ମହାରାଜା ଓ ମହାରାଣୀ ବହୁତ ଦୁଃଖ କଲେ।କିନ୍ତୁ ଗୋଟିଏ ଶୁନ୍ୟ ବାଣୀ ଶୁଣିଲେ,ବତ୍ସ ଦୁଃଖୀ ହୁଏ ନାହିଁ ମୁଁ ଏମିତି ରୂପରେ ରହିବାକୁ ଚାହେଁ। ମୂର୍ତ୍ତି ଗୁଡ଼ିକୁ ପବିତ୍ର କରି ସ୍ଥାପିତ କରି ରଖ। ଆଜି ବି ଏହି ଅସମ୍ପୂର୍ଣ୍ଣ ମୂର୍ତ୍ତି ଜଗନ୍ନାଥ ପୁରୀ ଧାମରେ ଅବସ୍ଥିତ ଏବଂ ପୂଜା ପାଉଛନ୍ତି। ମାତା ସୁଭଦ୍ରାଙ୍କ ଦ୍ୱାରିକା ଭ୍ରମଣ କରିବା ଇଚ୍ଛାକୁ ପୁରଣ କରିବା ପାଇଁ ଶ୍ରୀକୃଷ୍ଣ ଓ ବଳରାମ ଭିନ୍ନ ଭିନ୍ନ ରଥରେ ବସି ଭ୍ରମଣ କରିଥିଲେ। ମାତା ସୁଭଦ୍ରାଙ୍କ ନଗରର ଭ୍ରମଣ ସ୍ମୃତି ରକ୍ଷା ପାଇଁ ପ୍ରତିବର୍ଷ ପୁରୀରେ ରଥଯାତ୍ରା ଅଧିଷ୍ଠିତ ହୁଏ।

ରଥଯାତ୍ରା ଦିନ ପ୍ରଭୁ ଜଗନ୍ନାଥ, ଶ୍ରୀ ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ବିଗ୍ରହକୁ ବଡ଼ ଦେଉଳଠାରୁ ବାହାର କରାଯାଇ ଯଥାବିଧିରେ ପହଣ୍ଡି ବିଜେ କରାଯାଏ ଏବଂ ସ୍ୱତନ୍ତ୍ର ସ୍ୱତନ୍ତ୍ର ତିନୋଟି ରଥରେ ବସାଇ ଦିଆଯାଏ। ପ୍ରଭୁ ଜଗନ୍ନାଥଙ୍କ ରଥକୁ ନନ୍ଦିଘୋଷ, ଠାକୁର ବଳଭଦ୍ରଙ୍କ ରଥକୁ ତାଳଧ୍ୱଜ ଏବଂ ଦେବୀ ସୁଭଦ୍ରାଙ୍କ ରଥକୁ ଦର୍ପ ଦଳନ କୁହାଯାଏ।ପ୍ରଭୁଙ୍କ ବିଗ୍ରହ ଗୁଡିକକୁ ରଥ ଉପରେ ପବିତ୍ର ରଜ୍ଜୁ ଦ୍ୱାରା ଉତ୍ତମ ଭାବରେ ବନ୍ଧା ଯାଏ, ଫଳରେ ରଥ ଟାଣିବା ବେଳେ ଖସି ପଡ଼ିବାର ସମ୍ଭାବନା ନ ଥାଏ। ମହା ପ୍ରଭୁଙ୍କ ସୌନ୍ଦର୍ଯ୍ୟ ବିଗ୍ରହ ଦର୍ଶନ କରି ଉପସ୍ଥିତ ଲକ୍ଷ ଲକ୍ଷ ଭକ୍ତ ଧନ୍ୟ ହୁଅନ୍ତି, ସମସ୍ତଙ୍କ ହୃଦୟ ,ପ୍ରାଣରେ ଭକ୍ତି ଭାବନା ସଞ୍ଚାରିତ ହେଉଥାଏ,ସମସ୍ତଙ୍କ ପାଟିରେ ପ୍ରଭୁଙ୍କ ଶବ୍ଦ,ପ୍ରଭୁଙ୍କ ଗୁଣ କୀର୍ତ୍ତନ, ପ୍ରଭୁଙ୍କ ମହିମା, ହରିବୋଲ ହୁଳହୁଳି ଉଚ୍ଚାରଣ ଶୁଭୁଥାଏ। ବିଦେଶୀ ଭକ୍ତଙ୍କ କଣ୍ଠରେ ଭକ୍ତି ଭାବପୂର୍ଣ୍ଣ ଜଣାଣ ନିଜ ନିଜ ଭାଷାର ଗୁଞ୍ଜରିତ ହେଉଥାଏ। ଭକ୍ତ ମାନେ ଆନନ୍ଦରେ ଗଦ ଗଦ ହେଇ ରଥ ରଜ୍ଜୁ ଧରି ରଥ ଟାଣିଥାନ୍ତି। ଫଳରେ ରଥଗୁଡିକ ଆଗକୁ ଆଗକୁ ଗଡ଼ି ଚାଲେ। ବଡ଼ ଦେଉଳ ଠାରୁ ପ୍ରାୟ ଦେଢ଼ ମାଇଲ ଦୂରତା ଗୁଣ୍ଡିଚା ମନ୍ଦିର। ପୌରାଣିକ କଥା ଅନୁସାରେ ରାଜା ଇନ୍ଦ୍ରଦ୍ୟୁମ୍ନ ହେଉଛନ୍ତି ପ୍ରଭୁ ଜଗନ୍ନାଥ, ଶ୍ରୀ ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ବିଗ୍ରହମାନଙ୍କ ପ୍ରତିଷ୍ଠାତା। ଗୁଣ୍ଡିଚା ମନ୍ଦିରରେ ରଥ ଗୁଡ଼ିକ ରହେ।ସେଠାରେ ସେବାୟତମାନେ ବିଧି ଅନୁସାରେ ସେବା ପୂଜା, ପ୍ରଭୁଙ୍କ ନୀତି ସମ୍ପନ୍ନ କରିଥାନ୍ତି। ସାତ ଦିନ ପର୍ଯ୍ୟନ୍ତ ଭକ୍ତ ଗୁଣ୍ଡିଚା ମନ୍ଦିରରେ ଦେବ ଦର୍ଶନ କରନ୍ତି। ତାଙ୍କର ଭିଡ଼ରେ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣ ବେଶ୍ ସରଗରମ ହୋଇ ଉଠୁଥାଏ। ଭକ୍ତି ଭାବନାରେ ଭକ୍ତ ବୁଡ଼ି ରହିଥାଏ।

ଗୁଣ୍ଡିଚା ମନ୍ଦିରରେ ସାତ ଦିନ ଅବସ୍ଥାପିତ ହେଲା ପରେ ପ୍ରଭୁ ବଡ଼ ଦେଉଳକୁ ପ୍ରତ୍ୟାଗମନ କରନ୍ତି,ଏହାକୁ ବାହୁଡ଼ା ଯାତ୍ରା କୁହାଯାଏ। ଏହି ବାହୁଡ଼ାଯାତ୍ରା ହେଉଛି ଏହି ପର୍ବର ମୁଖ୍ୟ ଆକର୍ଷଣ। ଏହା ଆଷାଢ଼ ଶୁକ୍ଳ ପକ୍ଷ ଦଶମୀ ଦିନ ଅନୁଷ୍ଠିତ ହୋଇଥାଏ। ରଥଯାତ୍ରା ଭଳି ବାହୁଡ଼ା ଯାତ୍ରା ମଧ ସମାନ ରୀତି ନୀତିରେ ସମାପୀତ ହୋଇଥାଏ। ବାହୁଡ଼ା ଯାତ୍ରା ସମୟରେ ମହାପ୍ରଭୁ କିଛି ସମୟ ପାଇଁ ମାଉସୀ ମାଆ ମନ୍ଦିର ନିକଟରେ ଅଟକି ଯାନ୍ତି। ସେଠାରେ ମାଉସୀ ମାଙ୍କ ପୋଡ଼ ପିଠା ଗ୍ରହଣ କରିଥାନ୍ତି। ରଥଗୁଡିକ ବିଳମ୍ବିତ ଅପରାହ୍ନରେ ସିଂହଦ୍ୱାର ନିକଟକୁ ପହଞ୍ଚେ। ପର ଦିନ ବଡ଼ ଏକାଦଶୀରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ବିଗ୍ରହକୁ ସ୍ୱର୍ଣ୍ଣ ଆଭୂଷଣରେ ସଜ୍ଜିତ କରାଯାଇଥାଏ।ଏହା ସୁନା ବେଶ ନାମରେ ପ୍ରସିଦ୍ଧ। ଦ୍ୱାଦଶୀ ଦିନ ମହାପ୍ରଭୁ ପହଣ୍ଡି ଶୈଳୀରେ ଶ୍ରୀମନ୍ଦିରକୁ ବିଜେ କରନ୍ତି। ପ୍ରଭୁ ଜଗନ୍ନାଥ, ଶ୍ରୀ ବଳଭଦ୍ର ଦେବୀ ଶୁଭଦ୍ରାଙ୍କର ରତ୍ନସିଂହାସନ ବିଜେ ପରେ ଏହି ପୁଣ୍ୟ ରଥଯାତ୍ରାର ସମାପନ ଘଟିଥାଏ।

ରଥଯାତ୍ରା କାଳରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସର୍ବଦା ସଜାଗ ହୋଇ ସଂକ୍ରମଣ ଦାଉରୁ ରକ୍ଷା କରନ୍ତି। ପୋଲିସ ବିଭାଗ ରୋରି, ଡକାୟତି ଭଳି କୁକାର୍ଯ୍ୟ ନ ହେବାକୁ ସତର୍କତା ସହ ନିଜ ନିଜ କାର୍ଯ୍ୟ କରିଥାନ୍ତି। ଜନଗହଳି ସ୍ଥାନରେ ପୋଲିସ କର୍ମଚାରୀ ନିୟୋଜିତ ହୋଇ ନିରୁଦ୍ଦିଷ୍ଟ ଶିଶୁମାନଙ୍କୁ ଠାବ କରିଥାନ୍ତି ଏବଂ ନିଜ ପିତାମାତାଙ୍କୁ ସମର୍ପଣ କରିବାକୁ ଚେଷ୍ଟା କରିଥାନ୍ତି। ଦୂରଦର୍ଶନ ଓ ଆକାଶାଣୀରେ ରଥଯାତ୍ରାର ସିଧା ପ୍ରସାରଣ କରାଯାଏ, ଫଳରେ ସାରା ବିଶ୍ୱର ଭକ୍ତ ରଥଯାତ୍ରା ଘରେ ବସି ମଧ ଦେଖି ବାର ସୁଯୋଗ ପାଆନ୍ତି । ସମ୍ବାଦପତ୍ରରେ ରଥଯାତ୍ରା ସମ୍ପର୍କିତ ଫଟୋ ମୁଖ୍ୟ ପୃଷ୍ଠାରେ ମଣ୍ଡନ କରେ। ସରକାର ପାନୀୟ ଜଳର ବ୍ୟବସ୍ଥା ଠକ୍ ଭାବରେ କରିଥାନ୍ତି। ଦେଶ ବାହାରୁ ଆସି ଥିବା ପର୍ଯ୍ୟଟକ ମାନଙ୍କୁ ପଣ୍ଡାମନଙ୍କ ତତ୍ତ୍ୱାବଧାନରେ ଛଡ଼ା ଯାଏ।

ସଂପ୍ରତି କରୋନାର ଦ୍ୱିତୀୟ ଲହର ଚାଲିଛି, ବିନା ଭକ୍ତରେ ପ୍ରଭୁଙ୍କ ନୀତି ନିୟମ ସମାପନ ହେଉଛି। କରୋନା ଯୋଗୁଁ ଭକ୍ତ ତା ଆଦରଣୀୟ ପ୍ରଭୁଙ୍କ ଦର୍ଶନ ପାଇବାରୁ ବଞ୍ଚିତ। ମହାପ୍ରଭୁ ନୀତି ନିୟମ ଗୁଡିକକୁ କରୋନା ଗ୍ରାସ କରି ଚାଲିଛି। ଏପରିକି ପାଶେ ଉପସ୍ଥିତ ରହି ପ୍ରଭୁଙ୍କ ଦର୍ଶନ ରଥଯାତ୍ରା ଦିନ ବି ଗତବର୍ଷ ଠାରୁ ଭକ୍ତ କରି ପାରୁ ନାହିଁ।ଭକ୍ତ ବିନା ବଡ଼ଦାଣ୍ଡ ଫିକା ଫିକା ଲାଗୁଛି। ପ୍ରଭୁ ଜଗନ୍ନାଥ ତମକୁ କୋଟି ଦଣ୍ଡବତ ପ୍ରଭୁ , ତମର ଶ୍ରୀମୁଖ ଭକ୍ତ ଶୀଘ୍ର ଦର୍ଶନ କରନ୍ତୁ।

+ଡାଲଗୁମା,କୋକସରା,କଳାହାଣ୍ଡି
ମୋ ୯୩୩୭୬୨୪୮୯୯

## କରୋନା ଆତଙ୍କେ ରଥଯାତ୍ରା...

ବିନୟ କୁମାର ସାମଲ

ବଡଦାଣ୍ଡେ ଗଡ଼ିଯାଏ ତିନିରଥ
ବିଜେ ଚତୁର୍ଦ୍ଧାମୂରତି,
ଜଗା ବଳିଆଙ୍କ ସାଥେ ସୁଭଦ୍ରିକା
ସୁଦର୍ଶନ ଉପସ୍ଥିତି।
ବରଷକେ ଥରେ ଗୁଣ୍ଡିଚା ଯାତରେ
ଯିବେ ମାଉସୀ ମାଆ ଘର,
ମାଉସୀର ସ୍ନେହ ପୋଡ଼ପିଠା ମୋହ
ମନେ ପଡେ ବାରମ୍ବାର।
ଭକତ ମେଳରେ ପହଣ୍ଡି ବେଳରେ
ଝୁଲୁଥିବେ ତିନି ଦିଅଁ,
ଘଣ୍ଟ, ଶଙ୍ଖ,ହରିବୋଲ ହୁଳହୁଳି
ହସାଇବ କଳା ମୁହଁ।
କାଳିଆ ସାଆନ୍ତେ ନନ୍ଦିଘୋଷ ପରେ
ବଡ଼ଭାଇ ତାଳଧ୍ୱଜେ,
ବଡ଼ ଅଲିଅଳି ସୁଭଦ୍ରା ଭଉଣୀ
ଦର୍ପ ଦଳନରେ ବିଜେ।
ଜଗତ ଜୀବନ ରତ୍ନସିଂହାସନ
ଛାଡ଼ି ବଡଦାଣ୍ଡେ ଉଭା,
ଭକତ ପରାଣ ପତିତପାବନ
ଦିଶୁଥାନ୍ତି ମନଲୋଭା।
ଭକ୍ତ ସାଲବେଗ ଦାସିଆ ବାଉରୀ
ପରି ଯେତେ ଭକ୍ତଜନ,
ଜାତି ଧର୍ମ ବର୍ଣ୍ଣ ଉର୍ଦ୍ଧ୍ୱରେ ରହିଣ
ମାନସ୍କାମ କର ପୂର୍ଣ୍ଣ।
ଧନ୍ୟ ତୁମ ଲୀଳା ପ୍ରଭୁ ଲୀଳାମୟ
ଦେବତାଙ୍କୁ ଅଗୋଚର,
ଏ' କି ଦୁଃସାହସ କରୋନା ରାକ୍ଷସ
ଭାଙ୍ଗେ ଲୀଳା ବାରମ୍ବାର।
ମହାମାରୀ କୋପେ ଗତବର୍ଷ ଯାତ୍ରା
ହୋଇଥିଲା ଭକ୍ତଶୂନ୍ୟ,
ଏସନ ବି ବଡଦାଣ୍ଡେ ଭକତଙ୍କୁ
ମିଳିବନି ଦରଶନ।
କରୋନାର ସବୁ କଟକଣା ମାନି
ଗୋପନେ ଝରକା ଫାଙ୍କେ,
ଆକୁଳ ନୟନେ ନୀଳାଚଳ ଜନ
ଦର୍ଶନ ଲଭିବେ ବାଙ୍କେ।

+ବେଡାପଡା, ହିନ୍ଦୋଳ
ଜିଲ୍ଲା- ଢେଙ୍କାନାଳ-୭୫୯୦୧୯
ଦୁରଭାଷ-୯୩୩୭୨୪୯୦୬୮

# ଶଙ୍କରାଚାର୍ଯ୍ୟ ଓ ଗଜପତିଙ୍କ ରଥସେବା



ଡକ୍ଟର ଶ୍ରୀହରି ପଣ୍ଡା



ଆଜକୁ ପ୍ରାୟ ୨୫୨୫ ବର୍ଷ ପୂର୍ବେ ସମଗ୍ର ଭାରତ ବର୍ଷରେ ରାଜାନୁଗତ୍ୟ ବୌଦ୍ଧ ଧର୍ମର ପ୍ରାବଲ୍ୟତା ହେତୁ ମିଥ୍ୟା ଜ୍ଞାନର ପ୍ରବାହରେ ମୂର୍ତ୍ତି ପୂଜା ବିଧିର ବିଲୋପ ସାଧନର ସମସ୍ତ ପ୍ରୟାସ ପୂର୍ବକ ପୁରୁଷୋତ୍ତମ କ୍ଷେତ୍ରରେ କେଉଁ ଆବହମାନ କାଳରୁ ପୂଜିତ ହେଉଥିବା ବ୍ରହ୍ମଙ୍କର ଦାରୁ ବିଗ୍ରହକୁ ନଷ୍ଟ କରିବା ପାଇଁ ବୌଦ୍ଧ ତାନ୍ତ୍ରିକ ଓ ସନ୍ୟାସୀମାନଙ୍କର ଚେଷ୍ଟାକୁ ପ୍ରତିହତ କରିବା ପାଇଁ କିଛି ଜଗନ୍ନାଥ ପ୍ରେମୀ ଭକ୍ତମାନେ ପରମ୍ପରାର ରକ୍ଷା ପାଇଁ ଜଗନ୍ନାଥଙ୍କ ଦାରୁ ମୂର୍ତ୍ତିକୁ ଅଜ୍ଞାତ ସ୍ଥାନକୁ ନେଇ ପାତାଳି କରିଥିଲେ । ଧର୍ମ ନାମରେ ପ୍ରଚଳିତ ଥିବା କୁସଂସ୍କାର, ଅନ୍ଧ ବିଶ୍ୱାସ,ପଶୁବଳି ଇତ୍ୟାଦିରେ ଜନସାଧାରଣ ଅତିଷ୍ଠ ହୋଇପଡ଼ି ତ୍ରାହି ତ୍ରାହି ଡାକ ଛାଡୁଥିବା ବେଳେ ମହାଜ୍ଞାନୀ ଯୋଗେଶ୍ୱର ଭଗବାନ, ଭଗବାନ ଶଙ୍କର ସ୍ୱୟଂ ଅବତାର ଗ୍ରହଣ କରିଥିବାର ଶାସ୍ତ୍ରୀୟ ପ୍ରମାଣ ମିଳେ । କଳିଯୁଗରେ ଭଗବାନ ଶିବ ମାନବ କଲ୍ୟାଣ ପାଇଁ ଶଙ୍କରାଚାର୍ଯ୍ୟ ରୂପେ ଅବତାର ଗ୍ରହଣ କରିବେ ।

କାଳୌରୁଦ୍ରୋ ମହଦେବୋ
ଲୋକାନାମୀଶ୍ୱର ପରଃ ।
କରିଷ୍ୟତ୍ୟବତାରଂ ସ୍ୱଂ
ଶଙ୍କରୋନୀଳଲୋହିତଃ ॥

ଏହି ଉକ୍ତିର ସତ୍ୟତା ପ୍ରତିପାଦନ କରି ଭାରତର କେରଳ ପ୍ରଦେଶର କାଲାଡି ନାମକ ଗ୍ରାମରେ ନମ୍ବୁରୀ ବ୍ରାହ୍ମଣ ସଂପ୍ରଦାୟର ପରମ ଶିବଭକ୍ତ ପିତା ଶିବଗୁରୁ ମାତା ଆର୍ଯ୍ୟାମ୍ବାଙ୍କ କୋଳମଣ୍ଡନ କରି ଖ୍ରୀ.ପୂ.୭୮୮ ବୈଶାଖ ଶୁକ୍ଳ ପଞ୍ଚମୀ ତିଥିରେ ଭଗବତ ପାଦ ଶଙ୍କରାଚାର୍ଯ୍ୟ ଧରାବତରଣ କଲେ । ମାତ୍ର ଆଠ ବର୍ଷ ବୟସରେ ଚତୁର୍ବେଦ ଆୟତ୍ତ କରି ୧୨ବର୍ଷ ବୟସରେ ସର୍ବଶାସ୍ତ୍ର ବିଶାରଦ ହୋଇ ସମଗ୍ର ଭାରତ ବର୍ଷରେ ସମସ୍ତ ତୀର୍ଥାଟନ ପଦବ୍ରଜ କରି ଏକ ଧାର୍ମିକ ଦିଗବିଜୟ ଯାତ୍ରା ଆରମ୍ଭ କରି ଧର୍ମ ନାମରେ ସାଂପ୍ରଦାୟିକ କୁସଂସ୍କାର, ଅଜ୍ଞାନତା, ଅନ୍ଧବିଶ୍ୱାସ ଇତ୍ୟାଦିକୁ ସମୁଳେ ଉତ୍ପାଟନ କରି ନିର୍ଗୁଣ ନିରାକାର ଭଗବାନଙ୍କର ସଗୁଣ ସାକାର ରୂପର ପୂଜା ପଦ୍ଧତି ବ୍ୟବସ୍ଥା ପ୍ରଚଳନ କଲେ । ଭଗବତପାଦ ଶଙ୍କର ଭାରତର ଚାରିଧାମରେ ଚାରି ପୀଠ ସ୍ଥାପନା କରି ଭାଷା,ଜାତି,ବର୍ଣ୍ଣ,ଲିଙ୍ଗ ନିର୍ବିଶେଷରେ ସମଗ୍ର ଭାରତବର୍ଷକୁ ଧର୍ମ ନାମରେ ଐକତାର ସୂତ୍ରରେ ବାନ୍ଧି ଅଖଣ୍ଡ ଭାରତ ଗଠନ କରି ପାରି ଥିଲେ ।

ଭାରତର ପୂର୍ବୋତ୍ତର ରାଜ୍ୟ ଉତ୍କଳର ଶ୍ରୀକ୍ଷେତ୍ରକୁ ଭଗବତପାଦ ଆଦି ଶଙ୍କରାଚାର୍ଯ୍ୟ ପଦାର୍ପଣ କରି ଦେଖିବାକୁ ପାଇଲେ ରତ୍ନ ସିଂହାସନ ଶୂନ୍ୟ, ମନ୍ଦିର ଭିତରେ ତାନ୍ତ୍ରିକ ବାମାଚାର ପଦ୍ଧତିରେ କାର୍ଯ୍ୟ ସଂପାଦିତ ହେଉଛି । ଏଥିରେ ମର୍ମାହତ ଶଙ୍କର ବୌଦ୍ଧ ସନ୍ୟାସୀମାନଙ୍କୁ ଶାସ୍ତ୍ରାନୁମୋଦିତ ଭାବରେ ପରାସ୍ତ କରି ଶ୍ରୀବିଗ୍ରହମାନଙ୍କର ପାତାଳି ହୋଇଥିବା ସ୍ଥାନକୁ ନିରୁପଣ କରି ଉଦ୍ଧାର କାର୍ଯ୍ୟ କଲେ । ନେପାଳରୁ ବ୍ରହ୍ମ ଆଣି ସ୍ଥାପନା ପୂର୍ବକ ଶ୍ରୀବିଗ୍ରହମାନଙ୍କର ପ୍ରଥମ ନବକଳେବର କରାଇ ରତ୍ନ ସିଂହାସନରେ ଶ୍ରୀଚତୁର୍ଦ୍ଧାବିଗ୍ରହ ମାନଙ୍କୁ ଯୁଧିଷ୍ଠିର ସକ ୨୬୫୫ ବୈଶାଖ ଶୁକ୍ଳ ଦଶମୀ ତିଥିରେ ଅଭିଷିକ୍ତ କରାଇ ପୁନଃ ପ୍ରତିଷ୍ଠା କଲେ ଓ ସେହିଦିନ ମଧ୍ୟ ଗୋବର୍ଦ୍ଧନ ପୀଠ ପ୍ରତିଷ୍ଠା ପୂର୍ବକ ପଦ୍ମପାଦାଚାର୍ଯ୍ୟଙ୍କୁଏହି ପୀଠର ପ୍ରଥମ ଶଙ୍କରାଚାର୍ଯ୍ୟ ରୂପେ ଅଭିଷିକ୍ତ କରିଥିଲେ । ଶ୍ରୀମନ୍ଦିରର ସମସ୍ତ ରୀତି, ନୀତି, ପୂଜାସେବା,ପନ୍ତି ଭୋଗ ଇତ୍ୟାଦି ପ୍ରଣୟନ କରି ପ୍ରଚଳନ କଲେ । ଶ୍ରୀମନ୍ଦିରର ମହାପ୍ରସାଦର ପରିମାଣ ବୃଦ୍ଧି କଲେ । ଗୋବର୍ଦ୍ଧନ ପୀଠ ପୁରୀର ସର୍ବପ୍ରଥମ ଓ ସର୍ବପ୍ରାଚୀନ ମଠ ଅଟେ । ଶ୍ରୀମନ୍ଦିରର ସମସ୍ତ ରୀତି, ନୀତି, ପୂଜାପଦ୍ଧତି ଗୁଡ଼ିକ ବ୍ରାହ୍ମଣ୍ୟ ଧର୍ମାନୁସାରେ ପରିଚାଳିତ ହେଲା ଏବଂ ଏସବୁ ନିୟମର ସଠିକ୍ ପରିଚାଳନା ପାଇଁ, ସେ ନିଜେ ମନ୍ଦିରର ସର୍ବୋଚ୍ଚ ନିୟାମକ ଭାବେ ରହିଲେ ତଥା ଶ୍ରୀମନ୍ଦିରର ମୁକ୍ତିମଣ୍ଡପ ବା ବ୍ରହ୍ମଗାଦି ପ୍ରତିଷ୍ଠା କରି ନିଜେ ଏହାର ସ୍ଥାୟୀ ସଭାପତି ଏବଂ ନାୟକ ରୂପେ ରହିଲେ । ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କର ପଦ ମର୍ଯ୍ୟାଦା, ଶ୍ରୀମନ୍ଦିରର ସେବା, ଅଧିକାର,ଦାୟିତ୍ୱ,ପ୍ରାପ୍ୟ ଓ ମହାନ ଅବଦାନ ଇତ୍ୟାଦି ମାଦଳାପାଞ୍ଜି, କର୍ମାଙ୍ଗୀ ମାଦଳା ଏବଂ ଶ୍ରୀମନ୍ଦିର ସତ୍ତ୍ୱଲିପିରୁ ଜଣାଯାଏ ।

ମାଦଳା ପାଞ୍ଜି ଅନୁଯାୟୀ ଏକଦା ରତ୍ନବେଦୀରେ ପ୍ରଥମ ଶଙ୍କରାଚାର୍ଯ୍ୟଙ୍କ ମୂର୍ତ୍ତିପୂଜା ପାଉଥିଲେ । ବୈଦିକ ପରମ୍ପରା ଅନୁସାରେ ଜଗତଗୁରୁ ଶଙ୍କରାଚାର୍ଯ୍ୟ ଶ୍ରୀଜୀଉମାନଙ୍କର ଦର୍ଶନ ନିମନ୍ତେ ଶ୍ରୀମନ୍ଦିରକୁ ଯିବାବେଳେ ଛତ୍ରି,ତରାସ ଇତ୍ୟାଦି ରାଜକୀୟ ମର୍ଯାଦା ଶଙ୍କରାଚାର୍ଯ୍ୟଙ୍କୁ ଦିଆଯାଉଥିଲା । କର୍ମାଙ୍ଗୀମାଦଳାରେ ଉଲ୍ଲେଖ ଅଛି ଶଙ୍କରାଚାର୍ଯ୍ୟ ପରମ ଗୁରୁ ଅଟନ୍ତି ଏବଂ ଶ୍ରୀମନ୍ଦିରର ସର୍ବୋଚ୍ଚ ନିୟାମକ ଅଟନ୍ତି ।

॥ ହରି ଓଁ ତତ୍‌ସତ୍ ॥

(କ୍ରମଶଃ)

ଗୌଡ଼ଗାଁ, କପ୍ତିପଦା,
ମୟୂରଭଞ୍ଜ
ମୋ୯୮୫୩୯୪୮୪୫୮

# ସେ'ତ ଭକତ ଭାବରେ ବନ୍ଧା



ଅକ୍ଷୟ ପଣ୍ଡା

ଗତ ଦେବସ୍ନାନ ପୂର୍ଣ୍ଣିମା କଥା । ମନ ବ୍ୟାକୁଳ ହେଉଥାଏ । ଜଗତର ନାଥ ଜଗନ୍ନାଥଙ୍କର ନୂଆ ବେଶ ଦେଖିବି । ପାପ ତାପରୁ ମୁକ୍ତି ପାଇବି । ପିଲାଦିନରୁ ସାଲବେଗ ଦାଶିଆ ବାଉରୀ ଓ ରାଜା ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନ ର କଥା । ସ୍ୱୟ ପ୍ରଭୁ ଜଗନ୍ନାଥ ଭକ୍ତର ଦୁଃଖ ଦୂର କରିବା ପାଇଁ ସେମାନଙ୍କ ସାଥୀରେ ଥିଲେ । ସେହି ନିରାକାର ପରମ ବ୍ରହ୍ମ ଇଶ୍ୱର ଦୀନ ଜନର ବନ୍ଧୁ କରୁଣାର ସାଗର । ଯାହାର ଆର୍ଶୀବାଦ ଲାଭ କରି ପଙ୍ଗୁ ଗିରି ଲଙ୍ଘି କରିପାରେ । ମୁକ ବି ବାଚାଳ ହୁଏ । ଦୁର୍ବଳ ଅପାରଗ ବ୍ୟକ୍ତି ସଫଳତାର ସିଡ଼ି ଚଢି ଧନ ଯଶ ସମ୍ମାନର ଅଧିକାରୀ ହୁଏ ।

ସେହି କାଳିଆ ଠାକୁର ତାର ବଡ଼ ବଡ଼ ଆଖିରେ ସେ ସବୁ ଦେଖୁଛି । ଦୁଃଖ କଷ୍ଟ ଯନ୍ତ୍ରଣାରେ ଛଟପଟ ହୋଇ ଆକୁଳରେ ନିବେଦନ କରୁଥିବା ରୋଗୀ ପାଖରେ ପହଞ୍ଚିଯାଏ । ସେ ମନରେ ଦିଏ ସାହାସ । ଦେହରେ ଦିଏ ବଳ । ଧୀରେ ଧୀରେ କଷ୍ଟ ଅପସରି ଯାଏ । ବର୍ଷା ପରି ଝର ଝର ହୋଇ ଝଡ଼ି ପଡୁଥିବା ଲୁହ କୁଆଡ଼େ ଉଭେଇ ଯାଏ । ମୁହଁରେ ହସର ଫୁଲ ଫୁଟେ । ଆମ ସମସ୍ତିଙ୍କ ମନ କଥା ପରମେଶ୍ୱର ଜାଣି ପାରନ୍ତି । ସେଇଥି ପାଇଁ କୁହାଯାଏ ।

"ଯାହା ମୁଁ କରଇ ଯାହା
ମୁଁ ଚିନ୍ତଇ ମନେ
ଜଗତ ର କର୍ତ୍ତା ପରମ
ଇଶ୍ୱର ଜାଣୁଛନ୍ତି ପ୍ରତିକ୍ଷଣେ ।"

କରୋନା ମହାମାରୀକୁ ଆୟତ୍ତ କରିବା ପାଇଁ ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ ଚାଲିଥାଏ । ଦେବାଳୟ, ସ୍କୁଲ, କଲେଜ, ହାଟ ବଜାର ସବୁ ବନ୍ଦ ଥାଏ । କିଏ ବା କେମିତି ଯିବ । ମନ ଚାହୁଁଥିଲା ଦେବସ୍ନାନ ପୂର୍ଣ୍ଣିମାରେ କାଳିଆ ଠାକୁରଙ୍କୁ ଦର୍ଶନ କରିବା ପାଇଁ । ଏ ଦୁନିଆର ସକଳ ପାପ ତାପରୁ ମୁକ୍ତି ମିଳି ଯିବ । ହେଲେ ଉପାୟ ନାହିଁ, ବଡ଼ ଦାଣ୍ଡର ବାଇଶି ପାହାଚ ଚଢିବା ପାଇଁ ମନା । ଅଚାନକ ହେମନ୍ତ ବାବୁଙ୍କ ପାଖରୁ ଭିଡ଼ିଓଟିଏ ଆସିଲା । ଯାହାକୁ ଦେଖିବାକୁ ମନ ବ୍ୟାକୁଳ ଥିଲା ସେ କଳା କହ୍ନେଇ କାଳିଆଙ୍କୁ ଦର୍ଶନ କରିବି । ମୋ ମୋବାଇଲ ର ପରଦା ଭିତରୁ । କି ଭାଗ୍ୟ ସତରେ । ଏ ମନ ଖୋଜୁଥିଲା ଯାହା ପାଇଗଲା । ନା ଡେରି ଅଛି । ତୁରନ୍ତ ମିଳିଗଲା । ବୋଧ ହୁଏ ସେଇଥି ପାଇଁ କୁହାଯାଏ ।

"କରି କରାଉ ଥାଉ ତୁହି
ତୋ ବିନୁ ଅନ୍ୟ ଗତି ନାହିଁ ।"

ଇଂରାଜୀ ଭାଷା ସାହିତ୍ୟର ଆଉ ଜଣେ ସୁ ପ୍ରସିଦ୍ଧ ନାଟ୍ୟକାର ସେକ୍ସପିଅର କହିଥିଲେ "ଆମେ ସମସ୍ତେ ଇଶ୍ୱରଙ୍କ ହାତର କାଠ ପିତୁଳି ।" ସତରେ ଆମ ଜୀବନ ନାଟକର ଶ୍ରେଷ୍ଠ ନିର୍ଦ୍ଦେଶକ ଦାରୁ ବ୍ରହ୍ମ ଜଗତର ନାଥ ଜଗନ୍ନାଥ । ସେଇ ଭିଡ଼ିଓ ଟିକୁ ପଠାଇ ଥିବା ବ୍ୟକ୍ତିଙ୍କ ବିଷୟରେ ଅନେକ କଥା ଶୁଣିଛି । ସେ ଏହି କରୋନା ସମୟରେ ଅଲୋଡ଼ା ଅଖୋଜା ଗରିବ ଅସହାୟ ଲୋକମାନଙ୍କୁ ଖୋଜି ଲୋଡ଼ି ବସ୍ତ୍ର ଓ ଅର୍ଥ ଦାନ କରିଥିଲେ । ଆଉ ମଧ୍ୟ କରି ଚାଲିଛନ୍ତି । ସେ କହାନ୍ତି ଏ ନର ନାରାୟଣଙ୍କ ସେବା ଇଶ୍ୱରଙ୍କ ସେବା ଅଟେ । ଯଦି ତୁମେ ମନ୍ଦିରକୁ ନ ଯାଇ ପାରୁଛ ସେ ପାଇଁ ଦୁଃଖ କରନି । ବରଂ ବିପଦରେ ପଡ଼ିଥିବା ଅଜଣା ଅଚିହ୍ନା ଲୋକମାନଙ୍କୁ ସାହାଯ୍ୟ କର । ଦେଖିବ ଇଶ୍ୱରଙ୍କ ଅଦେଖା ହାତ ତୁମ ମଥା ଛୁଇଁବ । ଆଉ ଅଜାଡ଼ି ଦେବ ଅର୍ଶୀବାଦ । ଲୁହ ନ ଦେଇ । ଲୁହ ପୋଛି ହସ ଦିଅ । ଶୀତ ରତୁର କାକର ପରି ଚକ୍ ଚକ୍ କରୁଥିବା ଜଳ ରାଶି ହୀରା ଭାବି ପାଗଳ ହୁଅନି । କାହିଁକି ମନେ ପଡ଼ିଲା ମନବୋଧ ଚଉତିସା ର ସେ ଦୁଇ ଧାଡ଼ି ।

"ଗଲେଣି ତୋ ସଙ୍ଗତୁ
ଯେତକ ଜନ ।
ଗଣ୍ଠିରେ ବାନ୍ଧି ନେଲେ
କେ କେତେ ଧନ ।"

ତେବେ ବିଜ୍ଞାନ କହେ ଅନ୍ଧ ଭାବରେ କୌଣସି କଥାକୁ ବିଶ୍ୱାସ କରନି । ପରୀକ୍ଷା ନିରୀକ୍ଷା କରି ଯାହା ଚିରନ୍ତନ ସତ୍ୟ ତାହାକୁ ଗ୍ରହଣ କର । ଆଉ ନିଜ ଜୀବନରେ ଉପଯୋଗ କର । କେତେକ ଲୋକ ଧନ ପାଇଁ ଖାଦ୍ୟ ଅପମିଶ୍ରଣ, ନକଲି ଔଷଧ ବିକ୍ରି, କଲମରେ ଦୌଲତ ଲୁଟି ନେବାର କୌଶଳ ଅବଲମ୍ବନ କରନ୍ତି । ମଜଦୁର ମାନଙ୍କର ମଜୁରି କାଟନ୍ତି । ଆଉ କେତେକ କରୋନା କାଳରେ କଳାବଜାରି କରି ରାତାରାତି ଧନ ଠୁଳ କରିବାରେ ଲାଗି ପଡ଼ିଛନ୍ତି । ଲାଞ୍ଚ, ଠକାମି, ଚୋରି, ଡ଼କାୟତି ଆଦି ଆମ ସମାଜକୁ ଅସ୍ତ ବ୍ୟସ୍ତ ପକାଇଲାଣି ।

ତେବେ ସେହି ଲୋକମାନଙ୍କ କଣ ପ୍ରକୃତ ଅବସ୍ଥା । ସେମାନେ ସେହି ଧନ ପାଇ ଶାନ୍ତିରେ ଅଛନ୍ତି କି ନାହିଁ ? ଅନୁସନ୍ଧାନ କଲି । ଆଉ ଯାହା ଦେଖିଲି, ତାହା ଲେଖିଲି ।

. ସେହି ଲୋକମାନେ ସୁନ୍ଦର, ମନୋରମ ଆକାଶ ଛୁଆଁ ପ୍ରସାଦରେ ମାନସିକ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି । ପାରିବାରିକ ସ୍ନେହ ହଜିଯାଇଛି । ମନରୁ ଲୁଟି ଯାଇଛି ସ୍ନେହ, ଶ୍ରଦ୍ଧା ଓ ଓଠରୁ ଲିଭି ଯାଇଛି ହସ । ଟିଭି କଥା କହୁଛି । ପୁଅ କଥା ମାନୁନି । ଧର୍ମ ପତ୍ନୀ କଥା କଥାରେ ଗାଳି ଗୁଲଜ କରୁଛି । ଏହା ହିଁ ଜୀବନ ।

ପିଲାଙ୍କୁ ବଡ଼ ନାମକରା ଶିକ୍ଷାୟତନରେ ନାମ ଲେଖାଇଲା ପରେ । ସେମାନଙ୍କର ଚାଲି ଚଳନ ଆଚାର ବ୍ୟବହାରରେ ଅସାମାଜିକତା ଭରି ରହିଛି । ବିଦ୍ୟାଳୟ ମାନଙ୍କୁ ପ୍ରଶଂସା ପରିବର୍ତ୍ତେ ନାମ କଟାଯାଇ ବାଧ୍ୟତା ମୂଳକ ଟି.ସି ଦିଆଯିବ ବୋଲି କୁହାଯାଉଛି ।

. ଡ଼ାକ୍ତର ପ୍ରେସକ୍ରିପସନ୍ ରେ ଲେଖିଲାଣି । ମଦ୍ୟପାନ ବନ୍ଦ କର, ଲିଭରରେ ସୋରିଆସିଆ ହୋଇ ଗଲାଣି । ଆଉ କାହାକୁ ମାଉଥ କ୍ୟାନସର ତ ଲଙ୍ଗସ କାହାର କାମ କରୁନି । ଅତ୍ୟଧିକ ଟଙ୍କା ପଇସା କୁସଙ୍ଗ ବୋଧ ହୁଏ କୁ ଅଭ୍ୟାସକୁ ବଢାଇ ଦେଇଛି । ଯାହା ଫଳ ସ୍ୱରୁପ ସେମାନେ ଜିନ୍ଦା ଲାସ ପାଲଟି ଯାଇଛନ୍ତି ।

ସାଇ ପଡ଼ିଶା, ଗ୍ରାମବସୀ ମାନେ କିବା ସେଠାରେ ଆଖ ପାଖ ଲୋକମାନେ ଏପରି ଦୁର୍ନୀତିଖୋର ବ୍ୟକ୍ତି ବିଶେଷମାନଙ୍କୁ ସମ୍ମାନ ଦିଅନ୍ତି ନାହିଁ । ସେମାନଙ୍କ ଅଧିକାଂଶ ସମୟ ମାଲି ମକଦମା କୋଟ କଚେରୀରେ କଟିଯାଏ । ଅତ୍ୟଧିକ ଧନ ଲାଳସା ସୁଖ ଶାନ୍ତି ଆନନ୍ଦକୁ ଛଡ଼ାଇ ନେଇ ଦୁଃଖ ଯନ୍ତ୍ରଣା ଶତ୍ରୁତା ଓ ଅଶାନ୍ତି ପ୍ରଦାନ କରିଥାଏ । ସେଥିପାଇଁ ବୋଧେ କବିବର ରାଧାନାଥ ରାୟ ଦରବାର କାବ୍ୟ ଲେଖି ଥିଲେ ।

"ରକ୍ଷଣ, ପାଳନ,
ଭୋଗ ଏ ଧରାର
ତିନି କାର୍ଯ୍ୟ କଲ
ତୃତୀୟକୁ ସାର
ପର ସେବା ଲାଗି
ତୁମ୍ଭର ଜନମ
ଆତ୍ମ ସେବା କଲ
କୌଳିକ ଧରମ ।"

ଯେଉଁମାନେ ଇଶ୍ୱର ଭକ୍ତ ଦୁଃଖୀ ରଙ୍କି ଅସହାୟ ଲୋକମାନଙ୍କର ସେବା କରୁଛନ୍ତି, ସେମାନଙ୍କ ଜୀବନ ଯାପନ ର ଶୈଳୀ ଆପଣ ଜାଣିଲେ ନିଶ୍ଚୟ ଖୁସି ହେବେ । ସେଥିରୁ କେତେ ଗୋଟି ସଂସ୍ଥା ଓ ସେମାନଙ୍କ କାର୍ଯ୍ୟ ବିଷୟରେ ଅବଗତ କରାଇଲି ।

ବାଲେଶ୍ୱର ଜିଲ୍ଲାର ଯୁଗଶ୍ରୀ ଯୁଗ ନାରୀର ମହିଳା ସ୍ୱଚ୍ଛାସେବୀମାନେ କରୋନା ସମୟରେ ଜନ ସଚେତନତା କରିବା ସଙ୍ଗେ ସଙ୍ଗେ ଗରିବ ଅସହାୟ ଲୋକମାନଙ୍କୁ ସାହାଯ୍ୟ ସହଯୋଗ କରୁଥିଲେ । ଆଉ ମଧ୍ୟ କରୁଛନ୍ତି । ମୁମ୍ବାଇର କେତକ ଅଭିନେତା ଓ ଅଭିନେତ୍ରୀ ମାନେ ଦେଶ ବାହାର ଥିବା ଶ୍ରମିକ ମାନଙ୍କୁ ସ୍ୱଦେଶକୁ ଫେରାଇ ଆଣିବା ପାଇଁ ବହୁ ପରିମାଣର ଅର୍ଥ ଓ ଶ୍ରମଦାନ କରିଥିଲେ । ଆଉ ଏକ କଥା ନଜରରେ ଆଏସ୍ ଡି. ପ୍ରକାଶ ରାଓଙ୍କର କଟକ ବଡ଼ ମେଡ଼ିକାଲ ପାଖରେ ଚା ଦୋକାନ ଥିଲା । ସେ ସେଥିରୁ ଅର୍ଜିତ ଅର୍ଥରେ ଗରିବ ଅସହାୟ ପିଲାମାନଙ୍କ ପାଇଁ ସ୍କୁଲଟିଏ ଖୋଲିଥିଲେ । ସେମାନଙ୍କୁ ମାଗଣାରେ ଶିକ୍ଷାଦାନ ଦେଉଥିଲେ । ଆଉ ହସ୍ପିଟାଲରେ ପଡ଼ିଥିବା ଗରିବ ରୋଗୀମାନଙ୍କୁ ଦୁଗ୍ଧ ଓ ଗରମ ପାଣି ବିନା ମୂଲ୍ୟରେ ଯୋଗାଇ ଦେଇଥିଲେ । ଅଚ୍ୟୁତ ସାମନ୍ତ ରାୟଙ୍କ କଳିଙ୍ଗ ଇନସ୍‌ଟ୍ୟୁଟ ଅଫ ସୋସିଆଲ ସାଇନସ ମାଧ୍ୟମରେ ଗରିବ ଆଦିବାସୀ ଓ ହରିଜନ ପିଲାମାନଙ୍କୁ ଉନ୍ନତ ମାନର ଶିକ୍ଷା ଓ ପ୍ରଶିକ୍ଷଣ ବିନା ମୂଲ୍ୟରେ ପ୍ରଦାନ କରି ଆସୁଛନ୍ତି । କେତେକ ସ୍ଥାନରେ ଅବସର ପ୍ରାପ୍ତ ଆର୍ମି ଜୱାନ ଓ ସିଆରଏଫ୍ ପୋଲିସ ମାନେ ମାଗଣାରେ ବେକାରୀ ଯୁବକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି । ତେବେ ପ୍ରଶ୍ନ ଉଠିପାରେ ସେମାନେ ଏଥିରୁ କଣ ପାଉଛନ୍ତି ।

ଦୁନିଆର ସବୁଠାରୁ ବଡ଼ ଜିନିଷ ମାସନିକ ଶାନ୍ତି ଓ ଇଶ୍ୱରଙ୍କ ଆର୍ଶିବାଦ ସେମାନଙ୍କୁ ମିଳିଥାଏ । ଦୁନିଆରୁ ସେହି ମହାନ ବ୍ୟକ୍ତିମାନେ ଚାଲି ଗଲେ ଅନେକଙ୍କ ଆଖିରୁ ଝରି ପଡେ ଲୁହ ।

ପାପ ଆଉ ପୁଣ୍ୟ ଦୁଇଟି ଶବ୍ଦ । ପୁଣ୍ୟ କର୍ମରେ ଯଶ ଓ ସୁନାମ ମିଳେ । ଶତ୍ରୁ ଅପେକ୍ଷା ସେମାନଙ୍କର ମିତ୍ର ବେଶୀ । ସବୁ ଜାଗାରେ ସବୁ ସମୟରେ ସେମାନଙ୍କୁ ସ୍ୱାଗତ କରାଯାଏ ।

ସେହି ମହାନ ବ୍ୟକ୍ତିମାନେ ସମାଜକୁ ଭାଙ୍ଗିବା ଅପେକ୍ଷା ଗଢନ୍ତି । ଅଭାବ ଜଗାରେ ଭାବ ଦୁଃଖ ଜଗାରେ ସୁଖ ନିରାନନ୍ଦ ଜାଗାରେ ଆନନ୍ଦ ପ୍ରଦାନ କରିଥାନ୍ତି । ତୋର ମୋର ଭିତରେ ଥିବା ସଂକୀର୍ଣ୍ଣ ମନୋଭାବକୁ ଦୂରେଇ ସେମାନେ ରହନ୍ତି ।

. ଅସତ ମାର୍ଗରୁ ସତମାର୍ଗକୁ ନେଇ ଯାଆନ୍ତି । ସେମାନେ ଯେଉଁ ଧର୍ମର ହୁଅନ୍ତୁନା କାହିଁକି । ତାଙ୍କ ମନ ଭିତରେ ମାନବ ପ୍ରୀତି ଅଧିକରୁ ଅଧିକ ଥାଏ । ତେଣୁ ଦୁଃଖରେ ଥିଲେ ମଧ୍ୟ ଦୁଃଖ ଅନୁଭବ କରି ପାରନ୍ତିନି ।

ଆତ୍ମ ସଂଜମତା, ସ୍ୱଳ୍ପ ବ୍ୟୟ, ସମୟାନୁବର୍ତ୍ତିତା, ସହଯୋଗର ମନବୃତ୍ତି ସେମାନଙ୍କୁ ସଫଳତାର ସିଡ଼ି ଚଢିବାକୁ ସାହାଯ୍ୟ କରେ । ସେମାନେ ଏପରି ହେବାର କାରଣ, ପ୍ରଭୁ ପରମ ପୁରୁଷ ସକଳ ଶକ୍ତିର ଆଧାର ଇଶ୍ୱରଙ୍କ ଉପରେ ଥାଏ ପଗାଢ ବିଶ୍ୱାସ । ତେଣୁ ସେମାନେ କଣ୍ଟାରେ ଚାଲି ଅନ୍ୟ ମାନଙ୍କ ପାଇଁ ଚଲା ପଥରେ ଫୁଲ ବିଛାଡ଼ି ଦିଅନ୍ତି ।

ପରିଶେଷରେ ଏତିକି କହିବି କାଳିଆ ଠାକୁର । ମୋତେ ସେହି ପଥରେ ଯାତ୍ରୀ କରେ । ଯେଉଁଠି ପାଇବି ତୋରି ଦର୍ଶନ । ଅସହାୟ, ନିସହାୟ ଗରିବ ଲୋକମାନଙ୍କ ସେବା କରି ପାଇବି ପରମ ସୁଖ । ମନ୍ଦିର ବେଢାରେ ନ ବୁଲିପାରିଲେ ବି ଦୁଃଖ ନାହିଁ । ଆ ମୋମନ ମନ୍ଦିରକୁ । କରୋନା ମହାମାରୀରେ ଅଧୀର ହୋଇ ପଡୁଥିବା ଲୋକଙ୍କ ଆଖିରୁ ଲୁହ ପୋଛି ଦେଇ ଆପଣାର ପରିବାରର ପରି ସେବା ରେବା କରିବି । ଚାଲିବି ସେହି ମହା ମାନବଙ୍କ ଚଲାପଥ ଅନୁଷରଣ କରି । ଆଉ କହିବି ଆସ ପୂଜିବା ଜୀବନ୍ତ ଦେବତା । କାଳିଆ ଠାକୁର ସବୁ ଜାଣେ । ସେଇଥି ପାଇଁ ଲୋକେ କହନ୍ତି "ସେ'ତ ଭକତ ଭାବରେ ବନ୍ଧା ।"

+ଆଳି, ଲୋକାପଡ଼ା
ମୋ - ୯୩୩୭୪୯୨୩୦୭

# ଗଡିବ ରଥ ନଥିବେ ଭକ୍ତ



ସୌଭାଗ୍ୟ ରଞ୍ଜନ ମହାନ୍ତି

ପ୍ରତିବର୍ଷ ଆଷାଢ ଶୁକ୍ଳ ଦ୍ୱିତୀୟ ଦିନ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଉତ୍ସବ ଅନୁଷ୍ଠିତ ହୁଏ । ରଥଯାତ୍ରାର ପୂର୍ବ ଦିନ ପ୍ରତିପଦା ତିଥିରେ ତିନି ରଥରେ କ୍ରମାନ୍ୱୟରେ ସିଂହଦ୍ୱାର ସମ୍ମୁଖକୁ ଅଣାଯାଇଥାଏ । ସିଂହଦ୍ୱାର ସମ୍ମୁଖରେ ତିନି ରଥ ଗୋଟିଏ ଧାଡିରେ ଦକ୍ଷିଣରେ ବଳଭଦ୍ରଙ୍କ ରଥ, ମଝିରେ ଦେବୀ ସୁଭଦ୍ରାଙ୍କ ରଥ ଓ ଉତରକୁ ଶ୍ରୀ ଜଗନ୍ନାଥଙ୍କ ରଥ ଏହି କ୍ରମରେ ରଖାଯାଇଥାଏ । ରଥ ଉପରକୁ ଚଢିବା ପାଇଁ ତିନି ରଥରେ ତାଳ ଗଣ୍ଡିରେ ଚାରମାଳ ବନ୍ଧା ହୋଇଥାଏ । ଏଣେ ଶ୍ରମନ୍ଦିର ଭିତରେ ପ୍ରତିପଦା ରାତ୍ରିରେ ବଡ ସିଙ୍ଗାର ବେଶ ପରେ ଭୋଗ ହୋଇ ପହଡ, ଆଳତି ପରେ ଶ୍ରୀମୁଖ ଖଣ୍ଡୁଆ ପଡି ଚତୁର୍ଦ୍ଧା ମୂର୍ତୀ ଶ୍ରୀ ଜଗନ୍ନାଥଙ୍କ ପ୍ରତୀକ ମହୋତ୍ସବ କରାଯାଇ ବାହୁଟି କଂଟ ଓ ସେନାପଟା ଲାଗି ହୋଇଥାଏ । ଏହି ଦୁଇ ନୀତି ଦଇତା ପତିମାନେ ସମ୍ପାଦନା କରିଥାନ୍ତି । ପରଦିନ ଚତୁର୍ଦ୍ଧାମୂର୍ତୀ ଜଗନ୍ନାଥଙ୍କୁ ପହଣ୍ଡି କରାଇ ନେବାରେ ସୁବିଧା ହେବା ଉଦ୍ଦେଶ୍ୟରେ ଏହିପରି ପ୍ରସ୍ତୁତି ପରେ ଦ୍ୱିତୀୟ ଦିନ ସକାଳୁ ରଥଯାତ୍ରାରେ କାର୍ଯ୍ୟକ୍ରମ ଆରମ୍ଭ ହୁଏ । କିନ୍ତୁ କରୋନା ଭଳି ମହାମାରି ସଙ୍କଟ ସମୟରେ ଯଦିଓ ରଥ ଚକ ଗଡିବ କିନ୍ତୁ ଦୁଃଖର ବିଷୟ କରୋନା କଟକଣା ଯୋଗୁଁ ନଥିବେ ଭକ୍ତ ଅର୍ଥାତ୍ ଭକ୍ତ ରଥ ଟାଣିବେ ନାହିଁ । କେବଳ ସେବାୟତ ଏବଂ ପୋଲିସ୍ ସହାୟତାରେ ରଥ ଟଣା ଯିବା ସିମିତ ଯେଉଁ କୋଭିଡ-୧୯ ଟେଷ୍ଟରେ ପଜିଟିଭ ଥିବ ଆରଟିପିସିଆରରେ ୪୮ ଘଂଟା ପୂର୍ବରୁ ଟେଷ୍ଟ୍ କରାଯାଇଥିବା ଦରକାର । ଏପରି କଟକଣାରେ ରଥ ଟଣା ହେବ । ଭକ୍ତ ବି ସେଇଆ ଚାହୁଁଛନ୍ତି, ଟଣା ଯାଉ ରଥ, ଆମେ ନଥିଲେ କଣ ହେଲା ? ଆମେ ଘରେ ବସି ଟିଭିରେ ରଥଯାତ୍ରା ଦେଖିବୁ ପଛେ, ରଥଯାତ୍ରା ଅନୁଷ୍ଠିତ ହେଉ । ଭକ୍ତଙ୍କର ଭାବାବେଗକୁ ଲକ୍ଷ୍ୟ କରି ସରକାର ମଧ ନିଷ୍ପତି ନେଲେ କେବଳ ସେବାୟତଙ୍କୁ ନେଇ ରଥଯାତ୍ରା ହେବ । ନଥିବେ ଭକ୍ତ । ଗଡିବ ରଥ । ଚତୁର୍ଦ୍ଧାମୂର୍ତୀ ଯିବେ ଜନ୍ମ ବେଦୀକୁ ରଥରେ ଶୋଭା ଶ୍ରୀ ଜଗନ୍ନାଥ । ରଥ-ପଥ-ଜଗନ୍ନାଥ । ଏହାର ସୁସମାହାର, ବିଶ୍ୱ ବ୍ରହ୍ମାଣ୍ଡକୁ ସୁଚାଇ ଦିଏ ଏକ ପରମର ସତ୍ୟ ସମ୍ବନ୍ଧରେ । ଓଡ଼ିଆ ଜାତିପାଇଁ ସମସ୍ତ ସନାତନ ଧର୍ମାବଲମ୍ବୀ ମାନଙ୍କ ପାଇଁ ଏବଂ ବୈଷ୍ଣବ ଧର୍ମରେ ଅନୁପ୍ରାଣୀତ ବିଶ୍ୱର କୋଣ ଅନୁକୋଣରେ ରହୁଥିବା କୋଟି କୋଟି ଜନତାଙ୍କ ପାଇଁ ଏଇ ରଥଯାତ୍ରା ହେଉଛି ଏକ ପବିତ୍ର ଦିବସ । ଯେଉଁ ପରମ ସତ୍ୟ କଥା କୁହାଯାଇଛି ତାହା ହେଲା ଆମ ଶରୀର, ବିଶ୍ୱ ଏବଂ ପ୍ରକୃତି । ଯାହାକୁ ଅନ୍ୟ ଭାଷାରେ କହିବାକୁ ଗଲେ ଦେହୁ, ଅବନୀ ଏବଂ ପରମାର୍ଥ । ଏହା ଭାଗବତରେ ଲିପିବଦ୍ଧ ଧରା ଉପରେ ଚଳଚଂଚଳ ଥିବା ଆମ ଶରୀର, ଶରୀର ମଧ୍ୟେ ଥିବା ଆତ୍ମା, ପରମାତ୍ମାର ସାଦୃଶ୍ୟ ରହିଛି । ଏଣୁ ପଥ ଉପରେ ରଥ, ରଥ ମଧ୍ୟେ ଜଗନ୍ନାଥ । ଉପରୋକ୍ତ ଭକ୍ତି ସହ କିଛି ସମାମଞ୍ଜସ୍ୟ ଥିଲା ପରି ମନେ ହୁଏ । ଶ୍ରୀ ଜଗନ୍ନାଥଙ୍କର ତ ସବୁ ବଡ । ଭୋଗ ବଡ ଷାଠିଏ ପଉଟି ଭୋଗ ଦାଣ୍ଡ (ପଥ) ବଡ, ବଡ ଦାଣ୍ଡ, ରଥ ବଡ, ନନ୍ଦି ଘୋଷ ରଥ । ତାଙ୍କରି କରୁଣା ମଧ ବଡ । ଉଦାହରଣ ସ୍ୱରୁପୁ ଦାସିଆ ବାଉରୀ, ଭକ୍ତ ସାଲବେଗ, ବନ୍ଧୁ ମହାନ୍ତି ଏପରି ଅନେକ । କଥାରେ ଅଛି "ରଥେ ତୁ ବାମନଂ ଦୃଷ୍ଟା ପୁର୍ନଃଜନ୍ମ ନ ବିନୀତତ" । ଏଥିରୁ ଅନୁମେୟ ଯେ ସେହି ରଥର ମହତ୍ୱ, ଗୁରୁତ୍ୱ କେତେ ! ଭକ୍ତ ଭାବାବେଗକୁ ନେଇ କେବଳ ସେବାୟତ, ପୋଲିସ ସହାୟତାରେ ରଥ ଟଣା ହେବ । ଆଉ କି ଉପାୟ ହିଁ ନାହିଁ । ଭକ୍ତ ଖୁସ ! ଗୁଣ୍ଡିଚା ଯାତ୍ରାରେ ରଥ ଉପରେ ବିରାଜିତ ବାମନ ରୂପୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କଲେ ଦର୍ଶନାଥୀ ଭକ୍ତର ସମସ୍ତ ପାପ କ୍ଷୟ ହୋଇ ସେ ମୁକ୍ତିଲାଭ କରିଥାଏ ।

(କ୍ରମଶଃ)

+ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋ:୯୪୩୭୯୯୪୩୭୯

## କରୁଛି ଜଣାଣ ପତିତପାବନ...

ଶୁଭନାରାୟଣ ଶତପଥୀ

ରଥେ ବାମନ କି ସୁନ୍ଦର !
କିଏ ସେ ଜାଣେ ତା ହୃଦର ?
ଭକ୍ତ ସାଲେବଗ
ଡାକିଦେଲା ବୋଲି
ଚକ ଗଡିଲାନି ରଥର ।
ଦାସିଆ ହାତେର ନଡିଆ
ଭକତି ତା ଭାରି ବଢିଆ
ଶ୍ରଦ୍ଧାରେ ଶ୍ରୀଫଳ
ଟେକିଦେଲା ସିଏ
ତା ହାତରୁ ନେଲା କାଳିଆ ।
ଭକ୍ତ ପ୍ରାଣ ମଧୁସୂଦନ
ଭକତର ହୃଦ ଚନ୍ଦନ
ବଳରାମ ଦାସ ଭକତି ବଳୁଆ
ବାଲିରଥେ ହେଲ ଆସୀନ ।
ଭକ୍ତ ପ୍ରେମ ସଦା ବାଇଆ
ନାହିଁ ତାର ଛୁଆଁ-ଅଛୁଆଁ
ମନ ଯୋଡି ଥାଏ ଭାବ-ଭକତିରେ
ବିପତିରେ ହୁଏ ସେ ଠିଆ ।
ରେଥ ରଥାରୂଢ କାଳିଆ
ସେଙ୍ଗ ସୁଭଦ୍ରା ଓ ବଳିଆ
ହୁଏ ରଥଯାତ, ମନା ତୋର ଦାଣ୍ଡ
କପଟ କରିଛୁ ତୁ କିଆଁ ।
ମୁଁ ନୁହେଁ ଦାସିଆ, ବଳିଆ
ନହୁଁ ସାଲେବଗ ଭଳିଆ
ତଥାପି ଜଣାଣ ପତିତପାବନ
କେରାନା ଛାଡୁ ଏ ଦୁନିଆଁ ।

+ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ- ୯୪୩୮୪୩୨୦୨୩



## ରକ୍ଷାକର ଜଗନ୍ନାଥ...

ସୁଭେନ୍ଦୁ ଦାସ

ଜଗତର ନାଥ ଆହେ ଜଗନ୍ନାଥ
ହେ କାଳିଆ ସାଆନ୍ତ,
ଏ ସାରା ଜଗତକୁ
ବିଶ୍ୱ ମହାମାରୀ
କରୁଅଛି ପୁଣି ନଷ୍ଟ ।
ତୋ ପାଦେ ଶରଣ ପଡୁଛି ମଣିମା
ଭକ୍ତ ପ୍ରତି ଦିଅ ଧ୍ୟାନ,
ଦୁଃଖ ଯନ୍ତ୍ରଣାରେ ରହୁଛି
ଭକ୍ତ ବିକଳ
ହେଉନି ତୁମ ମନ ।
ଦୁଇ ବର୍ଷ ହେଲା ପାରୁନାହିଁ ହସି
ପଡ଼ିଅଛି ଓଠ ବନ୍ଦୀ
ସୁଖ ଦୁଃଖ କଥା
ଭାବିଦେଲେ ଥରେ
କାନ୍ଦରେ ହେଉଛି ନଦୀ ।
ତଥାପି ବିଶ୍ୱାସ ରହିଛି
ତୁମରି ପାଖରେ
ଘଟି ଯାଉ ସବୁ କିଛି,
ଉଦ୍ଧାର କରିବ ତୁମେ
ଏ ସଙ୍କଟୁ ଆଖିର
ଲୁହକୁ ଦେଉଛି ପୋଛି

+ ପଲ୍ଲିକାନ୍ତ, ଇରସମା,
ଜଗତସିଂହପୁର
ମୋ: ୮୭୬୩୦୦୧୮୬୩

## କାଳିଆ ସାଆନ୍ତେ ହୋ...

ଉମ୍ବରୁଧର ବେହେରା

କାଳିଆ ସାଆନ୍ତେ ଡାକନ୍ତି ସଭିଏଁ
ଧନୀ, ଦୀନ, ହିନ ଜନ
ଘୋଷ ଯାତରାରେ
ଦେଖନ୍ତେ ତୁମ୍ଭଙ୍କୁ
ଫେଡି ଯେ ' ଦୁଇ ନୟନା

ହରିବୋଲ ହୁରି ହୁଳୁହୁଳା ଡାକେ
ହରି ଥା'ନ୍ତ ଭକ୍ତ ମନ
ହେ ଚକା ନୟନ କରୁଣା ସାଗର
କପାଳେ ଦେଇ ଚନ୍ଦନ ।

ମନ କି ବଳୁନି ସୁନା ବେଶ ଲାଗି
ଭକତେ ଆସନ୍ତେ ଧାଇଁ
ତୋ ଡଙ୍କ ତୋରାଣି
ଅବଡା ଅଇଁଠା
ତୁଣ୍ଡରେ ଚାଖିବା ପାଇଁ ।

ମହାମାରୀ ଲାଗି ସ୍ତବ୍ଧ ସାରା ବିଶ୍ୱ
ଚାରିଆଡେ ହାହାକାର
ଭୂତାଣୁ ନିମନ୍ତେ ଭକ୍ତ ହେଲେ ଦୂର
ରକ୍ଷା କର ନିରାକାର ।

କରେ ଧରିଥିବା ଚକ୍ର ପେଶି ପ୍ରଭୁ
କର ସମୂଳେ ବିନାଶ
ପତିତ ଉଦ୍ଧାର ପତିତ ପାବନ
ଦେଖିବୁ ସୁନାର ବେଶ ।

ଶିକ୍ଷକ ନବୋଦୟ ବିଦ୍ୟାଳୟ
ସୁରଳ(ଗଞ୍ଜାମ)
ମୋ: ୯୪୩୭୭୮୮୪୬୪

## ବିଶ୍ୱ ଚର୍ଚ୍ଚିତ ଜଗନ୍ନାଥ

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ମନ୍ଦିର ଚୁଡାରେ ରଥର ସଂତେକ ନୀଳଚକ୍ର, ସିଂହଦ୍ୱାର ସମ୍ମୁଖରେ ଅରୁଣ ସ୍ତମ୍ଭ ଓ ବେଢା ମଧ୍ୟରେ ସୂର୍ଯ୍ୟନାରାୟଣ ମନ୍ଦିର ଅଛି । ତିନି ରଥଙ୍କୁ ଅତ୍ୟନ୍ତ ସୁନ୍ଦର ଭାବରେ ସପ୍ତ ରଙ୍ଗ କନା ଦ୍ୱାରା ସଜ୍ଜିତ କରାଯାଇଥାଏ । ଯାହା ସୂର୍ଯ୍ୟ କିରଣଙ୍କ ସପ୍ତବର୍ଣ୍ଣ ସହ ସଂପୃକ୍ତ । ସୂର୍ଯ୍ୟଙ୍କ ଉତ୍ତରାୟଣ ଓ ଦକ୍ଷିଣାୟଣ ଗତି ଅନୁସାରେ ରଥତ୍ରୟ ପରିଚାଳିତ ହୋଇଥାଏ । ସୌରମଣ୍ଡଳରେ ନବଗ୍ରହ ଅନୁସାରେ ଜଗନ୍ନାଥଙ୍କର ନବଦିନ ଯାତ୍ରା ଅନୁଷ୍ଠିତ ହୋଇଥାଏ । ରତ୍ନ ସିଂହାସନରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଭକ୍ତଗଣ ଦ୍ୱାପରର ଶ୍ରୀକୃଷ୍ଣ, ବଳରାମ ଓ ସୁଭଦ୍ରା ମନେ କରିଥାନ୍ତି । ଏହି ତ୍ରିମୂର୍ତ୍ତିଙ୍କୁ ପୃଥିବୀରେ ଦେଖାଯାଉଥିବା ତିନୋଟି ରଂଗର ଲୋକ ସହ ଶ୍ୱେତ, ପୀତ ଓ କୃଷ୍ଣ ରୂପେ ଧରାଯାଇଛି । ପୁନଶ୍ଚ ତିନୋଟି ମୌଳିକ ଗୁଣ ଯଥା ସତ୍ୱ, ତମ ଓ ରଜ ଗୁଣ ସହିତ ତୁଳନା କରାଯାଇଛି । କବି ସାରଳା ଦାସଙ୍କ ମୂଷଳ ପର୍ବରେ କୁହାଯାଇଛି'ଶ୍ୱେତ - ପୀତ - କୃଷ୍ଣ ବର୍ଣ୍ଣ ତିନୋଟି ମୂରତି / ସତ୍ତ୍ୱ, ରଜ, ତମ ଗୁଣ ହୋଇ ବିରାଜନ୍ତି । ଏପରି ତିନି ମୂର୍ତ୍ତି ଭିତରେ ସୃଷ୍ଟି କର୍ତ୍ତା ବ୍ରହ୍ମା, ପାଳନ କର୍ତ୍ତା ଓ ପ୍ରଳୟ କର୍ତ୍ତା ମହେଶ୍ୱରଙ୍କୁ ଲକ୍ଷ୍ୟ କରାଯାଏ । ତେଣୁ ବିଶ୍ୱର ବହୁ ଚର୍ଚ୍ଚିତ ଶ୍ରୀଜଗନ୍ନାଥ ଏକ ରହସ୍ୟମୟ ଦେବତା । ତାଙ୍କର ରହସ୍ୟ ଭେଦ କରିବା ସହଜସାଧ୍ୟ ନୁହେଁ । ତାଙ୍କ ପାଖରେ ସମସ୍ତ ଭକ୍ତ ସମାନ, ଅତି ନିଜର, ଅତି ଆପଣାର । ସେ ଶିଖ, ମୁସଲମାନ, ଖ୍ରୀଷ୍ଟିୟାନ ଓ ହିନ୍ଦୁର ବଡ ଠାକୁର । ସେ ଭକ୍ତ ଦାସିଆର, ଗଜପତି ରାଜାଙ୍କର, ସାଲବେଗର, ହରିଦାସଙ୍କର, ବଳରାମ ଦାସଙ୍କର ଓଗେର ସମସ୍ତଙ୍କୁ ବାହୁ ମେଲେଇ କୋଳେଇ ନିଅନ୍ତି। ତେଣୁ ଜଗନ୍ନାଥ ଧର୍ମ ଓ ସଂସ୍କୃତି କହେ - ପୃଥିବୀରେ ଗୋଟିଏ ଜାତି, ତାହା ହେଉଛି ମଣିଷ ଜାତି। ଏହି ମହାମନ୍ତ୍ର ଧ୍ୱନି ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ଗଢି ଉଠିଛି । ଜଗନ୍ନାଥ ଦେଶ କେବଳ ଓଡିଶାକୁ ନୁହେଁ ସମଗ୍ର ବିଶ୍ୱବ୍ୟାପକ ଏହା ଅସ୍ୱୀକାର କରିହୁଏ ନାହିଁ । ଗୋଟିଏ ବଳିଷ୍ଠ ବିଶ୍ୱାସ ସମଗ୍ର ଜଗତର ନାଥ ସେ, ଯେଉଁଠି ହେଲେ ମଧ୍ୟ ତାଙ୍କର ଘୋଷଯାତ୍ରା ଆବାହନ କାଳରୁ ଚାଲି ଆସିଛି ଓ ଚାଲୁଥିବ । ନୟନ ପଲକେ ଥରେ ତାଙ୍କୁ ରତ୍ନ ସିଂହାସନ ଉପରେ, ହେଉ ଅବା ରଥାରୂଢ ଭାବରେ ଦେଖି ଦେଲେ ମହାମୁକ୍ତି (ନିର୍ବାଣ) ମିଳିବାର ଦୃଢ ବିଶ୍ୱାସ ଅପ୍ରତିହତ ରହେ । ତେଣୁ ବିଶ୍ୱ ପ୍ରସିଦ୍ଧ ଜଗନ୍ନାଥଙ୍କ ଏହି ରଥଯାତ୍ରା ସମଗ୍ର ବିଶ୍ୱରେ ବିଭିନ୍ନ ସ୍ଥାନରେ ପାଳନ କରାଯାଇ ଏହି ମହାମନ୍ତ୍ରକୁ ଉଦ୍ ଘୋଷଣା କରେ....ସେ ଭକ୍ତର ଭଗବାନ...!!!

+ ଓଡିଆ ଭାଷା ଓ ସାହିତ୍ୟ ବିଭାଗୀୟ ମୁଖ୍ୟ
ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ - ୪
ମୋ: ୯୦୪୦୧୫୧୪୭୫

## ହୃଦଘାତରେ ସମାଜସେବୀଙ୍କ ପରଲୋକ

ବାଲିଆପାଳ,୧୧/୦୭ (ନି.ପ୍ର): ବାଲିଆପାଳ ବ୍ଲକ ମଧୁପୁରା ଗ୍ରାମର ଜଣାଶୁଣା ସମାଜସେବୀ ସୁବୋଧ କୁମାର ଜେନାଙ୍କ ଶନିବାର ହୃଦଘାତରେ ପରଲୋକ ହୋଇଯାଇଛି । ସେ ଆନ୍ଧ୍ର ପ୍ରଦେଶର ବିଜୟୱାର୍ଡାଠାରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟକରୁଥିଲେ । ପରେ ନିଜ ଗ୍ରାମକୁ ଫେରି ସାମାଜିକ କାମରେ ଜଡିତ ଥିଲେ । ତେବେ ହଠାତ୍ ଅସୁସ୍ଥ ହୋଇପଡିବାରୁ ପରିବାର ଲୋକ ତାଙ୍କୁ ବାଲେଶ୍ୱର ସଦର ହସପିଟାଲକୁ ନେଇଯାଇଥିଲେ । ସେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ହୃଦଘାତ ହୋଇଥିଲା ।ମୃତ୍ୟୁ ବେଳକୁ ତାଙ୍କୁ ୬୧ ବର୍ଷ ବୟସ ହୋଇଥିଲା । ସୁବୋଧଙ୍କ ମୃତ୍ୟୁରେ କଥାକାର ନିବାରଣ ଜେନା ଗଭୀର ଶୋକ ପ୍ରକାଶ କରିଛନ୍ତି । ତାଙ୍କର ୩ ଝିଅ ଏକ ମାତ୍ର ପୁଅ ରହିଅଛି । ତାଙ୍କ ମୃତ୍ୟୁରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

## ଓଲଟିଲା ଟମାଟୋ ବୋଝେଇ ଟ୍ରକ୍ : ବର୍ତ୍ତିଲେ ବାଇକ୍ ଆରୋହୀ

ଜଳେଶ୍ୱର,୧୧/୦୭ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ଦେଇ ଯାଇଥିବା ଜାତୀୟ ରାଜପଥ ୬୦ର ଜମାଲପୁର ବାଇପାସ୍ ନିକଟରେ ବାଲେଶ୍ୱର ଆଡୁ କଲିକତା ଅଭିମୁଖେ ଯାଉଥିବା ଏକ ଟମାଟେ ବୋଝେଇ ଟ୍ରକ୍ ଏକ ବାଇକ୍‌କୁ ପଛପଟୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଫଳରେ ଓଡି୦୧ଇ୭୫୯୮ ବାଇକ୍‌ଟି ଭାଂଗିଯିବା ସହିତ ସେଥିରେ ବସିଥିବା ରଂଜିତ ଦତ୍ତ (୨୨), ମାଳତୀ ସେନାପତି(୪୨) ଆହତ ହୋଇ ଜିକେଭଞ୍ଜ ହସ୍‌ପିଟାଲରେ ଚିକିତ୍ସାଧିନ ରହିଛନ୍ତି । ଘଟଣାସ୍ଥଳରେ ଡବ୍ଲୁବି୨୯ବି୬୭୮୮ ଟମାଟୋ ବୋଝେଇ ଟ୍ରକ୍‌ଟି ଓଲଟି ପଡିଥିଲେ ମଧ୍ୟ ଡ୍ରାଇଭର ଓ ହେଲପର ଅଳ୍ପକେ ରକ୍ଷା ପାଇଯାଇଛନ୍ତି । ଘଟଣାସ୍ଥଳରେ ଜଳେଶ୍ୱର ପୁଲିସ୍ ପହଞ୍ଚି ତଦନ୍ତ କରୁଥିବା ଜଣାଯାଇଛି ।

## ବଡମଇଁଷାଡି ଗ୍ରାମରେ ନୂଆ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ



ବାଲିଆପାଳ,୧୧/୦୭ (ନି.ପ୍ର): ବାଲିଆପାଳ ବ୍ଲକ ଅସ୍ତି ପଂଚାୟତ ବଡମଇଁଷାଡି ଗ୍ରାମରେ ନୂଆ କରି ନିର୍ମାଣ ହୋଇଥିବା ଜଗନ୍ନାଥ ମନ୍ଦିରର ଆଜି ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି । ପୂର୍ବରୁ ୩ ଠାକୁର ସ୍ୱର୍ଗତ ସୁଧାଂଶୁ ପଟ୍ଟନାୟକଙ୍କ ଘରେ ବିଗତ ୩୦ ବର୍ଷ ଧରି ପୂଜା ପାଇଆସୁଥିଲେ । ତେବେ ତାଙ୍କର ପୁତ୍ର କନ୍ୟାମାନେ ଠାକୁର ମାନଙ୍କୁ ସାର୍ବଜନୀନ କରିବା ପାଇଁ ଗ୍ରାମରେ ମନ୍ଦିର ପ୍ରତିଷ୍ଠା କରିଛନ୍ତି । ସୁଧାଂଶୁଙ୍କ ପରିବାର ଅଧ୍ୟାପିକ ଚିତ୍ରାଙ୍ଗଦା ପଟ୍ଟନାୟକ, ପୁତ୍ର ଅମିତ ପଟ୍ଟନାୟକ ଓ ବଡମଇଁଷାଡି ଗ୍ରାମର ପ୍ରଫୁଲ୍ଲ କୁମାର ପାତ୍ର, ତୀର୍ଥ ଚରଣ ମହାନ୍ତି,ଅଧ୍ୟାପକ ଅଜିତ ଭୂୟାଁ,ହିମାଂଶୁ ଭୂୟାଁ, ବିପିନ ମହାନ୍ତି, ପ୍ରିୟବ୍ରତ ମହାନ୍ତି, ଦେବେନ୍ଦ୍ର ଭୂୟାଁ, ମୃତ୍ୟୁଞ୍ଜୟ ଭୂୟାଁ ପ୍ରମୁଖ ପ୍ରତିଷ୍ଠା ଉତ୍ସବକୁ ପରିଚାଳନା କରିଥିଲେ ।

## ୭୨ତମ ବନ ମହୋତ୍ସବ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



ବାରିପଦା,୧୧/୦୭ (ନି.ପ୍ର): ରିଖ ଦିନ ସ୍ଥାନୀୟ ଶ୍ରୀରାମଚନ୍ଦ୍ର ପାଠାଗାର ( ଜୁବୁଲି ଲାଇବ୍ରେରୀ) ପରିସରରେ ୭୨ତମ ବନ ମହୋତ୍ସବ ଉପଲକ୍ଷେ ଓଡ଼ିଶା ମୋ ପରିବାର ଓ ଶ୍ରୀରାମଚନ୍ଦ୍ର ପାଠାଗାର ତରଫରୁ ମିଳିତଭାବେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ମୋ ପରିବାରର ରାଜ୍ୟ ଉପଦେଷ୍ଟା ତଥା ମୟୂରଭଞ୍ଜ ଜିଲ୍ଲା ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଶ୍ରୀଯୁକ୍ତ ବିବେକାନନ୍ଦ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ଓଡ଼ିଶା ମୋ ପରିବାର ଜିଲ୍ଲା ସଂଯୋଜକ ଦେବାଶିଷ ମହାନ୍ତିଙ୍କ ସଂଯୋଜନାରେ ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀରାମଚନ୍ଦ୍ର ପାଠାଗାରର ବରିଷ୍ଠ କାର୍ଯ୍ୟକର୍ତ୍ତା ଶ୍ରୀ ସତ୍ୟ ମହାନ୍ତି, ଜୟନ୍ତ ପାଲ, ରତନମୟ ବେହେରା, ଅରୁଣ କୁମାର ଘୋଷ, ରାଜେନ୍ଦ୍ର ମହାପାତ୍ର, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମାରାଣ୍ଡି, ବିଜୁ ଜନତା ଦଳ ଜିଲ୍ଲା ସଭାନେତ୍ରୀ ଦିପ୍ତୀଲତା ମିଶ୍ର, ବାରିପଦା ପୌରପାଳିକା ପୂର୍ବତନ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ପ୍ରଭାତ ନାୟକ, ବରିଷ୍ଠ ପୂର୍ବତନ କାଉନସିଲର ପ୍ରଭାତ ମହାନ୍ତି, ଅନନ୍ତ ଦାସ, ସନ୍ତୋଷ ପଟ୍ଟନାୟକ, ଦେବାଶିଷ ଦାସ, ଜିଲ୍ଲା ବିଜେଡି ଯୁବ ସଭାପତି ଅରୁଣ ବରାଡ, ଛାତ୍ର ସଭାପତି ସୁନୀଲ ନାୟକ, ରାଜ୍ୟ ଖୋଦି ବୋର୍ଡ ସଭ୍ୟ ସରୋଜ ବୋଷ, ପାର୍ଥ ସାରଥି ସ୍ୱାଇଁ, ତିମିରକାନ୍ତି ଦାସ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ରାଜୀବ ଜେନା, ଅନନ୍ତ ସ୍ୱାଇଁ, ଦୀପକ ମଡୁଆଲ, ସରୋଜ ଶତପଥୀ, ବିକାଶ ବାରିକ, ସମରଜିତ ଗୋସ୍ୱାମୀ, ଛବି ପରିଡା, ରୂପମ ସ୍ୱାଇଁ, କିଶୋର ସାହୁ, ବିନୟ ଅଗ୍ରୱାଲ, ସୁରଭି ପରିଡା, ବିଶ୍ୱରଂଜନ ଦାସ, ଜଗନ୍ନାଥ ମହାପାତ୍ର ପ୍ରମୁଖ ଯୋଗ ଦେଇ ବୃକ୍ଷରୋପଣ କରିବା ସହିତ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ।

## ଅର୍ଣ୍ଣବ ଚେରିଟେବୁଲ ଫାଉଣ୍ଡେସନ ପକ୍ଷରୁ ମିଶନ ରାସନ

ଜଳେଶ୍ୱର ୧୧/୭(ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନଛିମପୁର ପଂଚାୟତରେ ଥିବା ଅର୍ଣ୍ଣବ ଚେରିଟେବୁଲ ଫାଉଣ୍ଡେସନ ବ୍ଲକର ବିଭିନ୍ନ ସ୍ଥାନରେ ସାମାଜିକ କାର୍ଯ୍ୟ କରୁଛନ୍ତି । କରୋନା କଟକଣା ସମୟରେ ଅସହାୟ ମାନଙ୍କୁ ମାଗଣ ରନ୍ଧା ଖାଦ୍ୟ ବଣ୍ଟନ ଏବଂ ରାସନ୍ କିଟ ବଣ୍ଟନ କାର୍ଯ୍ୟ ଜାରି ରଖିଛନ୍ତି । ଫଳରେ ସାଧାରଣରେ ପ୍ରଶଂସନୀୟ ହୋଇଛନ୍ତି । ଆଜି ରାଇବଣିଆ, ନଛିମପୁର, ଗୋବରଘଟ୍ଟା, ଜଳେଶ୍ୱର ସହରାଞ୍ଚଳରେ ଶୁଖିଲା ଖାଦ୍ୟ ଓ ରାସନ କିଟ ବଣ୍ଟା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଭାପତି ଦୀପ୍ତିରାଣୀ ନନ୍ଦୀ, ସଂପାଦିକ ବର୍ଣ୍ଣି ଠକରଙ୍କ ସହିତ ବହୁ ସଭ୍ୟ/ସଭ୍ୟା ଯୋଗ ଦେଇଥିଲେ ।

## ଦେଶରେ ଗତ ୨୪ଘଂଟା ମଧ୍ୟରେ ୧୮,୪୩,୫୦୦ ନମୂନାର ପରୀକ୍ଷଣ


ନୂଆଦିଲ୍ଲୀ,୧୧/୦୭ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ କୋଭିଡ ପାଇଁ ୧୮,୪୩,୫୦୦ ନମୂନାର ପରୀକ୍ଷଣ କରା ଯାଇଛି । ଏହା ସହିତ ଦେଶରେ ବର୍ତ୍ତମାନ ସୁଦ୍ଧା ୪୩,୦୮,୮୫,୪୭୦ ନମୂନାର ପରୀକ୍ଷଣ କରା ଯାଇଥିବା ଆଇସିଏମଆର ପକ୍ଷରୁ ସୂଚନା ଦିଆ ଯାଇଛି ।

## ବାଲିଆପାଳ କଳାକାର ସଂଘ ସହାୟତା ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ପ୍ରସ୍ତୁତ

ବାଲିଆପାଳ,୧୧/୦୭ (ନି.ପ୍ର): ଆଜି ଅପରାହ୍ନ ୪ ଘଟିକା ସମୟରେ କଳା କାର ସଂଘର ସଭାପତି ନାଟ୍ୟକାର ଝାଡେଶ୍ୱର ପ୍ରଧାନଙ୍କ ଅଧକ୍ଷତାରେ ସିମୁଳିଆ ମହତ୍ମା ମଠ ପରିସରରେ ସଏକ ବୈଠକ ବସିଥିଲା । ବୈଠକରେ ବାଲିଆପାଳର କଳକାର ମାନେ ରାଜ୍ୟ କଳାକାର ସଂଘର ଆହ୍ୱାନରେ ଯେକୌଣସି ମହତ୍ୱରେ ସହାୟତା ପାଇଁ ରାଜରାସ୍ତାକୁ ଉହ୍ଲାଇବେ ବୋଲି ନିଷ୍ପତି ନିଆଯାଇଥିଲା । ଆଜି କଳକାରମାନେ ଅସସହାୟ ଭାବରେ ଜୀବିକା ନିର୍ଭାୟ କରୁଛନ୍ତି । ରାସ୍ତାରେ ଚା ବିକ୍ରୟ କରିବାଠାରୁ ଆରମ୍ଭ କରି ମୁଢିଭାଜିବା ,ପରିବା ବିକିବା,ଗ୍ୟାରେଜରେ କାମ କରିବାକୁ ସେମାନେ ବାଧ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ସବୁ ବର୍ଗର କଳକାର ମାନଙ୍କୁ ସହାୟତା ଯୋଗାଇ ଦେବାକୁ ସରକାରଙ୍କ ପାଖରେ ସଂଘ ମାଧମରେ ନିବେଦନ କରିଛନ୍ତି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆହ୍ୱାକ ପ୍ରଫୁଲ କୁମାର ବାଗ,ସଂପାଦକ ଗିରିଧାରୀ ଭୂୟାଁ,ବିଜୟ କୁମାର ଜେନା,ଅର୍ଜୁନ ଚରଣ ଦାସ,ପୂର୍ଣ୍ଣଚନ୍ଦ୍ର ଦାସ,ରାମକୃଷ୍ଣ ଦାସ ଅଧିକାରୀ, ଦୈତାରୀ ଲେଙ୍କା,ଲକ୍ଷ୍ମୀଧର ଜେନା, ନିତ୍ୟାନନ୍ଦ ଜେନା, ସଦାଶିବ ଜେନା,ଉଦୟନାଥ କର,ପ୍ରବୀର ସାହୁ,ନବକୃଷ୍ଣ ପ୍ରମାଣିକ, ରାଧାରମଣ ରାଉତ, ପ୍ରକାଶ ଚନ୍ଦ୍ର ପ୍ରଧାନ, ରମେଶ ଚନ୍ଦ୍ର ପ୍ରଧାନ ଏବଂ ସୁଧାଂଶୁ ଶେଖର ଗିରି ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶେଷରେ ଲକ୍ଷ୍ମୀଧର ଜେନା ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ସାହିତ୍ୟ ଏକାଡେମୀ ଦ୍ୱାରା ମୈଥିଳୀ ଭାଷାରେ 'ଯୁବ ସାହିତ୍ୟ' ଆଭାସୀ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୧/୦୭(ନି.ପ୍ର): ଗତ ୯ତାରିଖରେ ସାହିତ୍ୟ ଏକାଡ଼େମୀ ୱେବଲାଇନ୍ ଶୃଙ୍ଖଳା ଅନ୍ତର୍ଗତ 'ଯୁବ ସାହିତ୍ୟ' କାର୍ଯ୍ୟକ୍ରମର ଆୟୋଜନ ଫେସ୍‌ବୁକ୍ ଓ ୟୁଟ୍ୟୁବ୍‌ରେ ମାଧ୍ୟମରେ ଲାଇଭ୍ କରାଯାଇଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଆଜିର ଯୁବକମାନଙ୍କର ରଚନାକୁ ଆଖି ଆଗକୁ ଆଣିବା ଓ ତା' ଉପରେ ବିଚାର ବିମର୍ଶ କରିବା । ଏକାଡ଼େମୀ ପକ୍ଷରୁ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରସାହିତ୍ୟ ଏକାଡ଼େମୀ, ନୂଆଦିଲ୍ଲୀର ଉପସଚିବ ଏନ୍. ସୁରେଶ ବାବୁ ଉପସ୍ଥିତି ଥିଲେ ଓ ସେ ସ୍ୱାମୀ ବିବେକାନନ୍ଦଙ୍କୁ ମନେପକାଇ ଯୁବକମାନଙ୍କୁ ସେ କହିଥିବା ମାର୍ଗରେ ଚାଲିବାକୁ ପରାମର୍ଶ ଦେଇଥିଲେ ଓ ନିଜର ମାତୃଭାଷା ପ୍ରତି ସର୍ବଦା ସେବା ଭାବନା ରଖି କାର୍ଯ୍ୟ କରିବାକୁ କହିଥିଲେ । କାର୍ଯ୍ୟକ୍ରମକୁ ବିଧି-ପୂର୍ବକ ଶୁଭାରମ୍ଭ କରିବା ପରେ ମୈଥିଳୀ ପରାମର୍ଶ ମଣ୍ଡଳର ସଂଯୋଜକ ଶ୍ରୀ ଅଶୋକ କୁମାର ଝା ଅବିଚଲଜୀ




ନିଜର ପରିଚୟାତ୍ମକ ବକ୍ତୃତା ରଖିଲେ ତଥା ଯୁବକମାନଙ୍କୁ ସାହିତ୍ୟ ସହିତ ଯେତେ ସମ୍ଭବ ଜଡ଼ିତ ରହିବାକୁ ଆହ୍ୱାନ କଲେ । ମୈଥିଳୀ ଭାଷା ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ରଚନାକାର ରୂପେ ଟାଟାଷ୍ଟିଲ୍ ଅନୁଗୁଳରେ ବିଦ୍ୟୁତ୍ ଅଭିଜ୍ଞକ ରୂପେ କାର୍ଯ୍ୟ କରୁଥିବା ଯୁବକ ସାହିତ୍ୟିକ ପଙ୍କଜ କୁମାର ଦରଜୀର ଦର୍ଜିକ ଦୋକାନ ସଁ, ନହିଁ ଜାନି ତୋହର୍ କପାର୍ ମେଁ କି ଲିଖଲ୍ ଛୋକ୍, ଆଇଡ଼େଣ୍ଟିଟି କ୍ରାଇସିସ୍ ଓ ଖୁରଚ୍ଛାହୀ କାଟେତ୍ ମୌନ୍ ସହିତ ଚାରୋଟି ନୂଆ ଓ ପ୍ରଗତିଶୀଳ କବିତାଗୁଡ଼ିକୁ ପାଠ କରିଥିଲେ । ସେପଟେ ଅନ୍ୟ ରଚନାକାରଙ୍କ ମଧ୍ୟରେ ଯୁବ ସାହିତ୍ୟିକ ଅମିତ ମିଶ୍ର, ପ୍ରିୟରଞ୍ଜନ ଝା, ରାଜୀବ ରଞ୍ଜନ ଝା, ରୂପେଶ ତ୍ୟୌଁଥ, ସୋନୁ କୁମାର ଝା ମଧ ତାଙ୍କର କବିତାପାଠ କରିଥିଲେ । ଏପଟେ ଅମିତ ମିଶ୍ର ନିଜର କବିତା ଗରିବୀ ରେଖା, ଅପରିମେୟ ସଂଖ୍ୟା, ଅଘୋଡ଼ା ଓ ରାମ ପାଠ କଲେ ଓ କବି ପ୍ରିୟ ରଞ୍ଜନ ଝା ଅନଚିହ୍ନାର ଖିସ୍‌ସା, ବେସମ୍ଭାର ଯୁଦ୍ଧ, ନବ ସୃଜନକ ସ୍ୱର ଓ ଅପନ୍ ଅଧିକାରକ ଲୈଲ ପାଠକଲେ । ରାଜୀବ ରଞ୍ଜନ ଝା ନିଜର କବିତା କଠପୁତଡୀ, ଅଛୁତ୍ ଔର ଦିମାଗକ ପଟ୍ଟୀ ପାଠ କରିଥିଲେ । ଯୁବ କଥାକାର ସନୁ କୁମାର ଝା ନିଜର କଳ୍ପ 'ଲକବା' ପାଠ କରିଥିଲେ । ଯୁବକବି ରୂପେଶ ତ୍ୟୁଥଁଙ୍କର କବିତା 'ୟେ ଜିନ୍ଦଗୀ ଅନ୍‌ମୋଲ, ସମର୍ଥ, ହେ କାବିଲ୍- କହବୈକା ଔର ଓ ପରଦେଶକ ପଟରୀ' ସହିତ କାର୍ଯ୍ୟକ୍ରମର ଅନ୍ତିମ ପ୍ରସ୍ତୁତି ହୋଇଥିଲା । ଉପ ସଂହାର ବକ୍ତବ୍ୟରେ ଡା. ଅଶୋକ (ଅବିଚଲ୍) ନିଜର ବକ୍ତୃତା ରଖି କହିଲେ କି ମୈଥିଳୀ ଭାଷାର ଭବିଷ୍ୟତ ଆଜି ଯେଉଁ ଯୁବକଙ୍କ ହାତରେ ଅଛି ତାହା ଆଶ୍ୱସ୍ତି ଦେଉଛି କି ନିଶ୍ଚୟ ଏହା ବିଶ୍ୱ ସ୍ତରରେ ନିଜକୁ ପ୍ରତିପାଦିତ କରିବାରେ ସମର୍ଥ ହେବ । ଶେଷରେ କରୋନା ଉପରେ ସରକାରଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶଗୁଡ଼ିକୁ ପାଳନ କରିବା ଦିଗରେ ଆହ୍ୱାନ ଦେଇ ଡା. ଏନ୍ ସୁରେଶ୍ ବାବୁ କାର୍ଯ୍ୟକ୍ରମର ସମାପନର ଔପଚାରିକ ଘୋଷଣା କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଜଳଜୀବନ ମିଶନ ଅନ୍ତର୍ଗତ ....

ଜଳ ଶକ୍ତି ମନ୍ତ୍ରୀ ଶ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଓଡ଼ିଶାକୁ ଏହି ଚାରିଗୁଣ ଅଧିକ ଆର୍ଥିକ ଅନୁଦାନ ଯୋଗାଇ ଦେବା ନିମନ୍ତେ ଘୋଷଣା କରିବା ସହିତ ମାର୍ଚ୍ଚ ୨୦୨୪ ସୁଦ୍ଧା ରାଜ୍ୟର ସମସ୍ତ ଗ୍ରାମୀଣ ପରିବାରକୁ ଟ୍ୟାପ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି । ୨୦୧୯ରେ ଆରମ୍ଭ ହୋଇଥିଲା ଜଳ ଜୀବନ ମିଶନ । ସେତେବେଳେ ଦେଶରେ ଥିବା ମୋଟ୍ ୧୮.୯୩ କୋଟି ଗ୍ରାମୀଣ ପରିବାର ମଧ୍ୟରୁ ମାତ୍ର ୧୭% ଅର୍ଥାତ୍ ୩.୨୩ କୋଟି ପରିବାର ନିକଟରେ ଟ୍ୟାପ ଜଳ ଯୋଗାଣ ସୁବିଧା ରହିଥିଲା । ଗତ ୨୨ ମାସ ମଧ୍ୟରେ, କୋଭିଡ-୧୯ ମହାମାରୀର ପ୍ରକୋପଜନିତ ଲକଡାଉନ ଓ ବାଧା ସତ୍ତ୍ୱେ ଜଳଜୀବନ ମିଶନକୁ ଦ୍ରୁତଗତିରେ କାର୍ଯ୍ୟକାରୀ କରାଯାଇ ୪.୫ କୋଟି ପରିବାରକୁ ଟ୍ୟାପ ପାଣି ସଂଯୋଗ ଯୋଗାଇ ଦିଆଯାଇଛି । ଫଳରେ ମୋଟ ଜଳଯୋଗାଣ ପ୍ରସାର ୨୩.୫%କୁ ବୃଦ୍ଧି ପାଇଛି । ବର୍ତ୍ତମାନ ସାରା ଦେଶରେ ୭.୬୯ କୋଟି ପରିବାର ଅର୍ଥାତ୍ ୪୦.୬% ଗ୍ରାମୀଣ ପରିବାର ନିକଟରେ ଟ୍ୟାପ ଜଳ ସଂଯୋଗ ରହିଛି । ଗୋଆ, ତେଲଙ୍ଗାନା, ଆଣ୍ଡାମାନ ଓ ନିକୋବର ଦ୍ୱୀପସମୂହ ଏବଂ ପୁଡୁଚେରୀ ଶତପ୍ରତିଶତ ସୁନିଶ୍ଚିତ ଟ୍ୟାପ ଜଳ ଯୋଗାଣ ଲକ୍ଷ୍ୟ ହାସଲ କରିପାରିଛନ୍ତି ଏବଂ 'ହର ଘର ଜଲ' ଅଂଚଳ ହୋଇପାରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ 'ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ' ସଂକଳ୍ପ ଏବଂ 'କେହି ଜଣେ ହେଲେ ପଛରେ ପଡ଼ିବା ଅନୁଚିତ୍' ଲକ୍ଷ୍ୟ ନେଇ ପ୍ରତ୍ୟେକ ପରିବାରକୁ ଟ୍ୟାପ ଜଳ ସଂଯୋଗ ଯୋଗାଇ ଦିଆଯାଉଛି । ବର୍ତ୍ତମାନ ୬୯ଟି ଜିଲ୍ଲାର ୯୯ ହଜାରରୁ ଉର୍ଦ୍ଧ୍ୱ ଗ୍ରାମରେ ସବୁ ପରିବାର ନିକଟରେ ଟ୍ୟାପ ପାଣି ସଂଯୋଗ ଯୋଗାଇ ଦିଆଯାଇଛି । ଓଡ଼ିଶାର ସ୍ଥିତିକୁ ଦେଖିଲେ, ଅଗଷ୍ଟ ୧୫, ୨୦୧୯ରେ ଜଳ ଜୀବନ ମିଶନ ଆରମ୍ଭ ହେବା ସମୟରେ, ରାଜ୍ୟର ମାତ୍ର ୩.୧୦ ଲକ୍ଷ (୩.୬୩%) ପରିବାର ନିକଟରେ ଟ୍ୟାପ ଜଳ ସଂଯୋଗ ରହିଥିଲା । ସେବେଠାରୁ ବର୍ତ୍ତମାନସୁଦ୍ଧା ୨୨.୮୪ ଲକ୍ଷ ପରିବାରକୁ ଟ୍ୟାପ ପାଣି ସଂଯୋଗ ଯୋଗାଇ ଦିଆଯାଇଛି । ଫଳରେ ଓଡ଼ିଶାର ମୋଟ ୮୫.୬୬ ଲକ୍ଷ ପରିବାର ମଧ୍ୟରୁ ବର୍ତ୍ତମାନ ୨୫.୯୫ ଲକ୍ଷ ପରିବାର (୩୦.୩%) ପରିବାର ନିକଟରେ ଟ୍ୟାପ ପାଣି ସଂଯୋଗ ରହିଛି । ୨୦୨୧-୨୨ରେ, ରାଜ୍ୟ ୨୧.୩୧ ଲକ୍ଷ ପରିବାରକୁ ଟ୍ୟାପ ପାଣି ସଂଯୋଗ ଦେବାକୁ ଲକ୍ଷ୍ୟ ରଖିଥିବା ସମୟରେ ୨୦୨୨-୨୩ରେ ୨୨.୫୩ ଲକ୍ଷ ଏବଂ ୨୦୨୩-୨୪ରେ ୧୮.୮୭ ଲକ୍ଷ ପରିବାରକୁ ଟ୍ୟାପ ପାଣି ସଂଯୋଗ ଯୋଗାଇ ଦେବା ନିମନ୍ତେ ଲକ୍ଷ୍ୟ ନିର୍ଦ୍ଧାରଣ କରିଛି । ଯାହାଫଳରେ ରାଜ୍ୟରେ ସମ୍ପୂର୍ଣ୍ଣ ଜଳଯୋଗାଣ ଲକ୍ଷ୍ୟ ହାସଲ କରାଯାଇପାରିବ । ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ନିଜ ପତ୍ରରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ଶ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଦର୍ଶାଇଛନ୍ତି ଯେ ରାଜ୍ୟର ସବୁ ଜିଲ୍ଲାରେ ଟ୍ୟାପ ସଂଯୋଗ କାମ ତୁରନ୍ତ ଆରମ୍ଭ କରାଯିବା ଉଚିତ୍ । ଯାହାଫଳରେ ମାର୍ଚ୍ଚ ୨୦୨୪ ସୁଦ୍ଧା ରାଜ୍ୟର ପ୍ରତ୍ୟେକ ପରିବାର ନିକଟରେ ଟ୍ୟାପ ପାଣି ସଂଯୋଗ ପହଂଚିପାରିବ । ୨୦୨୧-୨୨ ଆର୍ଥିକ ବର୍ଷରେ ବାର୍ଷିକ ଯୋଜନା କାର୍ଯ୍ୟକାରୀ କରିବା ଲାଗି ଓଡ଼ିଶାର ପଦକ୍ଷେପରେ ସହାୟତା କରିବା ଲାଗି କେନ୍ଦ୍ରୀୟ ଆବଂଟନକୁ ଚାରି ଗୁଣା ବୃଦ୍ଧି କରାଯାଇଛି । ବର୍ତ୍ତମାନ ରାଜ୍ୟ ଉପରେ ୧୦.୯୩ କୋଟି ଟଙ୍କା ଖର୍ଚ୍ଚ ନହୋଇ ପଡ଼ିରହିଛି ଏବଂ ରାଜ୍ୟର ଭାଗ ୩,୨୫୩ କୋଟି ଟଙ୍କାକୁ ମିଶାଇଲେ ୨୦୨୧-୨୨ରେ ରାଜ୍ୟ ନିକଟରେ ଜଳ ଯୋଗାଣ କାର୍ଯ୍ୟ ନିମନ୍ତେ ୬,୫୯୬ କୋଟି ଟଙ୍କାର ପାଣ୍ଠି ଉପଲବ୍ଧ ରହିଛି । ତେଣୁ ପାଣ୍ଠି ଉପଲବ୍ଧତାରେ କୌଣସି ଅଭାବ ନାହିଁ । ଗ୍ରାମାଂଚଳରେ ଜଳ ଯୋଗାଣ ପରିଚାଳନା ଏବଂ ସ୍ୱଚ୍ଛତାରେ ସୁଧାର ଆଣିବା ନିମନ୍ତେ ପଂଚାୟତିରାଜ ସଂସ୍ଥାଗୁଡ଼ିକୁ ସକ୍ଷମ କରିବା ସକାଶେ ଗ୍ରାମୀଣ ସ୍ଥାନୀୟ ସଂସ୍ଥା/ପଂଚାୟତିରାଜ ଅନୁଷ୍ଠାନକୁ ପାନୀୟ ଜଳ ଓ ସ୍ୱଚ୍ଛତା ପାଇଁ ପଂଚଦଶ ଅର୍ଥ ଆୟୋଗ ସଂଯୁକ୍ତ ଅନୁଦାନ ଆକାରରେ ଓଡ଼ିଶାକୁ ୧,୦୦୨ କୋଟି ଟଙ୍କା ଆବଂଟନ କରାଯାଇଥିଲା । ଏହି ଉତ୍ସରୁ ୨୦୨୫-୨୬ ପର୍ଯ୍ୟନ୍ତ ୫,୨୮୦ କୋଟି ଟଙ୍କାର ଏକ ସୁନିଶ୍ଚିତ ଅନୁଦାନ ରହିଛି । ଓଡ଼ିଶାର ଗ୍ରାମାଂଚଳରେ ଏହି ବିପୁଳ ପରିମାଣର ନିବେଶ, ଆର୍ଥିକ କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବ ଏବଂ ଗ୍ରାମୀଣ ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରିବ । ଏହା ମଧ୍ୟ ଗ୍ରାମାଂଚଳରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ବିଦ୍ୟାଳୟ, ଆଶ୍ରମ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ପିଲାମାନଙ୍କୁ ସ୍ୱଚ୍ଛ ଟ୍ୟାପ ଜଳ ସଂଯୋଗ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ୧୦୦ ଦିନିଆ ଅଭିଯାନ ଘୋଷଣା କରିଥିଲେ । ଏହାକୁ ଅକ୍ଟୋବର ୨, ୨୦୨୦ରେ ଆରମ୍ଭ କରାଯାଇଥିଲା । ଓଡ଼ିଶାରେ ୨୫,୮୨୦ ବିଦ୍ୟାଳୟ (୪୭%) ଏବଂ ୧୧,୯୧୩ ଅଙ୍ଗନୱାଡ଼ି କେନ୍ଦ୍ର (୨୨%)କୁ ଟ୍ୟାପ ଜଳ ଯୋଗାଣ କରାଯାଇଛି । ଆସନ୍ତା କିଛି ମାସ ମଧ୍ୟରେ ଅବଶିଷ୍ଟ ବିଦ୍ୟାଳୟ, ଆଶ୍ରମ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ର ସମେତ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ କେନ୍ଦ୍ର, ଗ୍ରାମପଂଚାୟତ ଅଟ୍ଟାଳିକା, ଆରୋଗ୍ୟ କେନ୍ଦ୍ର ଆଦିରେ ଟ୍ୟାପ ଜଳ ଯୋଗାଣ ସହିତ ଉନ୍ନତ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଓ ପରିଚ୍ଛନ୍ନତାରେ ସୁଧାର ଆଣିବା ନିମନ୍ତେ ପଦକ୍ଷେପ ନେବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟକୁ କୁହାଯାଇଛି । ଜଳ ଜୀବନ ମିଶନ ଅନ୍ତର୍ଗତ ଜଳ ସଂକଟଗ୍ରସ୍ତ କ୍ଷେତ୍ର, ଜଳ ଗୁଣବତା ଭଲ ନଥିବା ଗ୍ରାମ, ଆକାଂକ୍ଷୀ ଜିଲ୍ଲା, ଏସସି/ଏସଟି ବହୁଳ ଗ୍ରାମ ଏବଂ ସାଂସଦ ଆଦର୍ଶ ଗ୍ରାମ ଯୋଜନା ପ୍ରତି ଗୁରୁତ୍ୱାରୋପ କରିବା ଲାଗି ରାଜ୍ୟଗୁଡ଼ିକୁ କୁହାଯାଇଛି । ଜଳ ଗୁଣବତା ଅନୁଧାନ ଓ ନିରୀକ୍ଷଣ କାର୍ଯ୍ୟକଳାପଗୁଡ଼ିକୁ ପ୍ରାଥମିକତା ଦିଆଯିବ । ଏଥିପାଇଁ ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ପଂଚାୟତି ରାଜ ସଦସ୍ୟ, ବିଦ୍ୟାଳୟ ଶିକ୍ଷକ ଆଦିଙ୍କୁ ନିୟୋଜିତ କରାଯିବ । ସେମାନଙ୍କୁ ଫିଲ୍ଡ ଟେଷ୍ଟ କିଟ୍ସ ଜରିଆରେ ଦୂଷିତ ଅଂଚଳରୁ ଜଳ ନମୁନା ସଂଗ୍ରହ ପାଇଁ ପ୍ରଶିକ୍ଷଣ ଦିଆଯିବ । ରାଜ୍ୟଗୁଡ଼ିକ ଜଳ ନମୁନା ପରୀକ୍ଷାଗାରଗୁଡ଼ିକର ଉନ୍ନତିକରଣ ଏବଂ ଏନଏବିଏଲ ମାନ୍ୟତା ସୁରକ୍ଷିତ କରିବାର ଆବଶ୍ୟକତା ରହିଛି । ଏହି ପରୀକ୍ଷାଗାର ଜନସାଧାରଣଙ୍କ ପାଇଁ ଖୋଲା ରହିବା ଉଚିତ୍ ଯାହାଫଳରେ ସେମାନେ ଜଳ ନମୁନା ଅଳ୍ପ ଖର୍ଚ୍ଚରେ ପରୀକ୍ଷା କରାଇପାରିବେ । ଜଳ ଜୀବନ ମିଶନରେ ଗୋଷ୍ଠୀଗତ ସମ୍ପୃକ୍ତିକୁ ବିଶେଷ ଗୁରୁତ୍ୱାରୋପ କରାଯାଇଛି । ଏହାକୁ ହାସଲ କରିବା ଲାଗି, ରାଜ୍ୟ ସରକାର ଏଥିପାଇଁ ସହାୟକ କାର୍ଯ୍ୟକଳାପ ଯେପରିକି ଗ୍ରାମୀଣ ଜଳ ଓ ସ୍ୱଚ୍ଛତା ସମିତି, ପାଣି ସମିତିକୁ ସୁଦୃଢ଼ କରିବା ଆବଶ୍ୟକ ଏବଂ ଆସନ୍ତା ପାଂଚ ବର୍ଷ ମଧ୍ୟରେ ଗ୍ରାମୀଣ କାର୍ଯ୍ୟ ଯୋଜନାକୁ ବିକଶିତ କରିବା ଉଚିତ୍ । ଏଥିପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ଲାଗି ପଦକ୍ଷେପ ନିଆଯିବା ଆବଶ୍ୟକ । ବର୍ତ୍ତମାନ ରାଜ୍ୟର ୪୭,୪୧୨ ଗ୍ରାମ ମଧ୍ୟରୁ ମାତ୍ର ୧୧୮୪ ଗ୍ରାମରେ ଗ୍ରାମୀଣ ଜଳ ଓ ସ୍ୱଚ୍ଛତା ସମିତି କିମ୍ବା ପାଣି ସମିତି ରହିଛି । ଏହି ଗୋଷ୍ଠୀଗୁଡ଼ିକର ଗ୍ରାମୀଣ ସ୍ତରରେ ଯୋଜନା, କାର୍ଯ୍ୟକାରିତା, ପାଂଚ ବର୍ଷୀୟ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଜଳଯୋଗାଣ ବ୍ୟବସ୍ଥାର ପରିଚାଳନା ଓ ରକ୍ଷଣାବେକ୍ଷଣରେ ମଧ୍ୟ ଏମାନଙ୍କର ପ୍ରମୁଖ ଭୂମିକା ରହିଛି । ଏମାନଙ୍କ ଜରିଆରେ ରାଜ୍ୟର ପ୍ରତ୍ୟେକ ପରିବାର ବିଶେଷ କରି ଜଳସଙ୍କଟଗ୍ରସ୍ତ ପଶ୍ଚିମ ଓଡ଼ିଶାରେ ସବୁ ପରିବାର ନିକଟରେ ସ୍ୱଚ୍ଛ ଟ୍ୟାପ ଜଳଯୋଗାଣ ସୁନିଶ୍ଚିତ ହୋଇପାରିବ ।

## ଦିଲ୍ଲୀରେ କାଲିଠୁ ଖୋଲିବ ସ୍କୁଲ ....

ସାଧାରଣ ଭାବେ ଶିକ୍ଷାନୁଷ୍ଠାନ ଖୋଲିବାକୁ ଅନୁମତି ମିଳିନାହିଁ । କୌଣସି ପ୍ରକାର ପ୍ରଶିକ୍ଷଣ ଉପରେ କଟକଣା କୋହଳ କରାଯିବା ସହ ଡିଡିଏମଏ ର ଅନୁମତିକୁ ଅନାବଶ୍ୟକ କରାଯାଇଛି । ଏକାଡେମିକ ସମାବେଶକୁ ଅନୁମତି ଦିଆଯାଇଛି । ଯେପରିକି ଗୋଟିଏ କାର୍ଯ୍ୟ, ବକ୍ତୃତା କିମ୍ବା ଏଜୁକେଶନାଲ ଟେନିଂ ପାଇଁ କଟକଣା କୋହଲ କରାଯାଇଛି । କହିରଖୁ କି ଶନିବାର ଦିନ ରାଜଧାନୀ ଦିଲ୍ଲୀରେ ୭୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏହାସହ କେବଳ ଜଣଙ୍କର ମୃତ୍ୟୁ ହୋଇଛି । ଏହି କ୍ରମରେ ରାଜ୍ୟରେ ସଂକ୍ରମଣ ହାର ୦.୦୯ ପ୍ରତିଶତକୁ ହ୍ରାସ ପାଇଛି । ସୂଚନା ଥାଉକି କରୋନାର ଦ୍ୱିତୀୟ ଲହରରେ ରାଜଧାନୀ ଦିଲ୍ଲୀ ପୁରା ବେହାଲ ହୋଇପଡିଥିଲା । ଏହାସହ ଏତେ ଛୋଟ ରାଜ୍ୟ ହୋଇ ବି କରୋନା ସଂକ୍ରମଣରେ ୨୦.୦୧୨ ଜଣଙ୍କର ମୃତ୍ୟୁ ହୋଇଛି ।

## ଟେରର୍ ଫଣ୍ଡିଂ ମାମଲାରେ ଏନଆଇଏ ....

୪ ଜଣ, ବଡ଼ଗାମ୍ ର ୩ ଜଣ ଏବଂ ବାରାମୁଲା, ଶ୍ରୀନଗର, ପୁଲବାମା ଓ କୁପବାଡ଼ାରୁ ଜଣେ ଲେଖାଏଁ ରହିଛନ୍ତି । ଏମାନଙ୍କ ମଧ୍ୟରୁ ଶିକ୍ଷା ବିଭାଗରେ ୪ ଜଣ, ଜମ୍ମୁ- କାଶ୍ମୀର ପୋଲିସରେ ୨ ଜଣ ଏବଂ କୃଷି, କୌଶଳ ବିକାଶ, ବିଦ୍ୟୁତ, ଏସକେଆଇଏମଏସ ଏବଂ ସ୍ୱାସ୍ଥ୍ୟ ବିଭାଗରେ ଜଣେ ଲେଖାଏଁ କାର୍ଯ୍ୟରତ ଥିଲେ ।

## ଲକ୍ଷ୍ନୌରୁ ୨ ଆତଙ୍କବାଦୀ ଗିରଫ ....

ନସୀରୁଦ୍ଦିନ । ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ପୋଲିସ ଅଧିକାରୀ ପ୍ରଶାନ୍ତ କୁମାର କହିଛନ୍ତି କି ଏଟିଏସ ୟୁପିର ଏକ ବଡ ଆତଙ୍କବାଦୀ ଯୋଜନାର ପର୍ଦ୍ଦାଫାସ୍ କରିଛି । ଗିରଫ୍ ହୋଇଥିବା ୨ଜଣ ଅଲକାଏଦାର ଅଂସାର ଗଜ୍ୱବା-ଓଲ ହିନ୍ଦ ସଂଗଠନ ସହିତ ଜଡିତ । ଏହାସହ ସେମାନେ ରହିଥିବା ଘରୁ ଅସ୍ତ୍ର ଶସ୍ତ୍ର ସହ ପ୍ରେସର କୁକର ବୋମା ଓ ବିସ୍ଫୋଟକ ସାମଗ୍ରୀ ଜବତ କରାଯାଇଛି । ଅନ୍ୟପଟେ ଗିରଫ ଆତଙ୍କବାଦୀମାନଙ୍କୁ ରିମାଣ୍ଡରେ ନିଆଯାଇଛି । କହିରଖୁ କି ୟୁପି ଏଟିଏସକୁ ସୂଚନା ମିଳିଥିଲା କି କାକୋରୀ ସ୍ଥିତ ଏକ ଘରେ କିଛି ଆତଙ୍କବାଦୀ ଲୁଚି ରହିଛନ୍ତି । ଏହାପରେ ଏଟିଏସ୍ ପକ୍ଷରୁ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା । ଏହି ଅପରେଶନରେ ସ୍ଥାନୀୟ ପୋଲିସ ସହ ବୋମା ନିଷ୍କ୍ରୀୟକାରୀ ଦଳ ବି ସହାୟତା କରିଥିଲେ ।

## କାନ୍ଦାହାର ବାଣିଜ୍ୟ ଦୂତାବାସରୁ ....

ସୂଚନା ମୁତାବକ ତାଲିବାନ ଇରାନ ସହିତ ଲାଗିରହିଥିବା ପ୍ରମୁଖ ସୀମା ସହିତ ଆଫଗାନିସ୍ଥାନର ୮୫ ପ୍ରତିଶତ ଦଖଲ କରିନେଇଥିବା ଦାବି କରିଛି । ଏପଟେ ୨୦ ବର୍ଷ ପରେ ଆମେରିକା ତାର ସୈନ୍ୟ ପ୍ରତ୍ୟାହାର କରି ନେଇଛି ।

## ହୀରାକୁଦରୁ ଛଡାଗଲା ବର୍ଷର....

ଶିକ୍ଷାନୁଷ୍ଠାନଗୁଡ଼ିକ ୨୭୨ କ୍ୟୁସେକ ପାଣି ନେଉଥିବା ହୀରାକୁଦ ବନ୍ଧ ନିୟନ୍ତ୍ରଣ କକ୍ଷ ସୂତ୍ରରୁ ପ୍ରକାଶ । ଗତ ବର୍ଷ ଜୁନ୍ ୨୬ରେ ସେହି ବର୍ଷର ପ୍ରଥମ ବନ୍ୟା ଜଳ ନିଷ୍କାସନ ହୋଇଥିବା ସେତେବେଳେ ଜଳସ୍ତର ୬୧୮ ଫୁଟ୍ ରହିଥିଲା । ଆସନ୍ତାକାଲି ଦିନ ୧୧ଟାରେ ହୀରାକୁଦ ଜଳଭଣ୍ଡାର ଜଳସ୍ତର ୬୦୯.୫୦ ଫୁଟ୍ ?ରେ ପହଂଚିବା ବୋଲି ଆକଳନ କରାଯାଉଛି ।

# ଗୋଟିଏ ଦିନରେ ୨୨୮୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୧/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୨୮୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୩୯୭୫୨ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୦୯୬୩୯ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୨୫୪୬୧ ରହିଛି । ଆଜି ଚିହ୍ନଟ ହୋଇଥିବା ୨୨୮୨ ଜଣଙ୍କ ମଧ୍ୟରୁ ୧୩୧୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୯୬୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୫୯୨ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୬୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୪୬ ଜଣ, ବରଗଡ଼ରୁ ୧୭ ଜଣ, ଭଦ୍ରକରୁ ୭୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧୦, କଟକରୁ ୨୮୯, ଦେବଗଡ ଜିଲ୍ଲାରୁ ୬ ଜଣ, ଢେଙ୍କାନାଳ ଜିଲ୍ଲାରୁ ୫୫ ଜଣ, ଗଜପତି ଜିଲ୍ଲାରୁ ୮ , ଗଞ୍ଜାମରୁ ୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୭୩ ଜଣ, ଯାଜପୁରରୁ ୧୧୧ ଜଣ, ଝାରସୁଗୁଡ଼ାରୁ ୧୧ ଜଣ, କଳାହାଣ୍ଡିରୁ ୧୨ ଜଣ, କନ୍ଧମାଳ ଜିଲ୍ଲାରୁ ୨୦ ଜଣ. କେନ୍ଦ୍ରାପଡ଼ାରୁ ୬୨ ଜଣ, କେନ୍ଦୁଝରରୁ ୫୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୫୯୨ ଜଣ, କୋରାପୁଟରୁ ୪୦ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୩୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୪୧ ଜଣ, ନବରଙ୍ଗପୁରରୁ ୧୨ ଜଣ, ନୟାଗଡ଼ରୁ ୮୩ ଜଣ, ନୂଆପଡ଼ାରୁ ୦୨ ଜଣ, ପୁରୀରୁ ୧୨୭ ଜଣ, ରାୟଗଡ଼ାରୁ ୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୮ ଜଣ, ସୋନପୁରରୁ ୦୭ ଜଣ, ସୁନ୍ଦରଗଡ଼ରୁ ୬୭ ଜଣ ଓ ଷ୍ଟେଟ୍ ପୁଲରୁ ୧୧୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ମୟୂରଭଞ୍ଜ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାରିପଦାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ



ବାରିପଦା,୧୧/୦୭ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାରିପଦାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା ଦୌରା ଜଜ୍ କାର୍ଯ୍ୟାଳୟ ପରିସରରେ ତା.୧୦.୦୭.୨୦୨୧ ରିଖରେ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ, ମୟୂରଭଞ୍ଜ ଶ୍ରୀ ପ୍ରଦୀପ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକ ଅଦାଲତରେ ପ୍ରି ଲିଟିଗେସନ୍ ସମ୍ବନ୍ଧୀୟ ୨୯୬ ଟି ବ୍ୟାଙ୍କ ଋଣ ଆଦାୟ ମାମଲା ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ୪୯ ଲକ୍ଷ ୪୧ ହଜାର ୮୪୯ ଟଙ୍କା ଆଦାୟ କରାଯାଇଥିବା ବେଳେ ସେହିପରି ବକେୟା ଥିବା ବିଭିନ୍ନ ଶ୍ରେଣୀ ଭୁକ୍ତ ମାମଲା ମଧ୍ୟରେ ଫୌଜଦାରୀ ୧ ଟି, ଏନ୍ଆଇ ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୯ ଟି ମାମଲା, ବ୍ୟାଙ୍କ ଋଣ ଆଦାୟ ୭ଟି ମାମଲା, ଏମ୍ଏସିଟି ମାମଲା ୧୧ଟି, ବୈବାହିକ ବିବାଦ ୬ଟି, ଅନ୍ୟାନ୍ୟ ଦେୱାନୀ ମାମଲା ୧୦ଟି ଓ ଅନ୍ୟାନ୍ୟ ୨ ଟି ଫୌଜଦାରୀ ମାମଲା ସମେତ ମୋଟ ୪୦ଟି ମାମଲାର ଫଇସଲା କରାଯାଇ ୧କୋଟି ୨୧ଲକ୍ଷ ୬୩ ହଜାର ଟଙ୍କା ଆଦାୟ କରାଯାଇଥିବା ବେଳେ ସର୍ବମୋଟ୍ ୩୩୬ଟି ଉପରୋକ୍ତ ବିଭିନ୍ନ ମାମଲାର ଫଇସଲା ହୋଇ, ସର୍ବମୋଟ ୧ କୋଟି ୭୧ଲକ୍ଷ ୪ ହଜାର ୮୪୯ ଟଙ୍କା ଆଦାୟ ହୋଇଥିବା ଜଣାପଡିଛି । ଅନୁଷ୍ଠିତ ଏହି ଲୋକ ଅଦାଲତରେ ପିଏଲଏ ଚେୟାର ପର୍ଶନ ବିଜୟ କୁମାର ମିଶ୍ର, ସତନ୍ତ ଭିଜିଲାନ୍ସ ଜଜ୍ ଶ୍ରୀ ପ୍ରଣବ କୁମାର ପାତ୍ର, ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ (ପ୍ରଥମ) ଚୌଧୁରୀ ପ୍ରବୀର କୁମାର, ଏଡିଜେ ତଥା ସତନ୍ତ ପୋକ୍ସୋ ଅଦାଲତ ଶ୍ରୀ ମହେନ୍ଦ୍ର କୁମାର ସୁତ୍ରଧର, ସିଜେଏମ୍ ଡ. ଦୀପକ ରଞ୍ଜନ ସାହୁ, ରେଜିଷ୍ଟ୍ରାର୍ ସିଭିଲ୍ କୋର୍ଟ ସୁଦୀପ କୁମାର ଦାସ, ସେକ୍ରେଟାରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୌମ୍ୟରୂପ ସାହୁ, ସନିୟର ସିଭିଲ୍ ଜଜ୍ ଲିଲିପ୍ସା ପୃଷ୍ଟି, ସିନିୟର ସିଭିଲ୍ ଜଜ୍ (ଏଲ୍ଆର୍) ମିସ୍ ଦୀପା ଦାସ, ଅତିରିକ୍ତ ସିନିୟର ବରିଷ୍ଠ ସିଭିଲ୍ ଜଜ୍ ଶ୍ରୀ ଅପୂର୍ବ ଚୌଧୂରୀ, ଅତିରିକ୍ତ ବରିଷ୍ଠ ସିଭଲ୍ ଜଜ୍ ମିସ୍ ଦେବଶ୍ରୀ ସାହୁ, ଜେଏମଏଫସି ଅନନ୍ୟା ଅପରିମିତା, ଜେଏମଏଫସି ସଂଘମିତ୍ରା ଦ୍ୱିବେଦୀ, କୋର୍ଟ ମେନେଜର ମଳୟ କୁମାର ଗିରି ପ୍ରମୁଖଙ୍କ ତତ୍ୱାବଧାନ କ୍ରମେ ସଂପୃକ୍ତ କୋର୍ଟରେ ଆଗତ ହୋଇଥିବା ମାମଲା ଗୁଡିକର ଫଏସଲା ହୋଇଥିଲା । ଉକ୍ତ ଅନୁଷ୍ଠିତ ଲୋକ ଅଦଲତରେ ସରକାରୀ ଅଧିବକ୍ତା ଶ୍ରୀ ହିମାଂଶୁ ପାଣିଗ୍ରାହୀ ଓ ସ୍ଥାନୀୟ ଆଇନଜୀବୀ ଉପସ୍ଥିତ ରହି କାର୍ଯ୍ୟ ତୁଲାଇଥିଲେ । ଏଥିରେ ବିଭିନ୍ନ ରାଷ୍ଟ୍ରାୟତ / ଘରୋଇ ବ୍ୟାଙ୍କର ବ୍ୟାଙ୍କ ଅଧିକାରୀ / ସଂପୃକ୍ତ ବିଭାଗ ଅଧିକାରୀ ତଥା କର୍ମଚାରୀ ମାନେ ସହଯୋଗ କରିଥିଲେ ।

## ସ୍ୟାଣ୍ଡ୍ ଆନିମେସନରେ ତିନି ରଥ

ପୁରୀ,୧୧/୦୭ (ନି.ପ୍ର): ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ର ଅବ୍ୟବହିତ ପୂର୍ବରୁ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ସ୍ୟାଣ୍ଡ ଆନିମେସନ ରେ ଦାରୁ ବ୍ରହ୍ମ ମାନଙ୍କ ସମେତ ତିନି ରଥ କୁ ଚିତ୍ରଣ କରୁଛନ୍ତି । ସେ ତାଙ୍କର ଏହି ସ୍ୟାଣ୍ଡ ଆନିମେସନ ଜରିଆରେ ଜଗନ୍ନାଥ ପ୍ରେମୀ ମାନଙ୍କୁ ରଥଯାତ୍ରା ର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି । ଏହି ସ୍ୟାଣ୍ଡ ଆନିମେସନ ପ୍ରସ୍ତୁତ ଲାଗି ତାଙ୍କୁ ୨ଘଂଟା ସମୟ ଲାଗିଥିବା ମାନସ କୁମାର ସାହୁ କହିଛନ୍ତି ।

## ରଥାରୂଢ ଜୀଉଙ୍କୁ ଦର୍ଶନ କରିବେ ଜଗତ୍‌ଗୁରୁ

ପୁରୀ,୧୧/୦୭ (ନି.ପ୍ର): ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ଆଜି ଗୋବର୍ଦ୍ଧନ ପୀଠ କୁ ଯାଇ ଜଗତ୍‌ଗୁରୁ ନିଶ୍ଚଳାନନ୍ଦ ସରସ୍ୱତୀ ଙ୍କୁ ରଥାରୂଢ ଶ୍ରୀଜିଉ ମାନଙ୍କୁ ଦର୍ଶନ କରିବା ପାଇଁ ଅନୁରୋଧ କରିଛନ୍ତି । ଜଗତ୍‌ଗୁରୁ ତାଙ୍କ ଅନୁରୋଧ ରକ୍ଷା କରିଛନ୍ତି । ସେ ତାଙ୍କର ୬ ଜଣ ଶିଷ୍ୟ ଙ୍କ ସହିତ ରଥ ନିକଟକୁ ଆସି ଶ୍ରୀଜିଉ ମାନଙ୍କୁ ଦର୍ଶନ କରିବେ ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି । ରଥଯାତ୍ରା କୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ଲାଗି ଜଗତ୍‌ଗୁରୁ ତାଙ୍କୁ ପରାମର୍ଶ ଦେଇଛନ୍ତି । ଏଥି ସହିତ କୋଭିଡ୍ ଜନିତ ପରିସ୍ଥିତି ଯୋଗୁଁ ଲୋକମାନେ ଘରେ ରହି ଟିଭି ରେ ରଥଯାତ୍ରା ଦେଖିବା ଲାଗି ଜଗତ୍‌ଗୁରୁ ସାଧାରଣ ଜନତା ଙ୍କୁ ପରାମର୍ଶ ଦେଇଛନ୍ତି ।

# କବି ହରନାରାୟଣ ମିଶ୍ରଙ୍କ କବିତା ପୁସ୍ତକ "ଶୁଭାନ୍ୱିତା" ଲୋକାର୍ପିତ



ବାରିପଦା,୧୧/୦୭ (ନି.ପ୍ର): ବରିଷ୍ଠ ସାରସ୍ୱତ ସାଧକ କବି ହରିନାରାୟଣ ମିଶ୍ରଙ୍କ ଲିଖିତ କିଶୋର ସାହିତ୍ୟ ଭିତ୍ତିକ କବିତା ପୁସ୍ତକ "ଶୁଭାନ୍ୱିତା" ଲୋକର୍ପିତ ହୋଇଯାଇଛି । ଭର୍ଚୁଆଲ ପଦ୍ଧତିରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବରେ ମୟୂରଭଞ୍ଜ ସାହିତ୍ୟଏ କାଡେମୀର ସଭାପତି ଡ. ସରୋଜ କୁମାର ନାୟକ, ବାରିପଦା ଗୋପବନ୍ଧୁ ସାହିତ୍ୟ ସଂସଦର ସମ୍ପାଦକ ଅମିତାଭମିଶ୍ର, ସୁସାହିତ୍ୟିକ ଅନୁପ କୁମାର ଦାଶ ଯୋଗଦେଇ ପୁସ୍ତକଟିକୁ ଲୋକାର୍ପିତ କରିବା ସହ କବିଙ୍କର ସହନୀୟ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ସୂଚନାଯୋଗ୍ୟ କବି ହରନାରାୟଣ ମିଶ୍ରଙ୍କର ଏଥିପୂର୍ବରୁ ଲିଖିତ ବହୁ ପୁସ୍ତକ ପ୍ରକାଶିତ ହୋଇ ପାଠକୀୟ ସ୍ୱୀକୃତିଲାଭ କରିଛି । କବିଙ୍କର ଲେଖରନୀରୁ ପଦଯାତ୍ରା ସଂକଳନର ଏହାହେଉଛି ଚତୁର୍ଦ୍ଦଶ ସଂସ୍କରଣ ।

# ଆସନ୍ତା ୧୩ତାରିଖ ଦିନ ଟୋକିଓ ଅଲିମ୍ପିକ୍ସ ପାଇଁ ଯାଉଥିବା ଭାରତୀୟ ଦଳ ସହ ବାର୍ତ୍ତାଳାପ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୧/୦୭ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଟୋକିଓ ଅଲିମ୍ପିକ୍ସ ପାଇଁ ଯାତ୍ରା କରିବାକୁ ଥିବା ଭାରତୀୟ କ୍ରୀଡାବିତ୍ ?ମାନଙ୍କ ସହ ଆସନ୍ତା ୧୩ତାରିଖ ଅପରାହ୍ନ ୫ଟାବେଳେ ଭିଡିଓ କନ୍ ?ଫରେନ୍ସିଂ ଜରିଆରେ ମତବିନିମୟ କରିବେ । ଖେଳାଳୀମାନଙ୍କ କ୍ରୀଡାରେ ଅବତୀର୍ଣ୍ଣ ହେବାର ଅବ୍ୟବହିତ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ଏପରି ବାର୍ତ୍ତା ବିନିମୟ ସେମାନଙ୍କୁ ଅଧିକ ଉତ୍ସାହିତ କରିବ । ଟୋକିଓ ନିମନ୍ତେ ଯାତ୍ରା କରୁଥିବା ଖେଳାଳୀମାନଙ୍କ ସୁବିଧା ଓ ଅସୁବିଧା ନେଇ ପ୍ରଧାନମନ୍ତ୍ରୀ ନିକଟରେ ସମୀକ୍ଷା କରିଥିଲେ । କେତେକ ଖେଳାଳୀଙ୍କ ଉତ୍ସାହପଦ ଯାତ୍ରା ସମ୍ପର୍କରେ ପ୍ରଧାନମନ୍ତ୍ରୀ ମଧ୍ୟ 'ମନ୍ କୀ ବାତ' ରେ ଆଲୋଚନା କରିଥିଲେ ଓ ସମଗ୍ର ଦେଶ ଖେଳାଳୀମାନଙ୍କୁ ପୂର୍ଣ୍ଣପ୍ରାଣରେ ସମର୍ଥନ ଜଣାଇବାକୁ ଦେଶବାସୀଙ୍କୁ ନିବେଦନ କରିଥିଲେ । ଏହି ବାର୍ତ୍ତା ବିନିମୟ ସମାରୋହରେ କେନ୍ଦ୍ର ଯୁବବ୍ୟାପାର ଓ କ୍ରୀଡା ମନ୍ତ୍ରୀ ଶ୍ରୀ ଅନୁରାଗ ଠାକୁର, ଯୁବ ବ୍ୟାପାର ଓ କ୍ରୀଡା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନିତୀଶ ପରମାଣିକ ଓ ଆଇନମନ୍ତ୍ରୀ ଶ୍ରୀ କିରନ୍ ରିଜିଜୁ ମଧ୍ୟ ଯୋଗଦେବେ । ୧୮ଟି କ୍ରୀଡା ଶ୍ରେଣୀରେ ୧୨୬ଜଣ କ୍ରୀଡାବିତ୍ ଟୋକିଓ ଅଲିମ୍ପିକ ନିମନ୍ତେ ଯାତ୍ରା କରିବେ । ଏଥର ସବୁଠାରୁ ବଡ ଖେଳାଳୀ ଦଳକୁ ଭାରତ ଅଲିମ୍ପିକ୍ସ ନିମନ୍ତେ ପଠାଉଛି । ମୋଟ ୬୯ଟି କ୍ରମବର୍ଦ୍ଧିଷ୍ଣୁ ଶ୍ରେଣୀରୁ ୧୮ଟିରେ ପ୍ରତିନିଧିତ୍ୱ ମଧ୍ୟ ଦେଶ ପାଇଁ କୌଣସି ଅଲିମ୍ପିକ୍ସ ଦୃଷ୍ଟିରୁ ସର୍ବାଧିକ । ଅଂଶଗ୍ରହଣ କରୁଥିବା କ୍ରୀଡା ପ୍ରଭାଗରେ କେତେକ ସର୍ବପ୍ରଥମ । ପ୍ରଥମଥର ନିମନ୍ତେ ଇତିହାସରେ ଭାରତୀୟ ଅସୀଚାଳନାକାରୀ (ଭାବନୀ ଦେବୀ) ଅଲିମ୍ପିକ୍ସ ନିମନ୍ତେ ଯୋଗ୍ୟତା ହାସଲ କରିଛନ୍ତି । ଅଲିମ୍ପିକ ନିମନ୍ତେ ଯୋଗ୍ୟତା ହାସଲ କରିବାରେ ନୌଚାଳନାରେ ନେତ୍ରା କୁମାରନ୍ ଭାରତର ପ୍ରଥମ ମହିଳା । ସନ୍ତରଣ 'କ' ଶ୍ରେଣୀ ମାନ୍ୟତା ହାସଲ କରି ସଜ୍ଜନ ପ୍ରକାଶ ଓ ଶ୍ରୀହରି ନଟରାଜ ଅଲିମ୍ପିକ୍ସ ନିମନ୍ତେ ଭାରତରୁ ପ୍ରଥମ ସନ୍ତରଣକାରୀ ଭାବେ ଯୋଗ୍ୟତା ହାସଲ କରିଛନ୍ତି ।

# ୩ କେନ୍ଦ୍ରମନ୍ତ୍ରୀଙ୍କୁ ଜଳେଶ୍ୱର ବିଜେପି ପକ୍ଷରୁ ସ୍ୱାଗତ




ଜଳେଶ୍ୱର,୧୧/୦୭ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଲକ୍ଷ୍ମଣନାଥସ୍ଥିତ ଆନନ୍ଦ ପ୍ଲାଜାଠାରେ ନୂତନଭାବେ କେନ୍ଦ୍ର ସରକାରଙ୍କ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଥିବା ୩ଜଣ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଜେପି ପକ୍ଷରୁ ଧନ୍ୟବାଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗତ ବିଧାନସଭା ନିର୍ବାଚନରେ ବିଜେପି ପକ୍ଷରୁ ପାର୍ଥି ହୋଇଥିବା ତଥା ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି ସଭାପତିତ୍ୱ କରି କ୍ୟାବିନେଟ୍‌ରେ ସ୍ଥାନ ପାଇଥିବା ରେଳ ଓ ଆଟିରେ ଅଶ୍ୱିନୀ ବୈଷ୍ଣବ, ଶିକ୍ଷା ଓ ଦକ୍ଷତାରେ ଧର୍ମେନ୍ଦ୍ର ପ୍ରଧାନ ଏବଂ ଆଦିବାସୀ ମଂଗଳ ବିଭାଗର ରାଷ୍ଟ୍ରମନ୍ତ୍ରୀ ଭାବେ ବିଶେଶ୍ୱର ଟୁଡୁଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି । ଜୟନାରାୟଣ ମହାନ୍ତିଙ୍କ ବିଧାୟକତ୍ୱ ସମୟରେ ଅଶ୍ୱିନୀ ବୈଷ୍ଣବ ବାଲେଶ୍ୱର ଜିଲାର ଜିଲାପାଳ ଥିବାରୁ ତାଙ୍କ ସହିତ ବ୍ୟକ୍ତିଗତଭାବେ ଏବେବି ସମ୍ପର୍କ ରହିଛି ଏବଂ ବାଲେଶ୍ୱର ଜିଲାର ବିଶେଷକରି ଜଳେଶ୍ୱର ଦୀଘା ରେଳ ଲାଇନ୍ ଓ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ସଂପର୍କରେ ତାଙ୍କୁ ସୁପାରିଶ କରିବେ ବୋଲି କହିଥିଲେ । ନିର୍ବାଚନପରେ ୨ବର୍ଷ ରାଜନିତୀରୁ ସକ୍ରୀୟତା ନ ଥିବା ସମ୍ପର୍କରେ କେତେକ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ସେ କହିଲେ ସେ ବିଜେପିରେ ଯୋଗ ଦେଲାପରେ ବିଧାନସଭା ନିର୍ବାଚନରେ ବିଜେପିର ଭୋଟ ସଂଖ୍ୟା ୩ ଗୁଣ ବୃଦ୍ଧି ପାଇଥିଲେ ମଧ୍ୟ କେତେକ ଅସନ୍ତୁଷ୍ଟ କର୍ମୀ ତାଙ୍କୁ ହରାଇବାକୁ ଚେଷ୍ଟା କରିଥିଲେ । ପରବର୍ତ୍ତୀ ସମୟରେ ଦଳ ପକ୍ଷରୁ ସେମାନଙ୍କୁ ସସ୍‌ପେଣ୍ଡ କରିବା ବଦଳରେ ସ୍ୱଗତମ୍ କରାଯାଉଥିବାରୁ ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ନିଜକୁ କିଛିଦିନ ପର୍ଯ୍ୟନ୍ତ ଦୂରେଇ ରଖିଥିଲେ । ଏବେ ଧର୍ମେନ୍ଦ୍ର ପ୍ରଧାନ ମନ୍ତ୍ରୀ ରହିଥିବାରୁ ଦଳର କେତେକ ପରିବର୍ତ୍ତନ ହୋଇଛି । ତେଣୁ ଆଜିଠାରୁ ସେ ଅଧିକ ସକ୍ରୀୟ ହୋଇ କାର୍ଯ୍ୟ କରିବା ସହିତ ଆସନ୍ତା ପଂଚାୟତ ଏବଂ ମ୍ୟୁନିସିପାଲଟି ନିର୍ବାଚନରେ ଦଳକୁ ମଜବୁତ୍ କରିବାର ପ୍ରୟାସ ଆରମ୍ଭ କରିଛନ୍ତି ବୋଲି ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଧ୍ରୁବଚରଣ ପାଳ, ଅଭିଜିତ୍ ପ୍ରଧାନ, ଦିବ୍ୟକାନ୍ତ ମହାନ୍ତି, ସୁବ୍ରତ ଘୋଷ, ମାନସ ଦାସ ମହାପାତ୍ର, ଦେବଜିତ୍ ପ୍ରଧାନ, ବୈକୁଣ୍ଠ ଦାସ, ସୁଧାଂଶୁ ସେଖର ଘୋଷ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ବିଶ୍ୱରୂପ ଦାସ, ତରୁଣ ପଟ୍ଟନାୟକ, ଅବଧୁତ ଜେନା, କେଶବ ପ୍ରଧାନ, ନାଥୁରାମ ଅଣ୍ଡିଆ, ଜୟକୃଷ୍ଣ ଅଣ୍ଡିଆ, ଜ୍ୟୋତିର୍ମୟ ନନ୍ଦ, ଅକ୍ଷୟ ଜେନା, ନବୀନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଷ୍ଣୁପ୍ରିୟାଙ୍କୁ ବିକଳାଙ୍ଗ ଓ ବାର୍ଦ୍ଧକ୍ୟ ଭତ୍ତା କେବେ ?



ଜଳେଶ୍ୱର ୧୧/୭(ନି.ପ୍ର) : ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଲୋକଙ୍କ ଉନ୍ନତି ପାଇଁ ମାଳ ମାଳ ଯୋଜନା କରୁଥିବା ବେଳେ ତାହା ବାସ୍ତବରେ ସାଧାରଣ ଲୋକଙ୍କ ପାଖରେ ଅପହଞ୍ଚ । ଗ୍ରାମାଂଚଳର ବହୁ ଅସହାୟ ବୃଦ୍ଧ, ବୃଦ୍ଧା ବିକଳାଙ୍ଗ ଭତ୍ତା ହେଉକି, ବାର୍ଦ୍ଧକ୍ୟ ଭତ୍ତା ହେଉ ସରକାରଙ୍କ ଯୋଜନା ସେମାନଙ୍କ ଲାଗି ଆଜିବି ସାତସପନ ହୋଇଛି । ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ଗଡସାହି ବାଲିଆପାଳ ଗାଁର ବିଷ୍ଣୁପ୍ରିୟା ଦାସ(୬୫) ନିଜର ୭୧ ବର୍ଷିଆ ରୁଗ୍ଣ ସ୍ୱାମୀଙ୍କୁ ନେଇ ଅତି ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି । ଘର ଡିହକୁ ଛାଡିଦେଲେ ଚାଷଜମି ବୋଲି କିଛି ନାହିଁ । ଦୁଇ ଭେଣ୍ଡିଆ ପୁଅ ବାପା ମାଙ୍କ ଭରଣପୋଷଣ କଥା ନ ବୁଝି ସେମାନଙ୍କ ପରିବାର ନେଇ ଅନ୍ୟତ୍ର ରହୁଛନ୍ତି । ବୃଦ୍ଧ ଦମ୍ପତି ସରକାରଙ୍କ ଖାଦ୍ୟ ଯୋଜନାରେ ଚାଉଳ ଗଣ୍ଡାକୁ ଛାଡିଦେଲେ ସେମାନଙ୍କର ଅନ୍ୟ କୌଣସି ରୋଜଗାର ନଥିବାରୁ ଅଧେ ଦିନ ଉପାସରେ ଦିନ ବିତାଉଛନ୍ତି । ପେଟକୁ ନିଅଣ୍ଟ ଥିବା ବେଳେ ରୋଗ, ବୈରାଗକୁ ପଚାରେ କିଏ । ଆଜକୁ ୩୦ବର୍ଷ ପୂର୍ବେ ବିଷ୍ଣୁପ୍ରିୟା ଏକ ଦୂରାରୋଗ୍ୟରେ ଆକ୍ରାନ୍ତ ହୋଇ ବିକଳାଙ୍ଗ ହୋଇଥିଲେ । ସରକାରଙ୍କ ଠାରୁ ସେ ବିକଳାଙ୍ଗ ପମାଣପତ୍ର ମଧ୍ୟ ପାଇଛନ୍ତି । ୩୦ ବର୍ଷ ବିତିଯାଇଥିଲେ ମଧ୍ୟ ତାଙ୍କୁ ବିକଳାଙ୍ଗ ଭତ୍ତା କିମ୍ବା ବାର୍ଦ୍ଧକ୍ୟ ଭତ୍ତା ମିଳିନଥିବାରୁ ଅତି ଦୟନୀୟ ଅବସ୍ଥାରେ କାଳ କାଟୁଛନ୍ତି । ସ୍ଥାନୀୟ ନିର୍ବାଚନ ପ୍ରତିନିଧିଙ୍କୁ ଗୁହାରି କରିଥିଲେ ମଧ୍ୟ ସେମାନେ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି । ବିଷ୍ଣୁପ୍ରିୟା ଅତ୍ୟନ୍ତ ବାର୍ଦ୍ଧକ୍ୟ ଓ ବିକଳାଙ୍ଗ ହୋଇଥିବାରୁ ଦୀର୍ଘ ୨୫ କି.ମି. ଦୂର ଅତିକ୍ରମକରି ଏ ସମ୍ପର୍କରେ ଜଳେଶ୍ୱର ବିଡିଓଙ୍କ ନିକଟରେ ଅଭିଯୋଗ କରିବା ତାଙ୍କ ପକ୍ଷେ ସମ୍ଭବ ହେଉନଥିବାରୁ ସେ ୱାର୍ଡମେମ୍ବର ଠାରୁ ସରପଂଚ ପର୍ଯ୍ୟନ୍ତ ବାରମ୍ବାର ଗୁହାରି କରିଛନ୍ତି । ତେଣୁ ଅବିଳମ୍ବେ ତାଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି ।




## ପୁରୀ ସହରବାସୀଙ୍କ ସହଯୋଗ ଲୋଡିଲେ ପୁଲିସ ମହାନିର୍ଦ୍ଦେଶକ

ପୁରୀ,୧୧/୦୭ (ନି.ପ୍ର):ପୁଲିସ ମହାନିର୍ଦ୍ଦେଶକ ଅଭୟ ଆଜି ପୁରୀ ଗ୍ରସ୍ତ ରେ ଆସି ରଥଯାତ୍ରା ପାଇଁ ସୁରକ୍ଷା ବ୍ୟବସ୍ଥା ର ସମୀକ୍ଷା କରିଛନ୍ତି । ରଥଯାତ୍ରା ସୁରୁଖୁରୁରେ ସଂପର୍ଣ୍ଣ କରିବା ଲାଗି ସେ ବିଭାଗୀୟ ପୁଲିସ ଅଧିକାରୀ ଓ କର୍ମଚାରୀ ମାନଙ୍କ ସହିତ ଆଲୋଚନା କରିଥିଲେ । ଆଲୋଚନା ସମୟରେ ସମସ୍ତ ପୁଲିସ କର୍ମଚାରି ନିଷ୍ଠା ର ସହିତ ସେମାନଙ୍କର ଦାୟିତ୍ୱ ସଂପାଦନ କରିବା ପାଇଁ ପରାମର୍ଶ ଦେଇଥିଲେ । ପରେ ଆୟୁର୍ବେଦିକ କଲେଜ ଠାରେ ଗଣମାଧ୍ୟମ ଙ୍କୁ ସୂଚନା ଦେଇ ଶ୍ରୀଅଭୟ କହିଥିଲେ ଯେ, ଗତବର୍ଷ ଭଳି ଚଳିତ ବର୍ଷ ମଧ କୋଭିଡ୍ କଟକଣା ମଧ୍ୟରେ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି । ପୁରୀ ସହରବାସୀ ଗତବର୍ଷ ଯେଉଁଭଳି ସହଯୋଗ କରିଥିଲେ ଚଳିତ ବର୍ଷ ମହାପ୍ରଭୁ ଙ୍କ ରଥଯାତ୍ରା ସଂପର୍ଣ୍ଣ ଲାଗି ସମସ୍ତେ ସହଯୋଗ କରିବା ପାଇଁ ସେ ନିବେଦନ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ(ଆଇନ ଶୃଙ୍ଖଳା)ଆରକେ ଶର୍ମା। କେନ୍ଦ୍ରାଂଚଳ ଆଇଜି ନରସିଂହ ଭଲ ଓ ପୁରୀ ଏସପି କେ ବିଶାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

# ଆନନ୍ଦମାର୍ଗ ଆନ୍ତର୍ଜାତୀୟ ରିଲିଫ୍ ଦଳ ପକ୍ଷରୁ ୧୬୫ ଅସହାୟ ପରିବାରଙ୍କୁ ୧୫ ଦିନର ଖାଦ୍ୟ କିଟ୍ ବଣ୍ଟନ



ଭଦ୍ରକ,୧୧/୦୭ (ନି.ପ୍ର): ଆନନ୍ଦମାର୍ଗର ପ୍ରତିଷ୍ଠାତା ପରମ ଆରାଧ୍ୟ ଗୁରୁଦେବ ଶ୍ରୀ ଶ୍ରୀ ଆନନ୍ଦ ମୂର୍ତ୍ତି ଜୀଙ୍କର ପୂଣ୍ୟ ଜନ୍ମ ଶତବାର୍ଷିକୀ ଉତ୍ସବ ପାଳନ ଉପଲକ୍ଷେ ଆନନ୍ଦମାର୍ଗୀ ଅନ୍ତର୍ଜାତୀୟ ରିଲିଫ୍ ଦଳ ଭଦ୍ରକ ପକ୍ଷରୁ ମହାମାରୀ କରୋନାରେ ଜୀବନ ଜୀବିକା ହରାଇ ବିବିଧ ସମସ୍ୟା ମଧ୍ୟରେ ଗତି କରୁଥିବା ଦରିଦ୍ର, ଅସହାୟ, ଭିନ୍ନକ୍ଷମ ପରିବାରଙ୍କୁ ରିଲିଫ୍ ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯାଇଛି । ଏଥି ଉପଲକ୍ଷେ ଏହି ରିଲିଫ୍ ଦଳ ଭଦ୍ରକ ଜିଲାର ଧାମନଗର, ଚାନ୍ଦବାଲି, ବାସୁଦେବପୁର ଓ ତିହିଡି ଭଳି ବ୍ଲକ୍‌ର ବିଭିନ୍ନ ସ୍ଥାନରେ ପହଞ୍ଚି ଶତାଧିକ ଅସହାୟ ଗରିବ ଲୋକଙ୍କୁ ଏହି ଖାଦ୍ୟ ସାମଗ୍ରୀ ପ୍ୟାକେଟ୍ ଯୋଗାଇ ଦେଇଛନ୍ତି । ଏହି କ୍ରମରେ ଆଜି ରିଲିଫ୍ ଟିମ୍‌ରେ ଭଦ୍ରକ ଜିଲା ଆନନ୍ଦମାର୍ଗ ପ୍ରଚାରକ ସଂଘର ସଭାପତି ଜଗନ୍ନାଥ ରାୟ, ଯୁବ ସଂଗଠନର ସଭାପତି ଅସିମାନନ୍ଦ ରାୟଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସଦସ୍ୟ କାହ୍ନୁଚରଣ ସାହୁ, ଶିକ୍ଷାବିତ୍ ବାବୁଲା ରାଉତ, ସମାଜସେବୀ କୃଷ୍ଣଚନ୍ଦ୍ର ବେହେରା, ନିତ୍ୟାନନ୍ଦ ବେହେରା, ଜଗନ୍ନାଥ ବେହେରା,ରାଜେନ୍ଦ୍ର ପ୍ରସାଦ ଦାସ, ଅରୁଣ କୁମାର ରାୟ, ନିତ୍ୟାନନ୍ଦ ଜେନା, ଆଶିଷ ରାଉତ ପ୍ରମୁଖ ଯୋଗଦେଇ ଭଦ୍ରକ ବ୍ଲକ୍‌ର କଲେଇ, ଭଣ୍ଡାରିପୋଖରୀ ବ୍ଲକ୍‌ର ଜଳମଣ୍ଡୁଆ, ଧାମନଗରର କୋରୁଆ, ଦଇପୁର ପଂଚାୟତର ୧୬୫ ପରିବାରଙ୍କୁ ୧୫ଦିନରୁ ରାସନ୍ ସାମଗ୍ରୀ ସହ ଶୁଖିଲା ଖାଦ୍ୟ ଓ ସାନିଟାଇଜର କିଟ୍ ଥିବା ରିଲିଫ୍ ପ୍ୟାକେଟ୍ ପ୍ରଦାନ କରାଯାଇଥିଲା । ଏହି ରିଲିଫ୍ ଶିବିରଟି କଲେଇ ପଂଚାୟତର ଚୁନିଦାସ୍ଥିତ ମା' କ୍ଷେତ୍ରବାସିନୀ ପୀଠ ପରିସରରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ନମିତା ଦାସ, ସ୍ୱୟଂପ୍ରଭା ଧଳ, ବିନୀତା ପରିଡା, ପ୍ରବୀର ପରିଡା, ପାୟଲ ମହାରଣା, ପ୍ରିୟଙ୍କା ପରିଡା ପ୍ରମୁଖ ସହଯୋଗ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo